Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 210
Tuesday, 06 October 2026
Balasore, Page : 8, ₹ 2/
ବାଲେଶ୍ୱର, ମଙ୍ଗଳବାର, ୦୬ ଅକ୍ଟୋବର, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

୮ ବର୍ଷ ପରେ କ୍ୟାମ୍ପସକୁ ଫେରିଲା 'ଇଲେକ୍ସନ'

ଭୁବନେଶ୍ୱର, ୫/୧୦ (ଆ.ପ୍ର) : ପ୍ରାୟ ୮ ବର୍ଷ ପରେ କଲେଜ କ୍ୟାମ୍ପସରେ 'ନିର୍ବାଚନ' ହେବ । ରାଜ୍ୟର ସମସ୍ତ କଲେଜ ଓ ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ଶାନ୍ତିପୂର୍ଣ୍ଣ ଭାବେ ପରିଚାଳନା କରିବା ପାଇଁ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆଜି ଗାଇଡଲାଇନ୍ ଜାରି କରାଯାଇଛି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ସାଧାରଣ ଭାବେ ନିର୍ବାଚନ ଅନୁଷ୍ଠିତ ହେବ । ମାତ୍ର ଯେଉଁ ନିର୍ଦ୍ଦିଷ୍ଟ କଲେଜ ବା ବିଶ୍ୱବିଦ୍ୟାଳୟରେ ପରିସ୍ଥିତି ସ୍ୱାଭାବିକ ନଥିବ କିମ୍ବା ଛାତ୍ରସଂସଦ ନିର୍ବାଚନ ପାଇଁ ଅନୁକୂଳ ବାତାବରଣ ନଥିବ, ସେଠାରେ କର୍ତ୍ତୃପକ୍ଷ ଆବଶ୍ୟକସ୍ଥଳେ 'ଇଲେକ୍ସନ' ପରିବର୍ତ୍ତେ 'ସିଲେକ୍ସନ' ବା ମନୋନୟନ ପ୍ରକ୍ରିୟା ଆପଣାଇପାରିବେ । ଅକ୍ଟୋବର ୧୫ ତାରିଖରେ ଛାତ୍ରସଂସଦ ନିର୍ବାଚନ ପାଇଁ ଆସନ୍ତା ୭ ତାରିଖରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବା କ୍ଷଣି ସମସ୍ତ କ୍ୟାମ୍ପସରେ ଆଚରଣବିଧି କଡ଼ାକଡ଼ି ଭାବେ ଲାଗୁ ହେବ ଓ ଏହା ଅକ୍ଟୋବର ୧୬ ତାରିଖ ପର୍ଯ୍ୟନ୍ତ ବଳବତର ରହିବ । ୨୦୧୭ ମସିହାରେ ଶେଷଥର ପାଇଁ ଓଡ଼ିଶାରେ ଛାତ୍ରସଂସଦ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଆଜି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଛାତ୍ରସଂସଦ ନିର୍ବାଚନ ପାଇଁ କାର୍ଯ୍ୟସୂଚୀ ଜାରି ହେବା ସହ ରାଜ୍ୟର ସମସ୍ତ ସ୍ୱୟଂଶାସିତ, ସରକାରୀ ଓ ଅନୁଦାନପ୍ରାପ୍ତ ଡିଗ୍ରୀ କଲେଜ ସମେତ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶାନ୍ତିପୂର୍ଣ୍ଣ ଓ ଅପରାଧମୁକ୍ତ ଛାତ୍ର ସଂସଦ ନିର୍ବାଚନ ପରିଚାଳନା ପାଇଁ ଉଚ୍ଚଶିକ୍ଷା ବିଭାଗ କଠୋର ଅଭିମୁଖ୍ୟ ଓ ନିୟମ ଗ୍ରହଣ କରିଛି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଆଧାର କରି ଛାତ୍ର ରାଜନୀତିରୁ ରାଜନୈତିକ ଦଳଗୁଡ଼ିକର ହସ୍ତକ୍ଷେପକୁ ସମ୍ପୂର୍ଣ୍ଣ ଦୂରେଇ ରଖିବା ସହ କ୍ୟାମ୍ପସରେ କୌଣସି ବାହାର ବ୍ୟକ୍ତିଙ୍କ ପ୍ରବେଶ ଉପରେ କଡ଼ା ପ୍ରତିବନ୍ଧକ ଲଗାଯାଇଛି । ଏହାସହିତ ଉଚ୍ଚଶିକ୍ଷା ବିଭାଗ ସ୍ପଷ୍ଟ କରିଛି ଯେ, ଯେଉଁ ନିର୍ଦ୍ଦିଷ୍ଟ କଲେଜ ବା ବିଶ୍ୱବିଦ୍ୟାଳୟର ପରିବେଶ ନିର୍ବାଚନ ପରିଚାଳନା ପାଇଁ ଅନୁକୂଳ ନଥିବ ଓ ପରିସ୍ଥିତି ଅତ୍ୟନ୍ତ ଗୁରୁତର ଥିବ, ସେଠାରେ ଷ୍ଟାଫ୍ କମିଟି କିମ୍ବା ସିଣ୍ଡିକେଟ କାଉନସିଲର ଆକଳନ ଭିତିରେ କର୍ତ୍ତୃପକ୍ଷ କେବଳ ସେହି ନିର୍ଦ୍ଦିଷ୍ଟ ଶିକ୍ଷାନୁଷ୍ଠାନ ପାଇଁ ଛାତ୍ର ସଂସଦ ନିର୍ବାଚନ ବଦଳରେ ମନୋନୟନ ପ୍ରକ୍ରିୟା ଗ୍ରହଣ କରିପାରିବେ । ଛାତ୍ରସଂସଦ ନିର୍ବାଚନ ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆଜି ଜାରି ଗାଇଡଲାଇନରେ ସୁପ୍ରିମକୋର୍ଟଙ୍କ ରାୟକୁ କଡ଼ାକଡ଼ି ପାଳନ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । କେବଳ ସାମସ୍ ମାଧ୍ୟମରେ ନାମଲେଖାଇଥିବା ନିୟମିତ ରେଗୁଲାର ଛାତ୍ରଛାତ୍ରୀ ହିଁ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ଓ ଦୂରନିରନ୍ତର ଶିକ୍ଷା ତଥା ପିପିପି ମୋଡରେ ଥିବା ସେଲ୍ଫ ଫାଇନାନ୍ସିଂ ଛାତ୍ରଛାତ୍ରୀଙ୍କୁ ଭୋଟ୍ ଦେବା କିମ୍ବା ନିର୍ବାଚନ ଲଢ଼ିବାରୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି । ନିର୍ବାଚନ ଲଢ଼ିବା ପାଇଁ ଯୁକ୍ତ ତିନି ଡିଗ୍ରୀ ଛାତ୍ରଛାତ୍ରୀଙ୍କ ବୟସ ୧୭ରୁ ୨୨ ବର୍ଷ ଓ ପିଜି ଛାତ୍ରଛାତ୍ରୀଙ୍କ ବୟସ ସର୍ବାଧିକ ୨୫ ବର୍ଷ ହୋଇଥିବା ଜରୁରୀ । ଶ୍ରେଣୀଗୃହରେ ଅତିକମରେ ୭୫ ପ୍ରତିଶତ ଉପସ୍ଥାନ ରହିଥିବ ଓ ନିର୍ବାଚନ ଲଢୁଥିବା ବର୍ଷରେ କୌଣସି ଏକାଡେମିକ୍ ବ୍ୟାକ୍ ପେପର ନଥିବା ବାଧ୍ୟତାମୂଳକ କରାଯାଇଛି । ଜଣେ ପ୍ରାର୍ଥୀ କର୍ମକର୍ତ୍ତା ବା ଅଫିସ୍-ବିଅରର୍ ପଦ ପାଇଁ ଥରେ ଓ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ସର୍ବାଧିକ ଦୁଇଥର ପ୍ରତିଦ୍ୱନ୍ଦ୍ୱିତା କରିପାରିବେ । ପ୍ରାର୍ଥୀଙ୍କ ନାମରେ କୌଣସି ଅପରାଧିକ ରେକର୍ଡ, ବିଚାରାଧୀନ ମାମଲା କିମ୍ବା କଲେଜର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ହୋଇନଥିବ । ପ୍ରାର୍ଥୀଙ୍କ ସମସ୍ତ ତଥ୍ୟ ଏଚଆଇଏମଏସ୍ ପୋର୍ଟାଲରେ ଏଂଟ୍ରି କରିବା ସହ ସରକାରଙ୍କ ଗାଇଡଲାଇନକୁ କଡ଼ାକଡ଼ି ପାଳନ ପାଇଁ ସମସ୍ତ ଅଧ୍ୟକ୍ଷ ତଥା କର୍ତ୍ତୃପକ୍ଷଙ୍କୁ କୁହାଯାଇଛି । ଅର୍ଥବଳ ଓ କୁପ୍ରଚାର ଉପରେ କଟକଣା ଲଗାଇ ଜଣେ ପ୍ରାର୍ଥୀଙ୍କ ସର୍ବାଧିକ ଖର୍ଚ୍ଚ ସୀମା ୫ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି । ଫଳାଫଳ ପ୍ରକାଶର ଦୁଇ ସପ୍ତାହ ଭିତରେ ପ୍ରାର୍ଥୀଙ୍କୁ ଖର୍ଚ୍ଚର ସତ୍ୟପାଠ ଦାଖଲ କରିବାକୁ ପଡ଼ିବ ଓ ତାହା ଦୁଇ ଦିନ ମଧ୍ୟରେ ଏଚଆଇଏମଏସ୍ ପୋର୍ଟାଲ ଜରିଆରେ ସାର୍ବଜନୀନ ହେବ । ପ୍ରଚାର ବେଳେ ପ୍ରିଂଟେଡ୍ ପୋଷ୍ଟର, ପାମ୍ପଲେଟ୍, ଲାଉଡସ୍ପିକର, ଗାଡ଼ି କିମ୍ବା ପଶୁଙ୍କ ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି ଓ କେବଳ କର୍ତ୍ତୃପକ୍ଷ ସ୍ଥିର କରିଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ହାତତିଆରି ପୋଷ୍ଟର ଲଗାଇବାକୁ ଅନୁମତି ରହିଛି । ସୋସିଆଲ ମିଡିଆରେ ଅପଶବ୍ଦ ବ୍ୟବହାର, ବ୍ୟକ୍ତିଗତ ଆକ୍ଷେପ, ଜାତି ଓ ଧର୍ମଗତ ବିଭେଦ ସୃଷ୍ଟି କିମ୍ବା ଏଆଇ-ନିର୍ମିତ ମିଥ୍ୟା ସୂଚନା ପ୍ରସାରଣ ଉପରେ କଟକଣା ଲଗାଯାଇଛି । କ୍ୟାମ୍ପସ ସମ୍ପତି ନଷ୍ଟ, ଶିକ୍ଷାଦାନରେ ବାଧା ସୃଷ୍ଟି କରୁଥିବା ଶୋଭାଯାତ୍ରା କିମ୍ବା କ୍ୟାମ୍ପସ ବାହାରେ ସଭାସମିତି କରିବାକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି । ନିର୍ବାଚନୀ ଆଚରଣବିଧି ବ୍ୟତୀତ ଭାରତୀୟ ନ୍ୟାୟ ସଂହିତା ୨୦୨୩ର ସମସ୍ତ ପ୍ରାସଙ୍ଗିକ ଧାରା ଏଠାରେ ସିଧାସଳଖ ଲାଗୁ ହେବ, ଯେଉଁଥିରେ ବିଭିନ୍ନ ଗୋଷ୍ଠୀ ମଧ୍ୟରେ ଶତ୍ରୁତା ସୃଷ୍ଟି ଓ ସଦ୍‌ଭାବନା ନଷ୍ଟ ସମ୍ପର୍କିତ ବିଏନଏସ୍ ଧାରା ୧୯୬ ଓ ନିର୍ବାଚନ ସମ୍ବନ୍ଧୀୟ ଅପରାଧ ସହ ଜଡ଼ିତ ଅଧ୍ୟାୟ ୯ର ଧାରା ୧୬୯ରୁ ୧୭୭ ପର୍ଯ୍ୟନ୍ତ ସମସ୍ତ ଆଇନଗତ ନିୟମ ସାମିଲ ରହିଛି । ଏଥିସହ କୌଣସି ଗୁରୁତର ତଥା ଅପରାଧିକ ଘଟଣା ଘଟିଲେ ୬ ଘଂଟା ମଧ୍ୟରେ ପୁଲିସ ନିକଟରେ ଏତଲା ଦେବାକୁ କଲେଜ କର୍ତ୍ତୃପକ୍ଷ ବାଧ୍ୟ ରହିବେ । କ୍ୟାମ୍ପସରେ ପରିଷ୍କାର-ପରିଚ୍ଛନ୍ନତା ବଜାୟ ରଖିବାକୁ ମତଦାନ ସରିବାର ୪୮ ଘଂଟା ମଧ୍ୟରେ ନିର୍ବାଚନୀ ଅଂଚଳ ସଫା କରିବା ସମସ୍ତ ପ୍ରାର୍ଥୀଙ୍କ ମିଳିତ ଦାୟିତ୍ୱ ହେବ, ଯାହାର ଖିଲାପ କଲେ ପ୍ରାର୍ଥୀ ପିଛା ୧୫୦୦ଟଙ୍କା ଜୋରିମାନା ସହ ପ୍ରାର୍ଥୀତ୍ୱ ବାତିଲ ହେବାର ପ୍ରାବଧାନ ରହିଛି । ପ୍ରତି କଲେଜ ଓ ବିଶ୍ୱବିଦ୍ୟାଳୟରେ ନିରପେକ୍ଷ ପର୍ଯ୍ୟବେକ୍ଷକ ନିଯୁକ୍ତ ହେବା ସହ ବିବାଦ ସମାଧାନ ପାଇଁ ଛାତ୍ର କଲ୍ୟାଣ ଡିନ୍ ବା ପ୍ରଭାରୀ ଅଧ୍ୟାପକଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ଅଧ୍ୟାପକ, ପ୍ରଶାସନିକ ଅଧିକାରୀ ଓ ଦୁଇ ଜଣ ଶେଷ ବର୍ଷର ଛାତ୍ରଛାତ୍ରୀଙ୍କୁ ନେଇ ଏକ ଅଭିଯୋଗ ନିବାରଣ ସେଲ୍ ଗଠନ କରାଯିବ ।

ପୁନର୍ବିକଶିତ ଅତ୍ୟାଧୁନିକ 'କଳିଙ୍ଗ ଷ୍ଟୁଡିଓ' ଲୋକାର୍ପିତ

ଭୁବନେଶ୍ୱର, ୫/୧୦ (ଆ.ପ୍ର) : ଅତ୍ୟାଧୁନିକ 'କଳିଙ୍ଗ ଷ୍ଟୁଡ଼ିଓ'ର ସୋମବାର ଲୋକାର୍ପଣ ହୋଇଛି । ଏହା ସହିତ ସିନେମା ଐତିହ୍ୟର ସୁରକ୍ଷା ପାଇଁ କଳିଙ୍ଗ ଷ୍ଟୁଡିଓରେ ନିର୍ମିତ ସ୍ୱତନ୍ତ୍ର ଆର୍କାଇଭ୍ ଓ ମ୍ୟୁଜିୟମର ଏବଂ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ନୂତନ ଅଫିସିଆଲ୍ ପୋର୍ଟାଲକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଉନ୍ମୋଚିତ କରିଥିଲେ । ଲୋକାର୍ପଣ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏଣିକି ଓଡ଼ିଆ ଚଳଚ୍ଚିତ୍ର ନିର୍ମାତାମାନଙ୍କୁ ବୈଷୟିକ କାର୍ଯ୍ୟ ପାଇଁ ଆଉ ଅନ୍ୟ ରାଜ୍ୟମୁହାଁ ହେବାକୁ ପଡ଼ିବ ନାହିଁ । ଏଥିରେ ଅନେକ ବିଶ୍ୱସ୍ତରୀୟ ସୁବିଧା ଉପଲବ୍ଧ କରାଯାଇଛି । ଆଗାମୀ ଦିନରେ ଆହୁରି ଅନେକ ଅତ୍ୟାଧୁନିକ ସୁବିଧାର ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଅତ୍ୟାଧୁନିକ ସୁବିଧାରେ ସଜ୍ଜିତ ନୂତନ କଳିଙ୍ଗ ଷ୍ଟୁଡ଼ିଓ ବଦଳୁଥିବା ସମୟ ଏବଂ ଡିଜିଟାଲ୍ ଯୁଗର ଆବଶ୍ୟକତାକୁ ଆଖି ଆଗରେ ରଖି କଳିଙ୍ଗ ଷ୍ଟୁଡ଼ିଓକୁ ଏକ ସ୍ୱୟଂସମ୍ପୂର୍ଣ୍ଣ ଇକୋସିଷ୍ଟମ ଭାବେ ବିକଶିତ କରାଯାଇଛି । ଏଠାରେ ଇନ୍‌ଡୋର୍ ଶୁଟିଂ ଫ୍ଲୋର୍, ସ୍ତୋ-ହାଉସ୍, କ୍ରୋମା ଫ୍ଲୋର୍, ଟେକ୍-ଜୋନ୍, ସାଉଣ୍ଡ ରେକର୍ଡିଂ, ଡବିଂ, ଏଡିଟିଂ ଏବଂ ପୋଷ୍ଟ-ପ୍ରଡକ୍ସନ୍ ପାଇଁ ଅତ୍ୟାଧୁନିକ ବ୍ୟବସ୍ଥା କରାଯାଇଛି । ଏହାବ୍ୟତୀତ ଚଳଚ୍ଚିତ୍ର ଐତିହ୍ୟକୁ ସୁରକ୍ଷିତ ରଖିବା ପାଇଁ ଏକ ସ୍ୱତନ୍ତ୍ର ଆର୍କାଇଭ୍ ଓ ମ୍ୟୁଜିୟମ ମଧ୍ୟ ସ୍ଥାପନ କରାଯାଇଛି, ଯେଉଁଠାରେ ପୁରୁଣା ଫିଲ୍ମ, ପୋଷ୍ଟର, ଫଟୋଗ୍ରାଫ୍ ଏବଂ ଐତିହାସିକ ଦଲିଲଗୁଡ଼ିକୁ ସଂରକ୍ଷିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ରାଜ୍ୟର ପ୍ରତିଭାବାନ ଯୁବପିଢ଼ିଙ୍କ ପ୍ରତି ଗଭୀର ଆଶା ପ୍ରକଟ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଜିର ଯୁବବର୍ଗ ଅଭିନୟ, ନିର୍ଦ୍ଦେଶନା, ସିନେମାଟୋଗ୍ରାଫି, ଆନିମେସନ୍, ସାଉଣ୍ଡ ଡିଜାଇନ୍ ଏବଂ ଡିଜିଟାଲ୍ ପ୍ଲାଟଫର୍ମ ପାଇଁ କାହାଣୀ ଲେଖିବାରେ ବେଶ୍ ଆଗୁଆ ଅଛନ୍ତି । କଳିଙ୍ଗ ଷ୍ଟୁଡ଼ିଓ ସେମାନଙ୍କ ସ୍ୱପ୍ନକୁ ସାକାର କରିବାର ଏକ ପ୍ରମୁଖ ମାଧ୍ୟମ ପାଲଟିବ । ନିଜର ମୌଳିକ କାହାଣୀ, ଲୋକକଥା, ଇତିହାସ ଏବଂ ସାଂସ୍କୃତିକ ପୃଷ୍ଠଭୂମିକୁ ଆଧାର କରି ସିନେମା ନିର୍ମାଣ କରିବାକୁ ସେ ଆହ୍ୱାନ ଦେଇଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଏକାମ୍ର ବିଧାୟକ ବାବୁ ସିଂ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, କୋରେଇ ବିଧାୟକ ଆକାଶ ଦାସ ନାୟକ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ କଳିଙ୍ଗ ଷ୍ଟୁଡ଼ିଓର ପରିଚାଳନା ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

'ବଦଳାଯାଇଥିବା ଫର୍ମ-୬କୁ ଆମେ ମଞ୍ଜୁରି ଦେଇନାହୁଁ'; ସିଜେଆଇ

ନୂଆଦିଲ୍ଲୀ, ୫/୧୦ (ନ୍ୟୁ.ଏ): ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ନିଲମ୍ବିତ କରିବା ଦାବିରେ ଦାଖଲ ହୋଇଥିବା ଯାଚିକା ଉପରେ ସୋମବାର ସୁପ୍ରିମକୋର୍ଟ ଶୁଣାଣି କରିଛନ୍ତି । ତେବେ ଜ୍ଞାନେଶ କୁମାରଙ୍କୁ ନିଲମ୍ବନ କରିବା ସମ୍ପର୍କିତ ଯାଚିକା ଉପରେ କୌଣସି ଅନ୍ତରୀଣ ଆଦେଶ ଦେବାକୁ କୋର୍ଟ ମନା କରିଛନ୍ତି । ଏହି ଯାଚିକାରେ ସିଇସିଙ୍କ କାର୍ଯ୍ୟପ୍ରଣାଳୀ ଏବଂ ଝିଓଜ ପ୍ରକ୍ରିୟା ସହ ଜଡ଼ିତ ତାଙ୍କର ବିଭିନ୍ନ ନିଷ୍ପତି ଉପରେ ପ୍ରଶ୍ନ ଉଠାଯାଇଛି । ମାମଲାରେ ଉଠିଥିବା ଅଭିଯୋଗକୁ ନେଇ ସୁପ୍ରିମକୋର୍ଟ କେନ୍ଦ୍ର ସରକାର ଓ ନିର୍ବାଚନ କମିଶନଙ୍କୁ ନୋଟିସ୍ ଜାରି କରିଛନ୍ତି । ସିଇସି ଜ୍ଞାନେଶ କୁମାରଙ୍କ ବିରୋଧରେ ମାମଲା ଚଳାଇବା ଦାବିରେ ହୋଇଥିବା ଯାଚିକାର ଶୁଣାଣି ସମୟରେ ଉଓିଓ ସୂର୍ଯ୍ୟକାନ୍ତ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି । SIR ସମୟରେ ଭୋଟର ତାଲିକାରେ ନାଁ ସାମିଲ କରିବା ପାଇଁ ବ୍ୟବହୃତ 'ଫର୍ମ-୬'ର କୌଣସି ସଂଶୋଧିତ ରୂପକୁ ସୁପ୍ରିମକୋର୍ଟ ମଞ୍ଜୁରି ଦେଇନଥିବା ସେ ସ୍ପଷ୍ଟ କରିଛନ୍ତି । CJI କହିଛନ୍ତି ଯେ ରେକର୍ଡ କୋର୍ଟରେ ଦାଖଲ ହେବା ପରେ ଫର୍ମ-୬ରେ ସଂଶୋଧନ କିଏ କରିଛି, ତାହା ଦେଖାଯିବ । କିଛି ରାଜ୍ୟରେ ଚାଲିଥିବା ଝିଓଜ ପ୍ରକ୍ରିୟା ପାଇଁ ଅନଲାଇନ୍ ଫର୍ମ-୬ ସହ ଏକ ନୂଆ ଘୋଷଣାପତ୍ର ଯୋଡ଼ାଯାଇଥିଲା । ଏହାକୁ ନେଇ ନିର୍ବାଚନ କମିଶନ ପକ୍ଷରୁ ପୂର୍ବରୁ ଦାବି କରାଯାଇଥିଲା ଯେ ସୁପ୍ରିମକୋର୍ଟ ଏହାକୁ ମଞ୍ଜୁରି ଦେଇଛନ୍ତି । କିନ୍ତୁ ଏହି ନୂଆ ଫର୍ମ-୬ରେ ହୋଇଥିବା ପରିବର୍ତ୍ତନକୁ ନେଇ ବିବାଦ ଦେଖାଦେଇଥିଲା । ଏପରିକି ଦୁଇଜଣ ନିର୍ବାଚନ କମିଶନର ଏହି ପରିବର୍ତ୍ତନ ଉପରେ ଆପତ୍ତି ଉଠାଇଥିବା ଖବର ମଧ୍ୟ ସାମ୍ନାକୁ ଆସିଥିଲା । ଅଭିଯୋଗ ଅନୁଯାୟୀ, 'ଭୋଟର ପଞ୍ଜୀକରଣ ନିୟମ, ୧୯୬୦'ରେ ସଂଶୋଧନ ନକରି ଫର୍ମ-୬ରେ ଏଭଳି ପରିବର୍ତ୍ତନ କରାଯାଇପାରିବ ନାହିଁ । 'ଦ ଇଣ୍ଡିଆନ୍ ଏକ୍ସପ୍ରେସ୍'ର ଏକ ରିପୋର୍ଟ ଅନୁସାରେ, ନିର୍ବାଚନ କମିଶନରଙ୍କ ଆପତ୍ତି ସତ୍ତ୍ୱେ ନୂଆ ଫର୍ମ-୬ ଲାଗୁ କରାଯାଇଥିଲା । ଏହାପରେ ସେପ୍ଟେମ୍ବର ୨୬ରେ ନିର୍ବାଚନ କମିଶନ ଏକ ମିଡିଆ ରିଲିଜ୍ ଜାରି କରି କହିଥିଲେ ଯେ ବିହାର ଝିଓଜ ସମ୍ପର୍କିତ ମେ ୨୦୨୬ର ରାୟରେ ସୁପ୍ରିମକୋର୍ଟ ଫର୍ମ-୬ ସମ୍ପର୍କିତ ଚିଠିକୁ ଠିକ୍ ବୋଲି କହିଥିଲେ । ତେବେ ସୁପ୍ରିମକୋର୍ଟଙ୍କ ଏହି ରାୟ ସମୟରେ ନୂଆ ଫର୍ମ-୬ ଘୋଷଣାପତ୍ରକୁ ଯାଂଚ କରିବାର ସୁଯୋଗ କୋର୍ଟଙ୍କ ପାଖରେ ନଥିଲା । କାରଣ ଏହି ନୂଆ ଫର୍ମ-୬ ରାୟ ପରେ ପ୍ରଚଳିତ ହୋଇଥିଲା । ସୋମବାର ଶୁଣାଣି ସମୟରେ ସିଜେଆଇ ସୂର୍ଯ୍ୟକାନ୍ତ ସ୍ପଷ୍ଟ ଭାବେ କହିଛନ୍ତି ଯେ ସୁପ୍ରିମକୋର୍ଟ କୌଣସି ବଦଳାଯାଇଥିବା ଫର୍ମ-୬କୁ ମଞ୍ଜୁରି ଦେଇନାହାନ୍ତି । ରେକର୍ଡ ଦାଖଲ ହେବା ପରେ ଫର୍ମରେ ପରିବର୍ତ୍ତନ କିଏ କରିଛି, ତାହା କୋର୍ଟ ଯାଂଚ କରିବେ ବୋଲି କହିଛନ୍ତି ।

ଗୋଟିଏ ଦିନରେ ୨୭ ଜଣ ବରିଷ୍ଠ ଓଏଏସ୍ ଅଧିକାରୀଙ୍କ ବଦଳି

ଭୁବନେଶ୍ୱର, ୫/୧୦ (ଆ.ପ୍ର) : ରାଜ୍ୟ ସରକାର ଆଜି (ସୋମବାର) ବରିଷ୍ଠ ଓଏଏସ୍ ଅଧିକାରୀସ୍ତରରେ ବଡ଼ଧରଣର ଅଦଳବଦଳ କରିଛନ୍ତି । ଗୋଟିଏ ଦିନରେ ୨୭ ଜଣ ଉପଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳଙ୍କୁ ବଦଳି କରାଯାଇଛି । ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, କେନ୍ଦ୍ରାଂଚଳ ଆରଡିସିଙ୍କ କାର୍ଯ୍ୟାଳୟର ଅତିରିକ୍ତ କମିସନର ଶୁଭାଶିଷ ମାନସିଂହଙ୍କୁ ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି ହୋଇଛି । ସେହିପରି ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ସଚିବ ବିବେକାନନ୍ଦ ସାହୁଙ୍କୁ ରାଜସ୍ୱ ପର୍ଷଦ ସଦସ୍ୟଙ୍କ ଅଧୀନସ୍ଥ ଅତିରିକ୍ତ ସଂଶୋଧନ ଅଦାଲତ, ଭୁବନେଶ୍ୱରର ଅତିରିକ୍ତ କମିସନର, ଯାଜପୁର ଡେପୁଟି କଲେକ୍ଟର ବାସୁଦେବ ନାୟକଙ୍କୁ କେନ୍ଦ୍ରାଂଚଳ ଆରଡିସିଙ୍କ କାର୍ଯ୍ୟାଳୟର ଅତିରିକ୍ତ କମିସନର (ବନ୍ଦୋବସ୍ତ ଓ ଚକବନ୍ଦୀ), ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ସଚିବ, ରାଜସ୍ୱ ପର୍ଷଦ ସଦସ୍ୟଙ୍କ ଅଧୀନସ୍ଥ ଅତିରିକ୍ତ ସଂଶୋଧନ ଅଦାଲତ, ଭୁବନେଶ୍ୱରର ଅତିରିକ୍ତ କମିସନର ଆଶୁତୋଷ ସାମଲଙ୍କୁ ଓଡ଼ିଶା ମାନବାଧିକାର ଆୟୋଗ ସଚିବ, ପର୍ଯ୍ୟଟନ ବିଭାଗ ଅତିରିକ୍ତ ସଚିବ ସରୋଜ କୁମାର ସ୍ୱାଇଁଙ୍କୁ କଟକ ଉନ୍ନୟନ କର୍ତ୍ତୃପକ୍ଷ ସଚିବ, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରାଙ୍କୁ ଅନୁଗୋଳର ଅତିରିକ୍ତ ଜିଲ୍ଲାପାଳ

ମେଡିସିନରେ ୩ ବୈଜ୍ଞାନିକଙ୍କୁ ନୋବେଲ୍

Peter Hegemann · Georg Nagel · Karl Deisseroth

ନୂଆଦିଲ୍ଲୀ, ୫/୧୦ (ନ୍ୟୁ.ଏ): ବିଧିବଦ୍ଧ ଭାବେ ଆରମ୍ଭ ହୋଇଛି ନୋବେଲ ସିଜିନ । ପ୍ରଥମ ଦିନରେ ମେଡିସିନ ବା ଚିକିତ୍ସା କ୍ଷେତ୍ରରେ ଶ୍ରେଷ୍ଠ ଅବଦାନ ପାଇଁ ନୋବେଲ ବିଜେତାଙ୍କ ନାଁ ଘୋଷଣା କରାଯାଇଛି । ୨୦୨୫ ଭଳି ୨୦୨୬ରେ ମଧ୍ୟ ୩ ଜଣଙ୍କୁ ମେଡିସିନରେ ମିଳିବ ନୋବେଲ ପୁରସ୍କାର । କାର୍ଲ ଡିସେରୋଥ, ପିଟର ହେଗେମାନ ଓ ଜର୍ଜ ନାଗେଲ ମିଳିତ ଭାବେ ନୋବେଲ ପୁରସ୍କାର ଜିତିଛନ୍ତି । ଆଲୋକ-ନିୟନ୍ତ୍ରିତ ଆୟନ୍ ଚ୍ୟାନେଲ୍ ଓ ଅପଟ୍ରୋଜେନେଟିକ୍ସ ସମ୍ପର୍କିତ ଆବିଷ୍କାର ପାଇଁ ସେମାନଙ୍କୁ କାରୋଲିନସ୍କା ଇନ୍‌ଷ୍ଟିଚ୍ୟୁଟର ନୋବେଲ୍ ଆସେମ୍ବଲି ଏହି ପୁରସ୍କାର ଦେବାକୁ ନିଷ୍ପତି ନେଇଛି ।ଏହି ୩ ବୈଜ୍ଞାନିକଙ୍କ ଗବେଷଣା ଅପଟ୍ରୋଜେନେଟିକ୍ସର ମୂଳଦୁଆ ପଡ଼ିଥିଲା । ଏହା ଏକ ଏଭଳି ପଦ୍ଧତି, ଯାହା ଆଲୋକ ବ୍ୟବହାର କରି ସ୍ନାୟୁର କୋଷଗୁଡ଼ିକୁ ନିୟନ୍ତ୍ରଣ କରିପାରେ । ଏହା ମାଧ୍ୟମରେ ବୈଜ୍ଞାନିକମାନେ ମସ୍ତିଷ୍କର ନିର୍ଦ୍ଦିଷ୍ଟ ସ୍ନାୟୁ କିପରି ସ୍ମୃତି, ଭାବନା ଓ ଆଚରଣକୁ ପ୍ରଭାବିତ କରେ, ତାହା ଜାଣିବାକୁ ସକ୍ଷମ ହୋଇଛନ୍ତି । ଅପଟ୍ରୋଜେନେଟିକ୍ସର ଏହି ବୈପ୍ଳବିକ ପରିବର୍ତ୍ତନର ଆରମ୍ଭ ପିଟର୍ ହେଗେମାନ୍ ଓ ଜର୍ଜ ନାଗେଲଙ୍କ ଏକକୋଷୀ ଏଲଜିଏ ଗବେଷଣାରୁ ହୋଇଥିଲା । ଏହା ଚ୍ୟାନେଲରୋଡପ୍ସିନ୍ ଗବେଷଣା ଭାବେ ମଧ୍ୟ ବେଶ ପରିଚିତ । ସେମାନେ ଏହି ଏଲଜିଏରୁ ଚ୍ୟାନେଲରୋଡପ୍ସିନ୍ ନାମକ ଗୋଟିଏ ପ୍ରୋଟିନ୍ ଆବିଷ୍କାର କରିଥିଲେ । ଏହି ପ୍ରୋଟିନ୍ ନୀଳ ଆଲୋକର ସଂସ୍ପର୍ଶରେ ଆସିଲେ ଏହାର ଗୋଟିଏ ଚ୍ୟାନେଲ୍ ଖୋଲିଥାଏ । ଏହା ମାଧ୍ୟମରେ ଚାର୍ଜଯୁକ୍ତ କଣିକା ପ୍ରବାହିତ ହୋଇ ଏକ ବିଦ୍ୟୁତ୍ ସଙ୍କେତ ସୃଷ୍ଟି କରିଥାଏ । ପରେ କାର୍ଲ ଡିସେରୋଥ୍ ଚ୍ୟାନେଲରୋଡପ୍ସିନ୍‌ର ଜିନ୍‌କୁ ମୂଷାର ସ୍ନାୟୁ କୋଷରେ ପ୍ରବେଶ କରାଇଥିଲେ । ସେହି ନର୍ଭ କୋଷଗୁଡ଼ିକ ଉପରେ ନୀଳ ଆଲୋକ ପକାଇ ସେ ନର୍ଭ ସିଗ୍ନାଲ୍‌କୁ ସକ୍ରିୟ କରିପାରିଥିଲେ । ସେ ୨୦୦୫ ମସିହାରେ ଏହି ଗୁରୁତ୍ୱପୂର୍ଣ୍ଣ ଗବେଷଣା ପ୍ରକାଶ କରିଥିଲେ । ଏହାର ଦୁଇ ବର୍ଷ ପରେ ଅର୍ଥାତ ୨୦୦୭ରେ ସେ ଜୀବନ୍ତ ମୂଷାର ମସ୍ତିଷ୍କରେ ମଧ୍ୟ ଏହି ଆଲୋକ-ନିୟନ୍ତ୍ରିତ ସ୍ୱିଚ୍ କାମ କରିପାରେ ବୋଲି ପ୍ରମାଣ କରିଥିଲେ । ଏହି ପ୍ରଯୁକ୍ତି ପରେ ଅପଟ୍ରୋଜେନେଟିକ୍ସ ନାମରେ ପରିଚିତ ହୋଇଥିଲା । ଏହି ପଦ୍ଧତି ମସ୍ତିଷ୍କ ସମ୍ପର୍କିତ ଗବେଷଣାରେ ବଡ଼ ପରିବର୍ତ୍ତନ ଆଣିଛି । ବୈଜ୍ଞାନିକମାନେ ଆଲୋକ ବ୍ୟବହାର କରି ନିର୍ଦ୍ଦିଷ୍ଟ ନର୍ଭକୁ ସକ୍ରିୟ କରିପାରନ୍ତି । ଏବେ ଦୃଷ୍ଟିଶକ୍ତି ହରାଇଥିବା ଲୋକଙ୍କ ଦୃଷ୍ଟି ଫେରାଇବା ପାଇଁ ମଧ୍ୟ ଏହି ପ୍ରଯୁକ୍ତିର ବ୍ୟବହାର ନେଇ ଗବେଷଣା ଚାଲିଛି । ୨୦୨୫ରେ ମ୍ୟାରୀ ଇ ବ୍ରୁଙ୍କୋ, ଫ୍ରେଡ ରାମସଡେଲ୍ ଓ ଶିମୋନ ସାକାଗୁଚିଙ୍କୁ ମେଡିସିନରେ ନୋବେଲ ପୁରସ୍କାର ମିଳିଥିଲା । ମଣିଷ ଶରୀରର ରୋଗପ୍ରତିରୋଧକ ବ୍ୟବସ୍ଥା କେମିତି ଶରୀରର ଅନ୍ୟ ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ଉପରେ ହେଉଥିବା ରୋଗର ଆକ୍ରମଣକୁ ରୋକିବାରେ କାର୍ଯ୍ୟକରେ, ତା'ର କାରଣ ଜାଣିବାକୁ ଏହି ବୈଜ୍ଞାନିକମାନେ ସକ୍ଷମ ହୋଇଥିଲେ । ୨୦୨୪ରେ ବୈଜ୍ଞାନିକ ଭିକ୍ଟୋର ଆମ୍ବ୍ରୋସ ଓ ଗ୍ୟାରୀ ରୁବକୁନଙ୍କୁ ନୋବେଲ ପୁରସ୍କାର ମିଳିଥିଲା । ଉଭୟଙ୍କୁ ମାଇକ୍ରୋ ଆରଏନଏ)ର ସନ୍ଧାନ ପାଇଁ ନୋବେଲ ପୁରସ୍କାରରେ ସମ୍ମାନିତ କରାଯାଇଥିଲା । ପ୍ରତିବର୍ଷ ପାଂଚଟି କ୍ଷେତ୍ର (ମେଡିସିନ, ଫିଜିକ୍ସ, କେମିଷ୍ଟ୍ରୀ, ସାହିତ୍ୟ, ଅର୍ଥନୀତି ଓ ଶାନ୍ତି)ରେ ଉତ୍କୃଷ୍ଟତା ପାଇଁ ଏହି ପୁରସ୍କାର ଦିଆଯାଏ ।

ଆଜିର ଯୁବପିଢ଼ିଙ୍କ ପାଇଁ ସବୁଠାରୁ ବଡ ପ୍ରେରଣା ବାଜିରାଉତ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୫/୧୦ (ଆ.ପ୍ର) : ଦେଶପ୍ରେମ ଓ ସାହସିକତାପୂର୍ଣ୍ଣ ଶହୀଦ ବାଜି ରାଉତଙ୍କ ଜୀବନୀ ହେଉଛି ଆଜିର ଯୁବପିଢି ଓ ଛାତ୍ରଛାତ୍ରୀଙ୍କ ପାଇଁ ସବୁଠାରୁ ବଡ ପ୍ରେରଣା । ଓଡ଼ିଶା ସରକାର ରାଜ୍ୟର ବରପୁତ୍ର ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସମ୍ମାନ ପ୍ରଦର୍ଶନ କରିବାର ନୂଆ ଧାରା ଆରମ୍ଭ କରିଛନ୍ତି । ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଶହୀଦ ବାଜି ରାଉତଙ୍କ ଜୟନ୍ତୀ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଏହି ଅବସରରେ ବିଧାନସଭା ପାର୍ଶ୍ୱସ୍ଥିତ ଶହୀଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଦେଶର ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇ ସର୍ବ କନିଷ୍ଠ ବାର ବର୍ଷର ବାଳକ ବାଜି ରାଉତ ଅତ୍ୟାଚାରୀ ରାଜା ଓ ବ୍ରିଟିଶ୍ ଶାସକ କବଳରୁ ନିଷ୍ପେଷିତ ଜନତା ଓ ମାଟି ମା'ର ସୁରକ୍ଷା ପାଇଁ ବ୍ରିଟିଶ୍ ସୈନ୍ୟଙ୍କୁ ସାହସିକତାର ସହ ସାମ୍ନା କରି ପ୍ରାଣବଳୀ ଦେଇଥିଲେ । ବାଜି ରାଉତଙ୍କ ଆତ୍ମବଳୀଦାନ ସମଗ୍ର ଦେଶକୁ ମାତୃଭୂମିର ସେବା ଓ ସ୍ୱାଧୀନତା ପାଇଁ ସଂଗ୍ରାମ କରିବାକୁ ପ୍ରେରଣା ଦେଇଥିଲା । ମୁଖ୍ୟମନ୍ତ୍ରୀ କହିଥିଲେ ଗତବର୍ଷ ଶହୀଦ ବାଜି ରାଉତଙ୍କ ନୀଳକଣ୍ଠପୁର ଗ୍ରାମରେ ତାଙ୍କର ଜନ୍ମ ଦିବସକୁ ରାଜ୍ୟସ୍ତରୀୟ ଉତ୍ସବ ଭାବେ ପାଳନ କରାଯାଇଥିଲା । ଶହୀଦଙ୍କ ଗ୍ରାମକୁ ଆଦର୍ଶ ଗ୍ରାମ ରୂପେ ଘୋଷଣା କରାଯାଇଛି ଏବଂ ବାଜି ରାଉତଙ୍କ ସ୍ମୃତିରେ ଢେଙ୍କାନାଳଠାରେ ୧୨୦ କୋଟି ଟଙ୍କା ବ୍ୟୟରେ ବାଜି ରାଉତ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ କରାଯାଉଛି । ଓଡ଼ିଶାର ବରପୁତ୍ର ଓ ଶହୀଦମାନଙ୍କୁ ସମ୍ମାନ ପ୍ରଦର୍ଶନ କରିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ । ଏହି ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ ।

ଓଡ଼ିଶାରେ ଛାତ୍ରଛାତ୍ରୀଙ୍କ ଗଣତାନ୍ତ୍ରିକ ଅଧିକାରର ହେଲା ପୁନଃ ପ୍ରତିଷ୍ଠା: ବିରଂଚି ନାରାୟଣ ତ୍ରିପାଠୀ

ଭୁବନେଶ୍ୱର, ୦୫/୧୦ (ଆ.ପ୍ର) : ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ଦୀର୍ଘ ୮ ବର୍ଷର ବ୍ୟବଧାନ ପରେ ପୁଣି ଥରେ ଛାତ୍ରସଂସଦ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି । ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଏ ନେଇ ବିଧିବଦ୍ଧ ନୋଟିଫିକେସନ ଜାରି କରାଯିବା ପରେ ରାଜ୍ୟର ଯୁବ ଓ ଛାତ୍ର ସମାଜ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ପ୍ରକାଶ ପାଇଛି । ଏହି ଐତିହାସିକ ନିଷ୍ପତ୍ତି ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସମଗ୍ର ଓଡ଼ିଶାର ଯୁବ ଓ ଛାତ୍ର ସମାଜ ପକ୍ଷରୁ ହାର୍ଦ୍ଦିକ କୃତଜ୍ଞତା ଓ ଧନ୍ୟବାଦ ଜ୍ଞାପନ କରାଯାଇଛି । ଗତ ଆଠ ବର୍ଷ ଧରି ଛାତ୍ରସଂସଦ ନିର୍ବାଚନ ବନ୍ଦ ରହିବା ଦ୍ୱାରା କ୍ୟାମ୍ପସଗୁଡ଼ିକରେ ନେତୃତ୍ୱ ବିକାଶର ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଥିଲା । ଚଳିତ ବର୍ଷର ନିର୍ବାଚନ ଦ୍ୱାରା ଛାତ୍ରମାନଙ୍କର ଗଣତାନ୍ତ୍ରିକ ଚେତନା ଜାଗ୍ରତ ହେବ, କ୍ୟାମ୍ପସଗୁଡ଼ିକରେ ପାଠପଢ଼ା ସହ ସୁସ୍ଥ ଗଣତାନ୍ତ୍ରିକ ପରିବେଶ ଏବଂ ଛାତ୍ର ନେତୃତ୍ୱର ସୃଷ୍ଟି ହୋଇପାରିବ । ଦୀର୍ଘ ୮ ବର୍ଷ ପରେ ଓଡ଼ିଶାର ଛାତ୍ରଛାତ୍ରୀମାନଙ୍କୁ ତାଙ୍କର ଗଣତାନ୍ତ୍ରିକ ଅଧିକାର ମିଳିଛି । କଥା ଦେଇ କଥା ରଖିବାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ବିଗତ ଦିନରେ ବିଭିନ୍ନ ସାର୍ବଜନୀନ କାର୍ଯ୍ୟକ୍ରମରେ ଛାତ୍ରସଂସଦ ନିର୍ବାଚନ ପୁନଃ ପ୍ରତିଷ୍ଠା କରିବା ପାଇଁ ସେ ଦେଇଥିବା କଥାକୁ ଆଜି ସାକାର କରିଛନ୍ତି । ଓଡ଼ିଶାରେ ଛାତ୍ରଛାତ୍ରୀଙ୍କ ଗଣତାନ୍ତ୍ରିକ ଅଧିକାରର ହେଲା ପୁନଃ ପ୍ରତିଷ୍ଠା ହେଲା ବୋଲି ରାଜ୍ୟ ସାଧାରଣ ସଂପାଦକ ବିରଂଚି ନାରାୟଣ ତ୍ରିପାଠୀ କହିଛନ୍ତି । ପୂର୍ବତନ ସରକାର ଛାତ୍ରମାନଙ୍କର ଗଣତାନ୍ତ୍ରିକ ଅଧିକାରକୁ ଛଡ଼ାଇ ନେଇଥିବା ବେଳେ ଏବେ ନିର୍ବାଚନ ଘୋଷଣା ହେବା ପରେ ବିରୋଧୀ ଦଳଗୁଡ଼ିକ ଭୟଭୀତ ହୋଇ ମିଥ୍ୟା ସ୍ପଷ୍ଟୀକରଣ ଦେଉଛନ୍ତି । ଲିଙ୍ଗଡୋ କମିଶନଙ୍କ ମାର୍ଗଦର୍ଶିକା ଏବଂ ସୁପ୍ରିମକୋର୍ଟଙ୍କ ରାୟ ଅନୁସାରେ କ୍ୟାମ୍ପସର ଶୈକ୍ଷିକ ବାତାବରଣକୁ ବଜାୟ ରଖି ଅତ୍ୟନ୍ତ ଶୃଙ୍ଖଳିତ ଓ ଶାନ୍ତିପୂର୍ଣ୍ଣ ଭାବେ ଏହି ନିର୍ବାଚନ ସମ୍ପନ୍ନ ହେବ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି ।

୭ ବର୍ଷ ପରେ ଛାତ୍ର ସଂସଦ ନିର୍ବାଚନ ନିମନ୍ତେ ସରକାରଙ୍କ ଘୋଷଣା

ଜି.ଉଦୟଗିରି, ୦୫/୧୦ (ଆ.ପ୍ର) : ଓଡ଼ିଶା ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟର ସମସ୍ତ ସରକାରୀ ମହାବିଦ୍ୟାଳୟ, ବିଶ୍ୱ ବିଦ୍ୟାଳୟ ଗୁଡ଼ିକରେ ଦୀର୍ଘ ୭ ବର୍ଷ ପରେ ଛାତ୍ର ସଂସଦ ନିର୍ବାଚନ ହେବା ନେଇ ବିଜ୍ଞପ୍ତି ଜାରି ହୋଇଛି । ଛାତ୍ର ସଂସଦ ନିର୍ବାଚନ ହେବା ଖବର ପାଇବା ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । କହିବାକୁ ଗଲେ ଛାତ୍ର ସଂସଦ ନିର୍ବାଚନ ହେଉଛି ରାଜନୀତି ର ପ୍ରଥମ ପାହାଚ । ସ୍ଥାନୀୟ କଳିଙ୍ଗ ମହାବିଦ୍ୟାଳୟରେ ମଧ୍ୟ ଛାତ୍ର ସଂସଦ ନିର୍ବାଚନ ହେବା ଖବର ପ୍ରଚାର ହେବା ପରେ ଛାତ୍ରୀଛାତ୍ର ନିଜ ନିଜ ମଧ୍ୟରେ ସଂଗଠିତ ହେଉଥିବା ଦେଖିବାକୁ ମିଳିଛି । ଉଚ୍ଚ ଶିକ୍ଷା ବିଭାଗର ବିଜ୍ଞପ୍ତି ଅନୁସାରେ ଆସନ୍ତା ୭ ତାରିଖରେ ଛାତ୍ର ନିର୍ବାଚନ ନିମନ୍ତେ ସରକାରୀ ସ୍ତରରେ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇବ । ୯ ତାରିଖ ସକାଳ ୧୦ରୁ ମଧ୍ୟାହ୍ନ ୧ ଘଂଟା ପର୍ଯ୍ୟନ୍ତ ପ୍ରାର୍ଥୀ ମାନେ ପ୍ରାର୍ଥୀପତ୍ର ଦାଖଲ କରିବେ ଅପରାହ୍ନ ୨ ଘଂଟା ଠାରୁ ୪ ଟା ପର୍ଯ୍ୟନ୍ତ ପ୍ରାର୍ଥୀ ପତ୍ର ଯାଂଚ ପରେ ୧୦ ତାରିଖ ଅପରାହ୍ନ ୩ ଟା ବେଳେ ଚୂଡାନ୍ତ ପ୍ରାର୍ଥୀ ତାଲିକା ଘୋଷଣା ହେବ । ୧୫ ତାରିଖ ସକାଳ ୮ରୁ ୨ ଟା ପର୍ଯ୍ୟନ୍ତ ଭୋଟିଂ ପରେ ଭୋଟ ଗଣତି କାର୍ଯ୍ୟକ୍ରମ ରହିଛି । ୧୬ ତାରିଖ ପୂର୍ବାହ୍ନ ୧୧ ଟାବେଳେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବା ନେଇ ଉଚ୍ଚ ଶିକ୍ଷା ବିଭାଗ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ସ୍ଥାନୀୟ କଳିଙ୍ଗ ମହାବିଦ୍ୟାଳୟରେ ଶାନ୍ତି ଶୃଙ୍ଖଳାର ସହ ନିର୍ବାଚନ ହେବ କୌଣସି ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ଭାରପ୍ରାପ୍ତ ଅଧ୍ୟକ୍ଷ ବିନାୟକ ବିଶ୍ୱାଳ ନିଜ ପ୍ରତିକ୍ରିୟାରେ ସ୍ପଷ୍ଟ କରିଛନ୍ତି । ଛାତ୍ରୀଛାତ୍ରଙ୍କ ମଧ୍ୟରେ ନିର୍ବାଚନକୁ ନେଇ ଉତ୍କଣ୍ଠା ଦେଖିବାକୁ ମିଳିଛି ।

ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ସେବା, ସମର୍ପଣ ଓ ସଂକଳ୍ପର ବାର୍ତ୍ତାକୁ ଘରେ ଘରେ ପହଂଚାଇବା : ସଂପଦ ଚନ୍ଦ୍ର ସ୍ୱାଇଁ

ଭୁବନେଶ୍ୱର, ୦୫/୧୦ (ଆ.ପ୍ର) : ଆସନ୍ତା ଅକ୍ଟୋବର ୭ ତାରିଖ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଜଣେ ପ୍ରଜାସେବକ ଓ ଜନସେବକ ଭାବେ ସାର୍ବଜନୀନ ଜୀବନ ଓ ଶାସନରେ ୨୫ ବର୍ଷ ସଫଳତାର ସହ ପୂରଣ କରିବେ । ସେହି ଦିନ ଦେଶବ୍ୟାପୀ 'ସେବା ଜ୍ୟୋତି ଯାତ୍ରା' ଓ 'ବିକଶିତ ଭାରତ ସଂକଳ୍ପ ସଭା' ଆୟୋଜିତ ହେବାକୁ ଯାଉଛି । ଗରିବ, କୃଷକ, ମହିଳା ଓ ଯୁବବର୍ଗଙ୍କ ସଶକ୍ତୀକରଣ ସହ ଜଡିତ ଏହି ୨୫ ବର୍ଷର ନିରନ୍ତର ସେବା, ସୁଶାସନ, ଗରିବକଲ୍ୟାଣ ଓ ବିକାଶ ଗାଥାକୁ ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତି ପାଖରେ ପହଂଚାଇବା ମୋଦୀ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ରାଜ୍ୟ ଶିଳ୍ପ ବିଭାଗ ମନ୍ତ୍ରୀ ସଂପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି । ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସ୍ୱାଇଁ ସୂଚନା ଦେଇ କହିଛନ୍ତି ଯେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଗତ ସେପ୍ଟେମ୍ବର ୧୭ରୁ ଆରମ୍ଭ ହୋଇଥିବା ମାସ ବ୍ୟାପୀ 'ସେବା ସଂକଳ୍ପ ଅଭିଯାନ' ଅନ୍ତର୍ଗତ ଦେଶବ୍ୟାପୀ ସେବା ଜ୍ୟୋତି ଯାତ୍ରା କାର୍ଯ୍ୟକ୍ରମ ଆସନ୍ତା ଅକ୍ଟୋବର ୭ ତାରିଖ ଦିନ ଆରମ୍ଭ ହେବ । ସେହିଦିନ ପୂର୍ବାହ୍ନ ୧୦ ଘଟିକାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଆଭାସୀ ମାଧ୍ୟମରେ ଦେଶର ୭୫୦ଟି ଜିଲ୍ଲା ଏବଂ ରାଜ୍ୟ ମୁଖ୍ୟାଳୟରେ ଉପସ୍ଥିତ ସମବେତ ଜନତାଙ୍କୁ ସିଧାସଳଖ ସମ୍ବୋଧିତ କରିବେ । ଓଡିଶାରେ ରାଜଧାନୀ ଭୁବନେଶ୍ୱର ସମେତ ସମସ୍ତ ୩୦ଟି ଜିଲ୍ଲାରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ପ୍ରଭାରୀ ମନ୍ତ୍ରୀଙ୍କ ସହ ସ୍ଥାନୀୟ ଜନପ୍ରତିନିଧି ଏବଂ ଅତିଥିମାନେ ଯୋଗଦେବେ । ପ୍ରତ୍ୟେକ ଜିଲ୍ଲା ସଦର ମହକୁମାରେ 'ସେବା ଜ୍ୟୋତି ଛକ' ଚିହ୍ନଟ କରାଯାଇ 'ବିକଶିତ ଭାରତ ସଂକଳ୍ପ ପ୍ରତୀକାତ୍ମକ ସ୍ଥାପନା କରାଯିବ । ଏହି ଅବସରରେ ଜିଲ୍ଲାର ସମସ୍ତ ବ୍ଲକ, ଗ୍ରାମ, ୱାର୍ଡ ଓ ମଣ୍ଡଳରୁ 'ସେବା ଜ୍ୟୋତି ଯାତ୍ରା' ବାହାରି ସେବା ଜ୍ୟୋତି ଛକଠାରେ ଏକତ୍ରିତ ହେବ । 'ବିକଶିତ ଭାରତ ୨୦୪୭' ପାଇଁ ସାମୂହିକ ସଂକଳ୍ପ ଗ୍ରହଣ କରାଯିବା ସହ ସାମୂହିକ 'ବନ୍ଦେ ମାତରମ୍' ଗାନ କରାଯିବ । ସେବା, ସମର୍ପଣ ଓ ସଂକଳ୍ପର ଏହି ଅଭିଯାନକୁ ଘରେ ଘରେ ପହଂଚାଇବା ସଂକଳ୍ପ ନେବା ଏବଂ ୨୦୪୭ ସୁଦ୍ଧା ଭାରତକୁ ଏକ ସମୃଦ୍ଧ ଓ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ସମାଜର ସବୁ ବର୍ଗର ଲୋକଙ୍କୁ ବିକଶିତ ଭାରତର ଏହି ମହାଯଜ୍ଞରେ ଆମେ ସମସ୍ତେ ନିଜ ନିଜର ଯୋଗଦାନ ଦେବାକୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଆହ୍ୱାନ ଜଣାଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସାଧାରଣ ସମ୍ପାଦକ ସାମାଂତଳ ଖଟେଇ ଏବଂ ରାଜ୍ୟ ମୁଖପାତ୍ର ରାଜେନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ ।

ନବରଙ୍ଗପୁର ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ନବରଙ୍ଗପୁର, ୦୫/୧୦ (ଆ.ପ୍ର) : ଜନସାଧାରଣଙ୍କ ଅଭିଯୋଗ ଓ ସମସ୍ୟାର ତ୍ୱରିତ, ସ୍ୱଚ୍ଛ ଓ ସମୟବଦ୍ଧ ନିରାକରଣ ଉଦ୍ଦେଶ୍ୟରେ ଆଜି ନବରଙ୍ଗପୁର ଜିଲ୍ଲା ପରିଷଦ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଡ଼. ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧୀକ୍ଷକ କାଶ୍ୟପ ପାର୍ଥ ଜଗଦୀଶଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ଼. ପ୍ରମୋଦ କୁମାର ପୃଷ୍ଟି, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ବିରଂଚି ନାରାୟଣ ଦରଓ୍ୱାନ, ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ । ଆଜିର ଶିବିରରେ ସର୍ବମୋଟ ୩୬ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୨୮ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୮ଟି ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ଅଭିଯୋଗ ରହିଥିଲା । ଗ୍ରହଣ କରାଯାଇଥିବା ଅଭିଯୋଗ ମଧ୍ୟରୁ ୨ଟି ଅଭିଯୋଗର ସ୍ଥଳରେ ତତ୍କାଳ ସମାଧାନ କରାଯାଇଥିଲା । ଜିଲ୍ଲାପାଳ ଡ଼. ମହେଶ୍ୱର ସ୍ୱାଇଁ ପ୍ରତ୍ୟେକ ଅଭିଯୋଗକାରୀଙ୍କ ଅଭିଯୋଗକୁ ଧୈର୍ଯ୍ୟର ସହିତ ଶୁଣିବା ସହ ଏହାର ପ୍ରକୃତି, ତଥ୍ୟ ଓ ସମ୍ପୃକ୍ତ ବିଷୟ ଅନୁଧ୍ୟାନ କରିଥିଲେ । ଅଭିଯୋଗଗୁଡ଼ିକର ନିୟମାନୁଯାୟୀ ଯାଂଚ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ତ୍ୱରିତ ନିରାକରଣ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ସେ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ସେହିପରି, ପୋଲିସ ସମ୍ପର୍କିତ ଅଭିଯୋଗଗୁଡ଼ିକର ଶୁଣାଣି ଆରକ୍ଷୀ ଅଧୀକ୍ଷକ କାଶ୍ୟପ ପାର୍ଥ ଜଗଦୀଶ କରିଥିଲେ । ଅଭିଯୋଗଗୁଡ଼ିକର ଆବଶ୍ୟକ ଯାଂଚ କରି ନିୟମାନୁଯାୟୀ ତ୍ୱରିତ ପଦକ୍ଷେପ ଗ୍ରହଣ ପାଇଁ ସମ୍ପୃକ୍ତ ପୋଲିସ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ । ଜନ ଅଭିଯୋଗ ଶୁଣାଣି ଶିବିରରେ ଜନସାଧାରଣ ନିଜର ବ୍ୟକ୍ତିଗତ, ସାମୂହିକ ଓ ଗ୍ରାମ୍ୟ ସମସ୍ୟା ସମ୍ପର୍କରେ ଜିଲ୍ଲା ପ୍ରଶାସନ ନିକଟରେ ସିଧାସଳଖ ଅଭିଯୋଗ ଉପସ୍ଥାପନ କରିଥିଲେ । ଅଭିଯୋଗଗୁଡ଼ିକର ଶୁଣାଣି ସହିତ ସମ୍ପୃକ୍ତ ବିଭାଗ ମାଧ୍ୟମରେ ନିୟମାନୁଯାୟୀ ତ୍ୱରିତ ନିରାକରଣ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଛି । ଲୋକଙ୍କ ନିକଟରେ ପ୍ରଶାସନକୁ ପହଂଚାଇବା, ଜନସାଧାରଣଙ୍କ ସମସ୍ୟାର ସମୟୋଚିତ ସମାଧାନ କରିବା ଏବଂ ପ୍ରଶାସନିକ ବ୍ୟବସ୍ଥାରେ ପାରଦର୍ଶିତା ଓ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ଦିଗରେ ଏପରି ଜନ ଅଭିଯୋଗ ଶୁଣାଣି ଶିବିର ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଭାବେ କାର୍ଯ୍ୟ କରୁଛି । ଜନସାଧାରଣଙ୍କ ଅଭିଯୋଗର ତ୍ୱରିତ, ନିରପେକ୍ଷ ଓ ପ୍ରଭାବଶାଳୀ ନିରାକରଣ ଉପରେ ଜିଲ୍ଲା ପ୍ରଶାସନ ସର୍ବଦା ଗୁରୁତ୍ୱାରୋପ କରିଆସୁଛି ।

ବୁଢ଼ାଗୁଡ଼ା କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୬' କାର୍ଯ୍ୟକ୍ରମ ଅନୁଷ୍ଠିତ

ରାୟଗଡ଼ା, ୦୫/୧୦ (ଆ.ପ୍ର) : ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଅନ୍ତର୍ଗତ ବୁଢ଼ାଗୁଡ଼ା ପଂଚାୟତର ପ୍ରାଥମିକ ସେବାଶ୍ରମ ଢେପାଗୁଡା ଠାରେ ବୁଢ଼ାଗୁଡ଼ା କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୬ 'ସୁରଭି-୨୦୨୬' କାର୍ଯ୍ୟକ୍ରମ ମହା ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି । କ୍ଲଷ୍ଟର ଅଧୀନସ୍ଥ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଏଥିରେ ସକ୍ରିୟ ଭାବେ ଯୋଗଦେଇ ନିଜର ଲୁକ୍କାୟିତ ପ୍ରତିଭା ପ୍ରଦର୍ଶନ କରିଥିଲେ । କାର୍ଯ୍ୟକ୍ରମରେ କଳା, ସଂସ୍କୃତି, ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ, କୁଇଜ୍ ଓ ବିଭିନ୍ନ ସୃଜନଶୀଳ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଛାତ୍ରଛାତ୍ରୀମାନେ ନିଜର ପ୍ରତିଭା ଓ ସୃଜନଶୀଳତାର ପରିଚୟ ଦେଇ ଉପସ୍ଥିତ ଅତିଥି, ଶିକ୍ଷକ ଓ ଅଭିଭାବକ, ଗ୍ରାମବାସୀଙ୍କ ମନ ଜିଣିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ସୃଜନଶୀଳତା, କଳାତ୍ମକ ଦକ୍ଷତା ଓ ପ୍ରତିଭାର ବିକାଶ ଉପରେ ଗୁରୁତ୍ୱ ଦିଆଯାଇଥିଲା । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମର ସଫଳ ଆୟୋଜନରେ କ୍ଲଷ୍ଟରର ସିଆରସିସି ବନମାଳୀ ଶବର, ମୁଖ୍ୟ ଅତିଥି ସନ୍ତୋଷ କୁମାର ବଡ଼ା ଉପ ସଭାପତି ଜିଲ୍ଲା କଳା ଓ ସଂସ୍କୃତି ସଂଘ ରାୟଗଡ଼ା, ସଭାପତି ଦେବାଶିଷ ସାମଲ, ମୁଖ୍ୟ ବକ୍ତା ରେବତୀ ସିଟ୍, ସମ୍ମାନୀତ ଅତିଥି ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ସାରକା ଚିନା ଏବଂ ସମସ୍ତ ପ୍ରଧାନଶିକ୍ଷକ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ସମସ୍ତ ବିଦ୍ୟାଳୟର କର୍ମଚାରୀମାନେ ସକ୍ରିୟ ସହଯୋଗ କରିଥିଲେ । ଆଜିର କାର୍ଯ୍ୟକ୍ରମକୁ ଅମରେଶ ଶେଣ୍ଡ ମଂଚ ପରିଚାଳନା କରିଥିଲେ । ସମସ୍ତ ଶିକ୍ଷକମାନଙ୍କ ମିଳିତ ପ୍ରୟାସ ଓ ଛାତ୍ରଛାତ୍ରୀଙ୍କ ଉତ୍ସାହ ଯୋଗୁଁ ସମଗ୍ର କାର୍ଯ୍ୟକ୍ରମ ଏକ ସୁନ୍ଦର ଶିକ୍ଷଣୀୟ ଓ ସାଂସ୍କୃତିକ ପରିବେଶ ସୃଷ୍ଟି କରିଥିଲା ।

ଟାଙ୍ଗୀ-ଚୌଦ୍ୱାର ସାମ୍ବାଦିକ ସଂଘ ପକ୍ଷରୁ ଶାରଦୀୟ ବନ୍ଧୁ ମିଳନ

ଟାଙ୍ଗୀ-ଚୌଦ୍ୱାର, ୦୫/୧୦ (ଆ.ପ୍ର) : ସାମ୍ବାଦିକ ସଂଘ ପକ୍ଷରୁ ଶାରଦୀୟ ବନ୍ଧୁ ମିଳନ ଉତ୍ସବ ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ମୁଖ୍ୟାଳୟ କୋଟସାହି ପଂଚାୟତ ଟାଙ୍ଗୀ ସ୍ଥିତ ଅମ୍ବିକା ପ୍ୟାଲେସ୍‌ରେ ଆୟୋଜିତ ହୋଇଯାଇଛି । ଅତିଥୀ ଭାବେ ଟାଙ୍ଗୀ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା, ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା, ଭାରତୀୟ ଜନତା ପାର୍ଟିର କଟକ ଜିଲ୍ଲା ଉପ ସଭାପତି ତଥା ଲୋକସେବା ଫାଉଣ୍ଡେସନର ଅଧ୍ୟକ୍ଷ ହିମାଂଶୁ କୁମାର ମହାନ୍ତି, ବିଜେପି ନେତା ତଥା ସିନେ ଅଭିନେତା ଅରିନ୍ଦମ୍ ରାୟ, ରାଜ୍ୟ କଂଗ୍ରେସ୍‌ର ସଂଖ୍ୟାଲଘୁ ସେଲ୍ ସଭାପତି ଆକ୍ୟୁବ୍ ଖାନ୍, ଉଦ୍ୟୋଗ ପତି ଜ୍ଞାନେନ୍ଦ୍ର କୁମାର ବେହେରା, ସୁନୀଲ ମୁରାରକା, ଅବସର ପ୍ରାପ୍ତ ବରିଷ୍ଠ ପୋଲିସ୍ ଅଧିକାରୀ ସ୍ମୃତି ରଞ୍ଜନ କର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ସାମ୍ପ୍ରତିକ ପରିସ୍ଥିତିରେ ସାମ୍ବାଦିକମାନଙ୍କ ଭୂମିକା ଓ ସାମ୍ବାଦିକମାନଙ୍କ ମଧ୍ୟରେ ଭାଇଚାରା ଓ ସୌହାର୍ଦ୍ଦ ବୃଦ୍ଧି ଉପରେ ବକ୍ତବ୍ୟ ରଖିଥିଲେ । ଯୁବ ସାମ୍ବାଦିକ ପ୍ରୀତିରଞ୍ଜନ ବେହେରା ଅତିଥୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିବା ବେଳେ ସାମ୍ବାଦିକ କ୍ଷେତ୍ରବାସୀ ବରାଳ ଅତିଥୀ ପରିଚୟ ପ୍ରଦାନ କରିଥିଲେ । ରବିନ୍ଦ୍ର ମହାପାତ୍ର ଓ ଅଶୋକ ଦାସ ମଂଚ ସଂଚାଳନ କରିଥିବା ବେଳେ ମିର୍ଜା ନସିମ୍ ବେଗ୍, ରୁଦ୍ରାକ୍ଷ ନାଥ, ତ୍ରିଲୋଚନ ବେହେରା, ପ୍ରଦୀପ୍ତ ସାହୁ, ସୁରେଶ ଚନ୍ଦ୍ର ମହନ୍ତ ରତନ ଡାରିକ୍ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜେପି ନେତା ରଶ୍ମୀ ରଞ୍ଜନ କାନୁନଗୋ, ଚୌଧୁରୀ ହେମନ୍ତ କୁମାର ସାହୁ, ବିଶେଶ୍ୱର ସ୍ୱାଇଁ, ଟାଙ୍ଗୀ ଚୌଦ୍ୱାର ବ୍ଲକ୍ ବିଜେଡି ସଭାପତି ଧିରେନ୍ଦ୍ର ଜେଠୀ, ବ୍ଲକ୍ କଂଗ୍ରେସ୍ ସଭାପତି ଆଶୁତୋଷ ବରାଳ, ଯୁବନେତା ଜନ୍ମେଜୟ ଖୁଣ୍ଟିଆ, ରାକେଶ ରଞ୍ଜନ ଷଡ଼ଙ୍ଗୀ, ଭୁପେନ୍ଦ୍ର ସାହୁ, ଦିପ୍ତିକାନ୍ତ ସ୍ୱାଇଁ, ବୁଲୁ ମହାନ୍ତି, କ୍ୟାପଟେନ୍ ମନୋରଞ୍ଜନ ସିଂ ପ୍ରମୁଖ ଉପସ୍ଥିତ ଥିଲେ । ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ସ୍ଥାନୀୟ ଅଂଚଳର ବ୍ୟକ୍ତି ବିଶେଷଙ୍କୁ ଅତିଥୀମାନେ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଟାଙ୍ଗୀ-ଚୌଦ୍ୱାର ସମେତ ସାଲେପୁର, ମାହାଙ୍ଗା, ଆଠଗଡ ଓ କଟକ ମହାନଗରର ବହୁ ବରିଷ୍ଠ ସାମ୍ବାଦିକ ମାନେ ଏହି ବନ୍ଧୁ ମିଳନ ଉତ୍ସବରେ ଯୋଗ ଦେଇଥିଲେ ।

ମହେନ୍ଦ୍ରଗିରିରେ ସଫଳତାର ସହ ୨୩ତମ ଜାତୀୟ ଏମ୍‌ଟିବି ସାଇକ୍ଲିଂ ଚାମ୍ପିଅନଶିପ୍ ଉଦ୍‌ଯାପିତ

ପାରଳାଖେମୁଣ୍ଡି, ୦୫/୧୦ (ଆ.ପ୍ର) : ଗଜପତି ଜିଲ୍ଲାର ମହେନ୍ଦ୍ରଗିରିସ୍ଥିତ କଇଁପୁର ଗ୍ରାମରେ ଗତ ଚାରି ଦିନ ଧରି ଚାଲିଥିବା ୨୩ତମ ଜାତୀୟ ଏମ୍‌ଟିବି ସାଇକ୍ଲିଂ ଚାମ୍ପିଅନଶିପ୍ ୨୦୨୬ ଆଜି ସଫଳତାର ସହ ସମାପ୍ତ ହୋଇଛି । ମହେନ୍ଦ୍ରଗିରିର ଦୁର୍ଗମ ଓ ଚ୍ୟାଲେଞ୍ଜିଂ ପାହାଡ଼ିଆ ଟ୍ରାକ୍‌ରେ ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା ସାଇକ୍ଲିଷ୍ଟମାନେ ନିଜର ଦକ୍ଷତା, ସାହସ ଓ ସହନଶୀଳତାର ଚମତ୍କାର ପ୍ରଦର୍ଶନ କରିଥିଲେ । ଅନ୍ତିମ ଦିନର କାର୍ଯ୍ୟକ୍ରମରେ ଦିଗପହଣ୍ଡିର ମାନ୍ୟବର ବିଧାୟକ ସିଦ୍ଧାନ୍ତ ମହାପାତ୍ର ଏବଂ ଓଡ଼ିଶା ସରକାରଙ୍କ ମାଧ୍ୟମିକ ଶିକ୍ଷା ବୋର୍ଡର ସଭାପତି ଶ୍ରୀକାନ୍ତ ତରାଇ, ଆଇଏଏସ, ଉପସ୍ଥିତ ରହି କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସାହିତ କରିଥିଲେ । ଚାମ୍ପିଅନଶିପ୍‌ର ସାମଗ୍ରିକ ଫଳାଫଳରେ ତାମିଲନାଡୁ ୪ଟି ସ୍ୱର୍ଣ୍ଣ, ୫ଟି ରୌପ୍ୟ ଓ ୫ଟି କାଂସ୍ୟ ସହ ମୋଟ ୧୪ଟି ପଦକ ଜିତି ଚାମ୍ପିଅନ୍ ହୋଇଛି । କର୍ଣ୍ଣାଟକ ୩ଟି ସ୍ୱର୍ଣ୍ଣ, ୫ଟି ରୌପ୍ୟ ଓ ୫ଟି କାଂସ୍ୟ ସହ ୧୩ଟି ପଦକ ପାଇ ରନର୍ସ-ଅପ୍ ହୋଇଥିବା ବେଳେ ମହାରାଷ୍ଟ୍ର ୨ଟି ସ୍ୱର୍ଣ୍ଣ, ୪ଟି ରୌପ୍ୟ ଓ ୧ଟି କାଂସ୍ୟ ସହ ତୃତୀୟ ସ୍ଥାନ ହାସଲ କରିଛି । ବ୍ୟକ୍ତିଗତ ପ୍ରଦର୍ଶନରେ ତାମିଲନାଡୁର ମେନ୍ ଜୁନିୟର ସାଇକ୍ଲିଷ୍ଟ ଶ୍ରୀ ଆଂଟୋନି ରାଜଙ୍କୁ ବେଷ୍ଟ ମେନ୍ ସାଇକ୍ଲିଷ୍ଟ ଭାବେ ଚୟନ କରାଯାଇଛି । ସେ ୨ଟି ସ୍ୱର୍ଣ୍ଣ ଓ ୧ଟି ରୌପ୍ୟ ପଦକ ହାସଲ କରିଥିଲେ । ଓଡ଼ିଶା ସାଇକ୍ଲିଂ ଆସୋସିଏସନ୍ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ମାନ୍ୟବର କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଏହି ଜାତୀୟ ଆୟୋଜନ ପ୍ରତି ତାଙ୍କର ସମର୍ଥନ ଓ ସହଯୋଗ ପାଇଁ ବିଶେଷ କୃତଜ୍ଞତା ଜଣାଉଛି । ସେହିପରି ମହାରାଷ୍ଟ୍ରର ମହିଳା ଏଲିଟ୍ ସାଇକ୍ଲିଷ୍ଟ ଶ୍ରୀମତୀ ପ୍ରଣିତା ସୋମନ୍‌ଙ୍କୁ ବେଷ୍ଟ ଓମେନ୍ ସାଇକ୍ଲିଷ୍ଟ ଭାବେ ସମ୍ମାନିତ କରାଯାଇଛି । ସେ ୨ଟି ସ୍ୱର୍ଣ୍ଣ ଓ ୧ଟି ରୌପ୍ୟ ପଦକ ସହରେ ଅତିରିକ୍ତ ଏକ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ତାମିଲନାଡୁ ଦଳକୁ ବେଷ୍ଟ ଫିର ପ୍ଲେ ଟିମ୍ ଭାବେ ଚୟନ କରାଯାଇଛି । ଏହି ଚାରି ଦିନିଆ ଜାତୀୟ ଚାମ୍ପିଅନଶିପ୍‌କୁ ସଫଳ କରିବାରେ ସହଯୋଗ କରିଥିବା ସାଇକ୍ଲିଂ ଫେଡେରେସନ୍ ଅଫ୍ ଇଣ୍ଡିଆର ସମସ୍ତ ସଦସ୍ୟ, ବୈଷୟିକ ଅଧିକାରୀ ଓ ଆୟୋଜକ କମିଟିଙ୍କୁ ଓଡ଼ିଶା ସାଇକ୍ଲିଂ ଆସୋସିଏସନ୍ ପକ୍ଷରୁ ହୃଦୟରୁ କୃତଜ୍ଞତା ଜଣାଯାଇଛି । ଏଥିସହ କଇଁପୁର ଗ୍ରାମପଂଚାୟତର ସମସ୍ତ ସଦସ୍ୟ ଓ ଗ୍ରାମବାସୀ, ରେଡ୍ କ୍ରସ୍ ଟିମ୍, ଜିଲ୍ଲା ପ୍ରଶାସନ, ପୋଲିସ୍ ବିଭାଗ, ଚିକିତ୍ସା ଦଳ, ଅଗ୍ନିଶମ ବାହିନୀ, ମାର୍ଶାଲ୍, ସ୍ୱେଚ୍ଛାସେବୀ ଏବଂ ସମସ୍ତ ସହଯୋଗୀ ଦଳଙ୍କ ନିଷ୍ଠା ଓ ସହଯୋଗ ପାଇଁ ଓଡ଼ିଶା ସାଇକ୍ଲିଂ ଆସୋସିଏସନ୍ ବିଶେଷ କୃତଜ୍ଞତା ଜଣାଇଛି । ବିଶେଷକରି ଓଡ଼ିଶା ସାଇକ୍ଲିଂ ଆସୋସିଏସନ୍‌ର ଷ୍ଟେଟ୍ ଟେକ୍ନିକାଲ୍ ଅଫିସିଆଲ୍‌ମାନଙ୍କ ନିରନ୍ତର ପରିଶ୍ରମ ଓ ସମର୍ପଣ ବିନା ଏତେ ବଡ଼ ଜାତୀୟ ଆୟୋଜନକୁ ସଫଳତାର ସହ ସମ୍ପନ୍ନ କରିବା ସମ୍ଭବ ହୋଇପାରିନଥାନ୍ତା । ସେମାନଙ୍କ ପ୍ରତି ମଧ୍ୟ ଆସୋସିଏସନ୍ ପକ୍ଷରୁ ଆନ୍ତରିକ କୃତଜ୍ଞତା ପ୍ରକାଶ କରାଯାଇଛି । ମହେନ୍ଦ୍ରଗିରିର ମାଟିରେ ଚାରି ଦିନ ଧରି ଚାଲିଥିବା ଏହି ଜାତୀୟ ସାଇକ୍ଲିଂ ମହାକୁମ୍ଭ ଏକ ସ୍ମରଣୀୟ ଅଧ୍ୟାୟ ଛାଡ଼ି ଯାଇଛି । କ୍ରୀଡ଼ାବିତ୍‌ଙ୍କ ରୋମାଂଚକର ପ୍ରଦର୍ଶନ, ଗ୍ରାମବାସୀଙ୍କ ଆତିଥ୍ୟ ଏବଂ ସମସ୍ତଙ୍କ ମିଳିତ ପ୍ରୟାସ ଏହି ଚାମ୍ପିଅନଶିପ୍‌କୁ ସଫଳ କରିଛି ।

ଡିଏମ୍‌ଏଫ୍ ଫଣ୍ଡରେ ଅନିୟମିତତା ଓ ଦୁର୍ନୀତି, ପର୍ଯ୍ୟଟନ ନାଁରେ କୋଟି କୋଟି ସ୍ୱାହା : ଡ.ତପନ ଚାନ୍ଦ



ଭୁବନେଶ୍ୱର, ୦୫/୧୦ (ଆ.ପ୍ର) : ଗତ ସେପ୍ଟେମ୍ବର ୨୯ ତାରିଖରେ ବିଧାନସଭାରେ ସିଏଜିଙ୍କର ୬ଟି ରିପୋର୍ଟ ଉପସ୍ଥାପିତ ହୋଇଯାଇଛି । ଏହି ରିପୋର୍ଟରେ ପୂର୍ବତନ ବିଜେଡି ସରକାରଙ୍କ ସମୟରେ ବିଭିନ୍ନ ବିଭାଗରେ ବ୍ୟାପକ ଅନିୟମିତତା, ଆର୍ଥିକ ଅବ୍ୟବସ୍ଥା ତଥା ଦୁର୍ନୀତି ସାମ୍ନାକୁ ଆସିଛି । ଖଣି ଅଂଚଳର ବିକାଶର ଏକ ମୁଖ୍ୟ ଆଧାର ଭାବେ ଡିଏମ୍‌ଏଫ୍ ଫଣ୍ଡକୁ ସୁଦୃଢ଼ କରିବା ପରିବର୍ତ୍ତେ ପୂର୍ବତନ ସରକାର ଏହାକୁ ତୃଣମୂଳସ୍ତରରେ ଦୁର୍ବଳ କରିଦେଇଛନ୍ତି । ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରରେ ବିପୁଳ ସମ୍ଭାବନା ଥିବା ସତ୍ତ୍ୱେ ଅନିୟମିତତା ଓ ଅପରଗତା ଯୋଗୁ ଏହାର ବିକାଶ ବାଧାପ୍ରାପ୍ତ ହୋଇଥିବା ସ୍ପଷ୍ଟ ହୋଇଛି । ଦୁର୍ନୀତିର ଏକ ପାହାଡ଼ ଉପରେ ବିଜେଡି ନେତୃବୃନ୍ଦ ବସିଛନ୍ତି, ସିଏଜି ରିପୋର୍ଟ ସେହି ବାରୁଦ ଗଦାରେ ନିଆଁ ଲଗାଇଦେଇଛି । ଏବେ ଜନସାଧାରଣଙ୍କ ପ୍ରତିକ୍ରିୟାର ବିସ୍ଫୋରଣ ଅବଶ୍ୟ ମାଦୀ ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ତଥା ଶିଳ୍ପ ପ୍ରକୋଷ୍ଠ ମୁଖ୍ୟ ଡ. ତପନ ଚାନ୍ଦ କହିଛନ୍ତି । ଡ.ଚାନ୍ଦ କହିଛନ୍ତି ଯେ, ସିଏଜି ରିପୋର୍ଟରେ ଦର୍ଶାଯାଇଥିବା ଅନିୟମିତତା ଓ ଆର୍ଥିକ ଅବ୍ୟବହାର ପରିସରକୁ ଦେଖିଲେ ଏମ୍‌ଏମ୍‌ଡିଆର୍ ଆକ୍ଟ ୨୦୨୬ କୁ ନେଇ କରାଯାଇଥିବା ବିଜେଡିର ବିଭିନ୍ନ ଅଭିଯୋଗ ଓ ବାସ୍ତବ୍ୟ ତଥ୍ୟ ମଧ୍ୟରେ ପାର୍ଥକ୍ୟ ଜଣାପଡ଼ିବ । ଏମ୍‌ଏମ୍‌ଡିଆର୍ ୨୦୧୫ ଆକ୍ଟକୁ ନେଇ ମଧ୍ୟ ପୂର୍ବରୁ ବିଜେଡି ଓ କଂଗ୍ରେସ ପାର୍ଲ୍ୟାମେଂଟରେ ବିରୋଧରେ କରିଥିଲେ । ଏହା ରାଜ୍ୟ ପାଇଁ କ୍ଷତିକାରକ ହେବ ବୋଲି ଜନସାଧାରଣଙ୍କୁ ବିଭ୍ରାନ୍ତ କରିବା ପାଇଁ ଉଦ୍ୟମ କରିଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ରାଜ୍ୟର ଖଣି ରାଜସ୍ୱରେ ଉଲ୍ଲେଖନୀୟ ବୃଦ୍ଧି ଘଟିଥିଲା । ୨୦୨୬ ଏମ୍‌ଏମ୍‌ଡିଆର୍ ଆଇନ୍ ସଂଶୋଧନ ଯୋଗୁ ଖଣି ରାଜସ୍ୱରେ ପ୍ରତିବର୍ଷ ୧୨ହଜାର କୋଟି ଟଙ୍କା କ୍ଷତି ହେବ ବୋଲି ବିଜେଡି ଯେଉଁ ଅପପ୍ରଚାର ଓ ବିଭ୍ରାନ୍ତି କର ମନ୍ତବ୍ୟ ଦେଉଛି ତାହା ହାସ୍ୟାସ୍ପଦ ଓ ଅମୂଳକ । ପ୍ରକୃତରେ ୨୦୧୫ ପୂର୍ବରୁ ଓଡ଼ିଶାର ଖଣି ରାଜସ୍ୱ ୫ ହଜାର କୋଟିରୁ କମ୍ ଥିବା ବେଳେ ୨୦୨୫-୨୬ରେ ଏହା ୫୧ ହଜାର କୋଟିରେ ପହଂଚିଛି । ୨୦୦୫ ମସିହାରେ ଓରିସେଡ୍ ଆଇନ୍‌କୁ ମାନ୍ୟବର ଓଡ଼ିଶା ହାଇକୋର୍ଟରେ ରଦ୍ଦ କରିଥିଲେ । ଏହାସତ୍ତ୍ୱେ ତତ୍କାଳୀନ ବିଜେଡି ସରକାର ନିଲାମ ବ୍ୟବସ୍ଥା ପ୍ରଚଳନ ପାଇଁ ଦାବି କରି ନ ଥିଲେ କାହିଁକି ? ସେତେବେଳେ ନିଲାମ ବ୍ୟବସ୍ଥା ଆସିଥିଲେ ରାଜ୍ୟର ଖଣି ରାଜସ୍ୱ ପ୍ରତିବର୍ଷ ଅତିକମ୍‌ରେ ୧୭,୦୦୦ କୋଟି ଟଙ୍କା ବଢ଼ିପାରିଥାନ୍ତା । ୨୦୦୫ରୁ ୨୦୧୫ ମଧ୍ୟରେ ନିଲାମ ବ୍ୟବସ୍ଥା ପ୍ରଚଳନ ନ ହେବା ଯୋଗୁ ରାଜ୍ୟ ପ୍ରାୟ ୧.୭୦ ଲକ୍ଷ କୋଟି ଟଙ୍କା ହରାଇଥିବା ଆକଳନ କରାଯାଉଛି । ଅପରପକ୍ଷରେ ସୁପ୍ରିମକୋର୍ଟରେ ଦୀର୍ଘ ୧୮ ବର୍ଷ ଧରି ଓରିସେଡ୍ ଆଇନ୍ ମାମଲାରେ ବିଜେଡି ସରକାର କୌଣସି ତତ୍ପରତା ନ ଦେଖାଇବା ଓଡ଼ିଶାର ସ୍ୱାର୍ଥର ପରିପନ୍ଥୀ ବୋଲି ଡ. ଚାନ୍ଦ ପ୍ରକାଶ କରିଥିଲେ । ଖଣିଜ ସମୃଦ୍ଧ ଓଡ଼ିଶାରେ ଡିଏମ୍‌ଏଫ୍ (ଡିଷ୍ଟ୍ରିକ୍ ମିନେରାଲ ଫାଉଣ୍ଡେସନ ଫଣ୍ଡ) ବିକାଶର ଏକ ମୁଖ୍ୟ ଆଧାର । କିନ୍ତୁ ସିଏଜି ଅଡିଟ୍‌ରେ ଡିଏମ୍‌ଏଫ୍‌ର ପରିଚାଳନା ଓ ଅର୍ଥ ବ୍ୟବହାର ସମ୍ପର୍କରେ ଅନେକ ଅନିୟମିତତା ଚିହ୍ନଟ ହୋଇଛି । ଡିଏମ୍‌ଏଫ୍ ଆଇନ୍ ଅନୁଯାୟୀ ପ୍ରତ୍ୟକ୍ଷ ଭାବରେ ଖଣିର ୧୫ କିଲୋମିଟର ବ୍ୟାସାର୍ଦ୍ଧ ଓ ପରୋକ୍ଷଭାବରେ ଖଣିର ୨୫ କିଲୋମିଟର ବ୍ୟାସାର୍ଦ୍ଧର ପରିସୀମା ମଧ୍ୟରେ ଡିଏମ୍‌ଏଫ୍ ପାଣ୍ଠି ଖର୍ଚ୍ଚ ହେବା କଥା । କିନ୍ତୁ ସିଏଜିଙ୍କ ରିପୋର୍ଟ ଅନୁଯାୟୀ, ଖଣି ଦ୍ୱାରା ଆଦୌ ପ୍ରଭାବିତ ହୋଇ ନ ଥିବା ଗ୍ରାମରେ ୯୮୩ କୋଟି ଟଙ୍କା ଖର୍ଚ୍ଚ ହୋଇଥିବାବେଳେ, ଖଣି ଦ୍ୱାରା ପ୍ରଭାବିତ ହୋଇଥିବା ୫୮୪ଟି ପ୍ରଭାବିତ ଗ୍ରାମରେ ଡିଏମ୍‌ଏଫ୍ ପାଣ୍ଠିରୁ କୌଣସି ପ୍ରକଳ୍ପ କିମ୍ବା ପାଣ୍ଠି ଦିଆଯାଇନାହିଁ । ଏହାଦ୍ୱାରା ସ୍ଥାନୀୟ ଜନଜାତି, ଅନୁସୂଚିତ ଜାତି ଓ ଖଣି ଦ୍ୱାରା ପ୍ରଭାବିତ ଜନସାଧାରଣଙ୍କୁ ସେମାନଙ୍କ ନ୍ୟାର୍ଯ୍ୟ ଅଧିକାରରୁ ବଂଚିତ କରାଯାଇଛି । ୨୦୧୫-୨୪ ମଧ୍ୟରେ କେନ୍ଦୁଝର ଡିଏମ୍‌ଏଫ୍ ଦ୍ୱାରା ୯,୭୩୩.୩୭ କୋଟି ଟଙ୍କାର ୩,୨୬୯ଟି ପ୍ରକଳ୍ପ ଅନୁମୋଦିତ ହୋଇଥିଲା । ସେଥିରୁ ୭୫୭ଟି ପ୍ରକଳ୍ପ ଅର୍ଥାତ୍ ୨୩% ଏକ୍ସିକ୍ୟୁଟିଭ୍ କମିଟି / ବୋର୍ଡ ଅଫ୍ ଟ୍ରଷ୍ଟିର ଅନୁମୋଦନ ବିନା କାର୍ଯ୍ୟକାରୀ କରାଯାଇଛି । ଉଚିତ୍ ନିବେଶ ନିଷ୍ପତ୍ତି ନେବାରେ ବ୍ୟର୍ଥତା ଯୋଗୁ ସୁଧ ବାବଦରେ କେନ୍ଦୁଝର ଡିଏମ୍‌ଏଫ୍‌ର ୮୪.୫୧ କୋଟି ଟଙ୍କା କ୍ଷତି ହୋଇଛି । ସେହିପରି ଢେଙ୍କାନାଳରେ ୨.୪୪ କୋଟି, ମୟୂରଭଞ୍ଜରେ ୬.୮୫ କୋଟି ଏବଂ ନବରଙ୍ଗପୁରରେ ୦.୨୦ କୋଟି ଟଙ୍କା କ୍ଷତି ହୋଇଛି । ଖାଲି ସେତିକି ନୁହେଁ, ବିଜେଡି ସରକାର ସମୟରେ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରରେ ମଧ୍ୟ ବ୍ୟାପକ ଅନିୟମିତତା ଓ କାର୍ଯ୍ୟ କ୍ରିୟାନ୍ୱୟନରେ ଅପରାଗତା ଧରାପଡ଼ିଛି । ସିଏଜି ଅଡିଟ୍ ରିପୋର୍ଟରେ ପର୍ଯ୍ୟଟନ କ୍ଷେତ୍ରରେ, ୧୦୩.୩୫ କୋଟି ଟଙ୍କା ଅବ୍ୟବହୃତ ହୋଇ ଫେରିଯାଇଛି । ୮୯୮.୪୮ କୋଟି ଟଙ୍କା ଏଜେନ୍ସିର ବ୍ୟାଙ୍କ ଆକାଉଂଟରେ ପଡ଼ିରହିଛି । ଏହା ଉପରେ ଅର୍ଜିତ ୫୯.୨୫ କୋଟି ଟଙ୍କା ସୁଧ ବ୍ୟବହାର କିମ୍ବା ଫେରସ୍ତ ନ ହେବା ଭଳି ତଥ୍ୟ ସାମ୍ନାକୁ ଆସିଛି । ଇକୋ ରିଟ୍ରିଟ୍‌ରେ ୨୦୭.୬୮ କୋଟି ଟଙ୍କା କ୍ଷତି ହୋଇଥିବା ବେଳେ ପୁରୀ ପ୍ରସାଦ ପ୍ରକଳ୍ପରେ ୬.୪୯ କୋଟି ଟଙ୍କା ଅପବ୍ୟୟ ହେବା ସଙ୍ଗେ ଏହା ଅଧାରୁ ବନ୍ଦ କରିଦିଆଯାଇଥିଲା । ବିନ୍ଦୁ ସାଗର ପ୍ଲୋଟିଂ ମ୍ୟୁଜିକାଲ ଫାଉଟେନ୍ ପାଇଁ ୮.୧୬ କୋଟି ଟଙ୍କା ଅଯଥା ଅପବ୍ୟୟ ହୋଇ ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହି ଏହି ପ୍ରକଳ୍ପ ବିଫଳ ହୋଇଛି । ବୋଟ୍ ରୟାଲଟି କ୍ଷେତ୍ରରେ ଘରୋଇ ସଂସ୍ଥାରୁ ୧.୪୨ କୋଟି ଟଙ୍କା ଆଦାୟ ହୋଇନାହିଁ । ଦୁର୍ନୀତି ଓ ଅନିୟମିତତା ସମ୍ପର୍କରେ ସିଏଜି ରିପୋର୍ଟରେ ଉଠିଥିବା ପ୍ରଶ୍ନଗୁଡ଼ିକ ଏବେ ସାର୍ବଜନୀନ ଚର୍ଚ୍ଚାର ବିଷୟ ହୋଇଛି ବୋଲି ଡ.ଚାନ୍ଦ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢ଼ାଲି ଓ ରାଜ୍ୟ ପ୍ରବକ୍ତା ସଞ୍ଜୟ ରଥ ଉପସ୍ଥିତ ଥିଲେ ।

ଆରମ୍ଭ
SEITHO ARAMBHA

ମଙ୍ଗଳବାର, ୦୬ ଅକ୍ଟୋବର, ୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

AFFIDAVIT

By virtue of an affidavit sworn before the Executive magistrate Basudevpur, Dated-05.10.2026, I Manorama Dash,wife of Sushant panigrahi of Village - ,Bideipur Po- Bideipur P.S- KasiaMarine, Dist-Bhadrak, State - Odisha, pin -756125, declare that I have changed my name from Puspa Rani panigrahi to Manorama Dash. Henceforth, I shall be known as Manorama Dash for all purposes.

S/D-Manorama Dash

ଚୋରା ବାଲି ଚାଲାଣ ବିରୁଦ୍ଧରେ ରାଜସ୍ୱ ବିଭାଗର ଚଢ଼ାଉ

ଜଳେଶ୍ୱର, ୦୫/୧୦ (ଆ.ପ୍ର) : ଚୋରା ବାଲି ଚାଲାଣ ବେଳେ ତହସିଲର ଚଢ଼ାଉ ୫ ବାଲି ବୋଝେଇ ଟ୍ରାକ୍ଟର ଜବତ, ଚୋରା ବାଲି ଚାଲାଣ ହେଉଥିବା ଖବର ପାଇ ତହସିଲଦାରଙ୍କ ନିର୍ଦ୍ଦେଶରେ ଏକ ଟିମ ଚଢ଼ାଉ କରି ଚୋରା ବାଲି ଟ୍ରାକ୍ଟର ଜବତ କରିଛି ଟ୍ରାକ୍ଟର । ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ତହସିଲ ଅଧୀନରେ, ସୂଚନା ଅନୁଯାୟୀ ସୁବର୍ଣ୍ଣରେଖା ନଦୀରେ ଟିକେ ବନ୍ୟା ପାଣି କମି ନ ଥିଲା ବେଳେ ବାଲି ମାଫିଆ ମାନେ ପୁଣି ସକ୍ରିୟ ହୋଇ ଉଠିଲେଣି, ଆଜି ସକାଳ ସମୟରେ ରାଇବଣିଆ ଥାନା ଦକ୍ଷିଣ ପ୍ରହରାଜପୁର ଠାରେ ବାଳି ଚୋରା ଚାଲାଣ ବେଳେ ଜଳେଶ୍ୱର ତହସିଲଦାର ସତ୍ୟାଜିତ ମହାନ୍ତିଙ୍କ ନିର୍ଦ୍ଦେଶରେ ଅତିରିକ୍ତ ତହସିଲଦାର ସରୋଜ ନାୟକ ଓ ଏକ ଟିମ ଉକ୍ତ ଅଂଚଳରେ ଚଢ଼ାଉ କରିଥିଲେ, ଚଢ଼ାଉ ସମୟରେ ୫ଟି ଚୋରା ବାଲି ବୋଝେଇ ଟ୍ରାକ୍ଟର ଜବତ କରି ଅଧିକ ତଦନ୍ତ ଜାରି ରଖିଛି ବିଭାଗ । ଆଗାମୀ ଦିନରେ ବାଲି ଚୋରା ଚାଲାଣ ରୋକ ଲଗେଇବା ପାଇଁ ଚଢ଼ାଉ ଜାରି ରହିବ ବୋଲି କହିଛନ୍ତି ଅତିରିକ୍ତ ତହସିଲଦାର ସରୋଜ ନାୟକ ।

ସାମ୍ବାଦିକଙ୍କ ଦାବି ପୂରଣ ନହେବା ଯାଏଁ ସଂଗ୍ରାମ ଜାରି ରହିବ: ଓୟୁଜେ

ବାଲେଶ୍ୱର, ୦୫/୧୦ (ଆ.ପ୍ର) : ରାଜ୍ୟର ସାମ୍ବାଦିକଙ୍କ ଦାବୀ ପୂରଣ ନ ହେବା ପର୍ଯ୍ୟନ୍ତ ଓଡ଼ିଶା ସାମ୍ବାଦିକ ୟୁନିଅନର ସଂଗ୍ରାମ ଜାରି ରହିବ ବୋଲି ବାଲେଶ୍ୱର ଜିଲ୍ଲାର ଚାନ୍ଦିପୁର ଠାରେ ଆୟୋଜିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ନିଷ୍ପତି ନିଆଯାଇଛି । ଏହି ନିଷ୍ପତିକୁ ରାଜ୍ୟର ୩୦ ଟି ଜିଲ୍ଲାରୁ ଆସିଥିବା ୪୦୦ ସହ ସାମ୍ବାଦିକ ଏକ ସ୍ୱରରେ ସମର୍ଥନ ଜଣାଇଛନ୍ତି । ବାଲେଶ୍ୱର ଜିଲ୍ଲାର ଚାନ୍ଦିପୁର ବେଳାଭୂମି ସ୍ଥିତ ହୋଟେଲ ଇଂଟର ନ୍ୟାସନାଲ ଟୁରିଜିମ ରିସୋର୍ଟ ସମ୍ମିଳନୀ କକ୍ଷରେ ୟୁନିଅନର ରାଜ୍ୟ ସଭାପତି ପ୍ରସନ୍ନ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଯାଇଛି । ଏହି ଦୁଇ ଦିନିଆ କାର୍ଯ୍ୟକାରିଣୀ ବୈଠକରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଓ ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ପଦ୍ମଲୋଚନ ପଣ୍ଡା, ସରକାରୀ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ମାନସ କୁମାର ଦତ୍ତ, ବିଜେପି ଉତ୍ତର ବାଲେଶ୍ୱର ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ଶିଳ୍ପପତି ସଂଗ୍ରାମ କୁମାର ଦାସ, ୟୁନିଅନର ସାଧାରଣ ସମ୍ପାଦକ କିଶନ ରାଉତ ପ୍ରମୁଖ ଯୋଗଦେଇ ସାମ୍ବାଦିକଙ୍କ ଦାବୀ ଓ ସମସ୍ୟା ଉପରେ ବିଶେଷ ଭାବେ ଗୁରୁତ୍ୱ ଆରୋପ କରିଥିଲେ । ଦାବି ହାସଲ ପାଇଁ ଅହରହ ଲଢ଼େଇ ଓ ସଂଗ୍ରାମ ସହ ସାଧାରଣ ଜନତାଙ୍କ ବିଶ୍ୱାସ ଏବଂ ଭରସାକୁ ବଜାୟ ରଖିବା ସାମ୍ବାଦିକଙ୍କ ଗୁରୁଦାୟିତ୍ୱ ରହିବା ଆବଶ୍ୟକ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଯେତେବେଳେ ଜନତା ପ୍ରଶାସନ ଓ ରାଜନେତାଙ୍କ ଉପରୁ ଭରସା ହରାଇଥାନ୍ତି ସେତେବେଳେ ହିଁ ସାମ୍ବାଦିକମାନେ ତାଙ୍କ ପାଇଁ ଦେବଦୂତ ସାଜିଥାନ୍ତି । ଗଣ ମାଧ୍ୟମରେ କାର୍ଯ୍ୟକରୁଥିବା ବନ୍ଧୁମାନଙ୍କ ପ୍ରତି ସମାଜର ଥିବା ବିଶ୍ୱାସ ଯେଉଁକି ତ୍ରୁଟି ନଯାଏ ସେଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ବୋଲି ବକ୍ତାମାନେ ପରାମର୍ଶ ଦେଇଥିଲେ । ଓୟୁଜେ କେବଳ ସାମ୍ବାଦିକଙ୍କ ଦାବି ହାସଲ ପାଇଁ କାର୍ଯ୍ୟ କରେ ନାହିଁ ବରଂ ଏହାର ଆଦର୍ଶ ହେଉଛି ସାମାଜିକ ଦାୟିତ୍ୱ ବୋଧତା ପାଳନ କରିବା । ଉକ୍ତ ବୈଠକରେ ମଂଚ ଆବାହନ ବରିଷ୍ଠ ସଦସ୍ୟ ଶିଶିର କୁମାର ଦାସ କରିଥିବା ବେଳେ ସ୍ୱାଗତ ଭାଷଣ ଦେଇଥିଲେ ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ରାମନାରାୟଣ ଶତପଥୀ । ପ୍ରାକ୍ ଅଭିଭାଷଣ ଓୟୁଜେ ବାଲେଶ୍ୱର ଜିଲ୍ଲା ସଭାପତି ଗଙ୍ଗାଧର ରାଉତ ରଖିଥିଲା ବେଳେ ଓ ଧନ୍ୟବାଦ ଦେଇଥିଲେ ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସ । କାର୍ଯ୍ୟକ୍ରମ ପରିଚାଳନାରେ ଓୟୁଜେ ଜୋନାଲ ସମ୍ପାଦକ ରବିନ୍ଦ୍ର କୁମାର ମହାକୁଡ଼, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅନାମ ଚରଣ ପଣ୍ଡା, ବରିଷ୍ଠ ସଦସ୍ୟ ମଧୁସୂଦନ ଦାସ, ତୃପ୍ତିକାନ୍ତ ପାଢ଼ୀ, ଉତ୍କଳ ବନ୍ଧୁ ପଣ୍ଡା, ଅରୂପ କୁମାର ଦାସ, କହ୍ନେଇ ଚରଣ ପ୍ରଧାନଙ୍କ ସମେତ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ ।

ଏୟାରଫୋର୍ସ ଆସୋସିଏସନ୍ ଚାପ୍ଟର ପକ୍ଷରୁ ଅବସରପ୍ରାପ୍ତ ବାୟୁସେନା କର୍ମଚାରୀ ଓ ସମାଜସେବୀଙ୍କୁ ସମ୍ବର୍ଦ୍ଧନା

ବାଲେଶ୍ୱର, ୦୫/୧୦ (ଆ.ପ୍ର) :ଦେଶର ସୁରକ୍ଷାରେ ଭାରତୀୟ ବାୟୁସେନା ସମେତ ତିନି ସେନାବାହିନୀର ଅବଦାନକୁ ସ୍ମରଣ ଓ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଏୟାରଫୋର୍ସ ଆସୋସିଏସନ୍, ବାଲେଶ୍ୱର ଚାପ୍ଟର ପକ୍ଷରୁ ଏୟାରଫୋର୍ସ ଦିବସ ରବିବାର ପୂର୍ବାହ୍ନରେ ସ୍ଥାନୀୟ ଜଗନ୍ନାଥ କଲ୍ୟାଣ ମଣ୍ଡପ ଠାରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଦେଶସେବା, ସମ୍ମାନ ଓ ଭାଇଚାରାର ଭାବନାରେ ପରିପୂର୍ଣ୍ଣ ଥିଲା । ବାଲେଶ୍ୱର ଚାପ୍ଟର ସଭାପତି ଶିବଦାସ କୁଣ୍ଡୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସହକାରୀ ଜିଲ୍ଲାପାଳ ଅମ୍ଳାନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେଶର ସୁରକ୍ଷା କ୍ଷେତ୍ରରେ ତିନି ସେନାବାହିନୀର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ସେ କହିଥିଲେ ଯେ, ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ସମୟରେ ସେ ମଧ୍ୟ ବାୟୁସେନାରେ ଯୋଗଦେବାର ସ୍ୱପ୍ନ ଦେଖିଥିଲେ, ଯଦିଓ ତାହା ସାକାର ହୋଇପାରିନଥିଲା । ସଭାପତି ଶିବଦାସ କୁଣ୍ଡୁ ତାଙ୍କ ଅଧ୍ୟକ୍ଷୀୟ ଭାଷଣରେ ଏୟାରଫୋର୍ସ ଦିବସ ପାଳନର ଉଦ୍ଦେଶ୍ୟ ଓ ଏହାର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ଚାପ୍ଟରର ବରିଷ୍ଠ ସଦସ୍ୟ ମୁରଲୀଧର ପାତ୍ର, ଉପସଭାପତି ଗୋପୀନାଥ ଦାସ, ସମ୍ପାଦକ ମହେଶ୍ୱର ବେହେରା, ସହକାରୀ ସମ୍ପାଦକ ରାଜକିଶୋର ଜେନା ଓ କୋଷାଧ୍ୟକ୍ଷ କୃଷ୍ଣବନ୍ଧୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଅବସରପ୍ରାପ୍ତ ବାୟୁସେନା କର୍ମଚାରୀଙ୍କ ପତ୍ନୀ ତଥା ଚାପ୍ଟରର ସକ୍ରିୟ ସଦସ୍ୟାମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି କାର୍ଯ୍ୟକ୍ରମକୁ ଆନନ୍ଦମୟ କରିଥିଲେ । ସେମାନଙ୍କ ପରିବେଷଣରେ ଅନୁଷ୍ଠାନସ୍ଥଳରେ ଏକ ଆତ୍ମୀୟ ଓ ପାରିବାରିକ ପରିବେଶ ସୃଷ୍ଟି ହୋଇଥିଲା । ଏହି ଅବସରରେ ଜିଲ୍ଲାର ବହୁ ସାମାଜିକ କର୍ମୀ, ସମାଜସେବୀ ଓ ପରିବେଶବିତ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେନାସେବା ସହ ସାମାଜିକ ଦାୟିତ୍ୱ ଓ ପରିବେଶ ସୁରକ୍ଷାରେ ଅବଦାନ ରଖୁଥିବା ବ୍ୟକ୍ତିମାନଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ସଫଳ କରିବାରେ ଉମାକାନ୍ତ ମହାପାତ୍ର, ବୀରେନ୍ଦ୍ର କୁମାର ବେହେରା, ଅଶୋକ କୁମାର ଦାସ, ରଘୁନାଥ ପଣ୍ଡା, ସ୍ୱପ୍ନା କୁଣ୍ଡୁ, କାଦମ୍ବିନୀ ଦାସ, ମୁକ୍ତି ଦାସ ଓ ରୀନା ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।

ବନ୍ଦକୁ ସଫଳ କରିବା ପାଇଁ ପ୍ରସ୍ତୁତି ବୈଠକ

ଜଳେଶ୍ୱର, ୦୫/୧୦ (ଆ.ପ୍ର) : ଇଣ୍ଡିଆ ବ୍ଲକ୍ ଆହ୍ୱାନଓଡ଼ିଶାରେ ହେବାକୁ ଥିବା ଓଡିଶା ବନ୍ଦକୁ ଜଳେଶ୍ୱରରେ ପୂର୍ଣ୍ଣମାତ୍ରାରେ ସଫଳ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କଂଗ୍ରେସ, ସିପିଏମର ପ୍ରତିନିଧି ମାନଙ୍କ ସହିତ ବିଭିନ୍ନ ଗଣ ସଙ୍ଗଠନ ଯଥା ଜଳେଶ୍ୱର ବଣିକ ସଂଘ, ବରିଷ୍ଠ ନାଗରିକ ମଂଚ, ଶିକ୍ଷକ ସଂଗଠନ, ଓକିଲ ସଂଘ, ଅଟୋ ଆସୋସିଏସନ୍, ଗଣତାନ୍ତ୍ରିକ ମହିଳା ସମିତି, କୃଷକ ସଭା, କ୍ଷେତ ମଜଦୁର ୟୁନିଅନ, ଗ୍ରାମିଣ ଶ୍ରମିକ ସଂଘର ପ୍ରତିନିଧିମାନେ ଯୋଗ ଦେଇ ବନ୍ଦକୁ ସମର୍ଥନ ଜଣାଇବା ସହିତ ଏହା କେମିତି ସଫଳ ହେବ ସେ ଦିଗରେ ଆଲୋଚନା କରିଥିଲେ । ଜଳେଶ୍ୱରର ସମସ୍ତ ଦୋକାନ ବଜାର, ଯାନ ବାହାନ, ଅଫିସ ଦପ୍ତର, ସ୍କୁଲ କଲେଜ, ବ୍ୟାଙ୍କ ବୀମା ବନ୍ଦ କରିବା ପାଇଁ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଅନୁରୋଧ କରାଯାଇଛି । ଏହି ବୈଠକରେ ସୁଦର୍ଶନ ଦାସ, ଅକ୍ଷୟ କୁମାର ମିଶ୍ର, ଦିପ୍ତିମାନ ଆଚାର୍ଯ୍ୟ, କମଳ ଚକ୍ରବର୍ତ୍ତୀ, ହେମନ୍ତ ଗିରି, ସତ୍ୟ ଦାସ, ଡକ୍ଟର ଅଜିତ୍ ମହାନ୍ତି, ଦିଲ୍ଲୀପ ପରିଡ଼ା, ମନୋରଞ୍ଜନ ଦାସ, ସୁଦାମ ପାତ୍ର, ବିଜୟ ରଣା, ଜଗଦୀଶ ନନ୍ଦୀ, ଗିରିଜା ଶଙ୍କର ଦାସ, ସଞ୍ଜୟ ଦାସ, ସୀତାରୁଦ୍ଦିନ୍, ଖଗେନ୍ଦ୍ର ମହୁରି, ରବିନ୍ଦ୍ର ବାରିକ, ଗଣେଶ ପାତ୍ର, ଦୁର୍ଗା ଶଙ୍କର ଦାସ, ଖଗେନ୍ଦ୍ର ସାସଲ ପ୍ରମୁଖ ଓଡ଼ିଶା ବନ୍ଦ ସପକ୍ଷରେ ବକ୍ତବ୍ୟ ରଖିଥିଲେ ।

ଜଳ ସମ୍ପଦ ଜମିରେ ଜୁଡିସିଆଲ କମ୍ପ୍ଲେକ୍ସ ନିର୍ମାଣ ପ୍ରସଙ୍ଗ ବିଭିନ୍ନ ଦାବି ନେଇ ଜିଲ୍ଲାପାଳଙ୍କୁ ଭେଟିବାକୁ ନିଷ୍ପତ୍ତି

ବାଲେଶ୍ୱର,୦୫/୧୦ (ଆ.ପ୍ର) : ସରକାରଙ୍କ ପକ୍ଷରୁ ମଞ୍ଜୁର ବାଲେଶ୍ୱର ଜୁଡିସିଆଲ ହବ ପ୍ରତିଷ୍ଠା ବାବଦରେ ସ୍ଥାନ ନିରୂପଣକୁ ନେଇ ଗତ କିଛିଦିନ ଧରି ଚାଲିଥିବା ଟଣାଓଟରା ସ୍ଥିତିର ସମାଧାନ ପାଇଁ ଜିଲ୍ଲାର ଓକିଲ ଓ ବିଶିଷ୍ଟ ବ୍ୟକ୍ତିଙ୍କର ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱର ବାର୍ ଆସୋସିଏସନର ସଭାପତି ମନୋଜ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସମ୍ପାଦକ ସମ୍ପିତ ନନ୍ଦୀ, ବରିଷ୍ଠ ଆଇନଜୀବୀ ରଘୁନାଥ ପ୍ରଧାନ, ଅଶୋକ ସେନାପତି, ପୁରୁଷୋତ୍ତମ ବିଶ୍ୱାଳ, ମହମ୍ମଦ ଇସଲାମ, ଦୀପକ ଦାଶ, ସୂର୍ଯ୍ୟକାନ୍ତ କର, ପ୍ରଭାତ ଦାସ, କେଶବ ଆଚାର୍ଯ୍ୟ, ଧୀରେନ୍ ମିଶ୍ର, ରଣଜିତ ପଣ୍ଡା, ଗିରୀଶ ଚନ୍ଦ୍ର ପରିଡ଼ା ପ୍ରମୁଖଙ୍କ ସମେତ ବହୁ ଓକିଲ ଓ ସଚେତନ ବ୍ୟକ୍ତିମାନେ ଯୋଗଦେଇ ଜଳସମ୍ପଦ ବିଭାଗ ଜମିରେ ଏହି ହବ୍ ନିର୍ମାଣ ପାଇଁ ସହମତି ପ୍ରକାଶ କରିଥିଲେ । ତିନି ବର୍ଷ ତଳେ ସରକାରଙ୍କ ଦ୍ୱାରା ମଞ୍ଜୁର ହୋଇଥିବା ଜୁଡିସିଆଲ ହବ୍ (ଏବେ ଜୁଡିସିଆଲ କମ୍ପ୍ଲେକ୍ସ) ପ୍ରତିଷ୍ଠା ପାଇଁ ପ୍ରଥମେ ରେମୁଣାର ବିଦ୍ୟାଧରପୁରକୁ ପ୍ରଶାସନ ମନୋନୟନ କରିଥିଲା । ମାତ୍ର ସବୁ ମହଲରୁ ଏହାକୁ ବିରୋଧ ହେବା ପରେ କଚେରି ହତା, ଜଳ ସମ୍ପଦ ବିଭାଗ ପରିସର ଓ ନୂଣିଆଯୋଡ଼ିକୁ ନେଇ ପ୍ରଶ୍ନ ଉଠିଥିଲା । ତେବେ ରାଜ୍ୟ ଉଚ୍ଚ ନ୍ୟାୟାଳୟର ତତ୍କାଳୀନ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ କ୍ଷେତ୍ର ପରିଦର୍ଶନ ପରେ ଜଳ ସମ୍ପଦ ଜମିରେ ଏହି କମ୍ପ୍ଲେକ୍ସ ନିର୍ମାଣ ପାଇଁ ଜିଲ୍ଲା ପ୍ରଶାସନ, ଆଇନଜୀବୀ, ବୁଦ୍ଧିଜୀବୀ ଏବଂ ବାଲେଶ୍ୱର ଓକିଲ ସଂଘ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ ଓ ସେହି ସ୍ଥାନରେ ନିର୍ମାଣ ନେଇ ନିଷ୍ପତ୍ତି ନିଆଯାଇଥିଲା । ପରବର୍ତ୍ତୀ ସମୟରେ ଜଳସମ୍ପଦ ବିଭାଗର ୯ ଏକର ଜମିରୁ ୬.୦୬ ଏକର ଆଇନ ବିଭାଗକୁ ଓଡ଼ିଶା ସରକାର ହସ୍ତାନ୍ତର କରିଥିଲେ । ଜମି ହସ୍ତାନ୍ତର ପରେ ତନ୍ମଧ୍ୟରୁ କିଛି ଅଂଶ ଜମି ଦେୱାନୀ ଅଦାଲତରେ ବିଚାରାଧୀନ ଥିବା ଜଣାପଡିଥିଲା । ଏହା ସତ୍ତ୍ୱେ ସେଠାରେ ହବ ନିର୍ମାଣ ହେଲେ କୌଣସି ସମସ୍ୟା ରହିବ ନାହିଁ ବୋଲି ସମସ୍ତେ ମତ ପ୍ରକାଶ କରିଥିଲେ । ମାତ୍ର ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଉପ ଜିଲ୍ଲାପାଳ, ସଦର ତହସିଲ, ଚକବନ୍ଦୀ ଓ ବନ୍ଦୋବସ୍ତ କମିଶନର ଅଦାଲତ ଓ ଖାଉଟି ଅଦାଲତ ଜଳସମ୍ପଦ ଜମିକୁ ସ୍ଥାନାନ୍ତର ନ ହେଲେ ବଡ଼ ସମସ୍ୟା ଉପୁଜିବ ବୋଲି ବୈଠକରେ ସମସ୍ତେ ଉଦବେଗ ପ୍ରକାଶ କରିଥିଲେ । ପ୍ରତିଦିନ ଓକିଲ, ମୋହରିର ଓ ସାଧାରଣ ଲୋକେ ୨.୫ କିମି ଦୂରକୁ ଏକାଧିକ ଥର ଯା'ଆସ କରିବା ସମ୍ଭବପର ନୁହେଁ ବୋଲି ବୈଠକରେ ଉପସ୍ଥିତ ବ୍ୟକ୍ତି ମତ ଦେଇଥିଲେ । ଏନେଇ ରେମୁଣା ଠାରୁ କୁରୁଡ଼ା ପର୍ଯ୍ୟନ୍ତ ପ୍ରତି ୩୦ ମିନିଟ୍ ବ୍ୟବଧାନରେ ଟାଉନ ବସ୍ ଚଳାଚଳ, ଜିଲ୍ଲା ଉପନିବନ୍ଧକ କାର୍ଯ୍ୟାଳୟ, ବାଲେଶ୍ୱର ସଦର ତହସିଲ କାର୍ଯ୍ୟାଳୟ, ଚକବନ୍ଦୀ ଓ ବନ୍ଦୋବସ୍ତ କମିଶନରଙ୍କ ଅଦାଲତ ଏବଂ ଜିଲ୍ଲା ଖାଉଟି ଅଦାଲତକୁ ଜଳ ସମ୍ପଦ ବିଭାଗର ବଳକା ୩ ଏକର ଜମିରେ ସ୍ଥାପନ କରିବା; ପ୍ରତି ସପ୍ତାହରେ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଉପ ଜିଲ୍ଲାପାଳଙ୍କ ସର୍କିଟ କୋର୍ଟ ଜଳ ସମ୍ପଦ ବିଭାଗରେ ଆୟୋଜନ କରିବା ଓ ଜଳସମ୍ପଦ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାର ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ଯିବା ପାଇଁ ପାଦଚଲା ଓଭରବ୍ରିଜ ନିର୍ମାଣ ଦାବି ପ୍ରଶାସନ ନିକଟରେ ଉପସ୍ଥାପନ ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା । ସେହିକ୍ରମରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ଧାର୍ଯ୍ୟ ହୋଇଛି ।

ଗୋଶାଳାପଦାରେ ଆୟୋଜିତ ହେଲା 'ସ୍ୱଚ୍ଛତା ହିଁ ସେବା': ସଫେଇ ସହ ନେଲେ ସ୍ୱଚ୍ଛତାର ଶପଥ

ବାଲେଶ୍ୱର, ୦୫/୧୦ (ଆ.ପ୍ର) : ବାଲେଶ୍ୱର ପୌରପାଳିକା ଅଧୀନ ଗୋଶାଳାପଦା ସହରାଂଚଳ ବସ୍ତିରେ 'ସ୍ୱଚ୍ଛତା ହିଁ ସେବା' ଅଭିଯାନ ଅବସରରେ ଗଣ ସଫେଇ କାର୍ଯ୍ୟକ୍ରମ ଓ ସ୍ୱଚ୍ଛତା ଶପଥ ଗ୍ରହଣ ଅନୁଷ୍ଠିତ ହୋଇଯାଇଛି । ୟୁନିସେଫ୍, ୟୁଥ୍ ଫର୍ ୱାଟର୍ ପ୍ଲସ୍ ଓ 'ମେ ଆଇ ହେଲ୍ପ ୟୁ'ର ମିଳିତ ସହଯୋଗରେ ଏହି ଅଭିଯାନ ଆୟୋଜିତ ହୋଇଥିଲା । ସ୍ଥାନୀୟ କାଉନସିଲର ଶଶିରେଖା ମହାନ୍ତି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବା ସହ ଉପସ୍ଥିତ ସମସ୍ତଙ୍କୁ ସ୍ୱଚ୍ଛତା ଶପଥ ପାଠ କରାଇଥିଲେ । ଅଂଚଳକୁ ପରିଷ୍କାର ଓ ପରିଚ୍ଛନ୍ନ ରଖିବା, ଏଣେତେଣେ ଅଳିଆ ଆବର୍ଜନା ନ ପକାଇବା ସହ ସ୍ୱଚ୍ଛତା ପ୍ରତି ସାଧାରଣ ଲୋକଙ୍କୁ ସଚେତନ କରିବାକୁ ସେ ଆହ୍ୱାନ ଦେଇଥିଲେ । ଗଣ ସଫେଇ ଅଭିଯାନରେ ସ୍ଥାନୀୟ ମହିଳା, ଯୁବକ-ଯୁବତୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟଙ୍କ ସମେତ ବହୁ ସ୍ଥାନୀୟ ବାସିନ୍ଦା ସାମିଲ ହୋଇଥିଲେ । ସମସ୍ତେ ମିଳି ଅଂଚଳର ବିଭିନ୍ନ ସ୍ଥାନ ସଫେଇ କରିବା ସହ ସ୍ୱଚ୍ଛତାର ବାର୍ତ୍ତା ପ୍ରଚାର କରିଥିଲେ । ଏହି ଅବସରରେ ଅଂଚଳର ସ୍ୱଚ୍ଛତା ରକ୍ଷାରେ ନିୟୋଜିତ ସାନିଟାରୀ କର୍ମଚାରୀମାନଙ୍କୁ ସମ୍ମାନିତ କରାଯାଇଥିଲା । ସେମାନଙ୍କ ନିଃସ୍ୱାର୍ଥପର ସେବା, ନିରନ୍ତର ପରିଶ୍ରମ ଓ ସ୍ୱଚ୍ଛ ପରିବେଶ ଗଠନରେ ଅବଦାନକୁ ଆୟୋଜକମାନେ ପ୍ରଶଂସା କରିଥିଲେ । ସ୍ୱଚ୍ଛତା କେବଳ ପ୍ରଶାସନ କିମ୍ବା ସଫେଇ କର୍ମଚାରୀଙ୍କ ଦାୟିତ୍ୱ ନୁହେଁ, ଏକ ସୁସ୍ଥ ଓ ସୁନ୍ଦର ପରିବେଶ ଗଠନ ପାଇଁ ପ୍ରତ୍ୟେକ ନାଗରିକଙ୍କ ସକ୍ରିୟ ସହଭାଗିତା ଆବଶ୍ୟକ ବୋଲି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଥିଲା ।

ଫକୀରମୋହନ ବିଶ୍ୱବିଦ୍ୟାଳୟରେ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ

ନୀଳଗିରି, ୦୫/୧୦ (ଆ.ପ୍ର) : ଫକୀରମୋହନ ବିଶ୍ୱବିଦ୍ୟାଳୟରେ ନବାଗତ ଛାତ୍ରଛାତ୍ରୀଙ୍କୁ ବିଶ୍ୱବିଦ୍ୟାଳୟର ଶିକ୍ଷା ପରିବେଶ, ଛାତ୍ର ସହାୟତା ବ୍ୟବସ୍ଥା, ପରିସର ଜୀବନ ତଥା ବ୍ୟକ୍ତିଗତ ଓ ବୃତିଗତ ବିକାଶର ବିଭିନ୍ନ ସୁଯୋଗ ସମ୍ପର୍କରେ ଅବଗତ କରାଇବା ଉଦ୍ଦେଶ୍ୟରେ ଦୁଇଦିନିଆ 'ବିଶ୍ୱବିଦ୍ୟାଳୟସ୍ତରୀୟ ଛାତ୍ରଛାତ୍ରୀ ଅଭିମୁଖୀକରଣ କାର୍ଯ୍ୟକ୍ରମ' ଆୟୋଜିତ ହୋଇଅଛି । ଶ୍ରେଣୀଗୃହ ଶିକ୍ଷା ସହିତ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶକୁ ଗୁରୁତ୍ୱ ଦେଇ ଏକ ସୁସମ ଶିକ୍ଷା ପରିବେଶ ଗଠନ ବିଶ୍ୱବିଦ୍ୟାଳୟର ଲକ୍ଷ୍ୟ ବୋଲି କାର୍ଯ୍ୟକ୍ରମରେ ପ୍ରକାଶିତ ହୋଇଛି । "ଉଚ୍ଚଶିକ୍ଷା ଓ ବ୍ୟକ୍ତିତ୍ୱ ବିକାଶର ଏକ ପ୍ରମୁଖ ଗନ୍ତବ୍ୟସ୍ଥଳ: ଫକୀରମୋହନ ବିଶ୍ୱବିଦ୍ୟାଳୟ" ଶୀର୍ଷକକୁ ନେଇ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ । ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି କୁଳପତି ପ୍ରଫେସର ତ୍ରିପାଠୀ ବିଶ୍ୱବିଦ୍ୟାଳୟର ପାଠ୍ୟକ୍ରମ, ଶିକ୍ଷା ବ୍ୟବସ୍ଥା, ପରିସରର ନୈତିକ ଶୃଙ୍ଖଳା ଏବଂ ବିଶ୍ୱବିଦ୍ୟାଳୟ ପ୍ରତି ଛାତ୍ରଛାତ୍ରୀଙ୍କ ଦାୟିତ୍ୱବୋଧ ସମ୍ପର୍କରେ ଆଲୋକପାତ କରିଥିଲେ । ସ୍ନାତକୋତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲ ଏବଂ କୁଳସଚିବ ତଥା ଛାତ୍ରକଲ୍ୟାଣ ନିର୍ଦ୍ଦେଶକ ପ୍ରଫେସର ନିହାର ରଞ୍ଜନ ରାଉତ ବିଶ୍ୱବିଦ୍ୟାଳୟର ଶିକ୍ଷା ଓ ପ୍ରଶାସନିକ ବ୍ୟବସ୍ଥା ସହିତ ଛାତ୍ରଛାତ୍ରୀଙ୍କ ପାଇଁ ଉପଲବ୍ଧ ବିଭିନ୍ନ ସହାୟତା ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ । ଦୁଇଦିନିଆ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ମୁଖ୍ୟ, ସଂଯୋଜକ ଓ ବିଶ୍ୱବିଦ୍ୟାଳୟର ବିଭିନ୍ନ ଅଧିକାରୀ ନିଜ ନିଜ ବିଭାଗ, ପ୍ରକୋଷ୍ଠ ଓ ଦାୟିତ୍ୱ ସମ୍ପର୍କରେ ନବାଗତ ଛାତ୍ରଛାତ୍ରୀଙ୍କୁ ପରିଚିତ କରାଇବେ । ପ୍ରଥମ ଦିନରେ ପରିସର ଜୀବନର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା । କ୍ରୀଡ଼ା, ଛାତ୍ରାବାସ, ସାଂସ୍କୃତିକ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ, ସାହିତ୍ୟଚର୍ଚ୍ଚା, ବିଶ୍ୱବିଦ୍ୟାଳୟ ପ୍ରକାଶନ, ସଂଗ୍ରହାଳୟ, ଷ୍ଟୁଡିଓ, ସାମୁଦାୟିକ ରେଡିଓ, ପାଠାଗାର ଓ ସ୍ୱାସ୍ଥ୍ୟସେବା ଆଦି ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଯାଇଥିଲା । ଦ୍ୱିତୀୟ ଦିନରେ ଛାତ୍ରକଲ୍ୟାଣ, ଛାତ୍ରବୃତି, ନିଯୁକ୍ତି ଓ ଜୀବିକା ପରାମର୍ଶ, ଶୃଙ୍ଖଳା, ଅଭିଯୋଗ ସମାଧାନ ବ୍ୟବସ୍ଥା, ଆଭ୍ୟନ୍ତରୀଣ ଅଭିଯୋଗ କମିଟି, ପରୀକ୍ଷା ବ୍ୟବସ୍ଥା ଏବଂ ବହୁପାତ ସୁରକ୍ଷା ସମ୍ପର୍କରେ ସଚେତନ କରାଯିବ । ଏଥିସହ ବିଶ୍ୱବିଦ୍ୟାଳୟର ବିଭିନ୍ନ ଶିକ୍ଷା ସହଯୋଗ, ଉଦ୍ୟମିତା ଓ ନବସୃଜନ କାର୍ଯ୍ୟକ୍ରମ, ଗବେଷଣା ଓ ବିକାଶ କାର୍ଯ୍ୟକ୍ରମ, ଉତ୍କର୍ଷ କେନ୍ଦ୍ର ଏବଂ 'ପ୍ରୟୋଗଶାଳାରୁ ଜନସମାଜ' କାର୍ଯ୍ୟକ୍ରମ ସମ୍ପର୍କରେ ମଧ୍ୟ ଛାତ୍ରଛାତ୍ରୀଙ୍କୁ ଜଣାଇ ଦିଆଯିବ । ଗୁଣବତା ସୁନିଶ୍ଚିତକରଣ ପାଇଁ ଆଭ୍ୟନ୍ତରୀଣ ଗୁଣବତା ନିଶ୍ଚିତକରଣ ପ୍ରକୋଷ୍ଠ, ନାକ୍ ଓ ଏନ୍‌ଆଇଆର୍‌ଏଫ୍ ସମ୍ପର୍କରେ ସୂଚନା ଦିଆଯିବା ସହ ସୂଚନା ପ୍ରଯୁକ୍ତି ସୁବିଧା, ସ୍ୱୟଂ, ବିଶାଳ ମୁକ୍ତ ଅନଲାଇନ୍ ପାଠ୍ୟକ୍ରମ ଏବଂ ଶିକ୍ଷା ପରିଚାଳନା ପ୍ରଣାଳୀ ମାଧ୍ୟମରେ ଡିଜିଟାଲ୍ ଶିକ୍ଷାର ବଢୁଥିବା ସୁଯୋଗ ସମ୍ପର୍କରେ ମଧ୍ୟ ଅବଗତ କରାଇବାର ସୂଚନା ଦିଆଯାଇଛି । ଦୂର ଓ ଅନଲାଇନ୍ ଶିକ୍ଷା କେନ୍ଦ୍ର, ଜାତୀୟ ସେବା ଯୋଜନା ଏବଂ ପୋଷ୍ୟ ଗ୍ରାମ ଗୁଡିକୁ ନେଇ ଚାଲିଥିବା ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ସମ୍ପର୍କରେ ମଧ୍ୟ ଛାତ୍ରଛାତ୍ରୀଙ୍କୁ ଅବଗତ କରାଯିବ । ଶିକ୍ଷାଳିତ ଜ୍ଞାନକୁ ସାମାଜିକ ଦାୟିତ୍ୱ ଓ ସମାଜ ସହ ଯୋଡ଼ିବାର ଗୁରୁତ୍ୱ ଉପରେ ଏହି ଅଧିବେଶନଗୁଡ଼ିକରେ ଗୁରୁତ୍ୱ ଦିଆଯିବ । ଅକ୍ଟୋବର ୬ ତାରିଖରେ ନବାଗତ ଛାତ୍ରଛାତ୍ରୀଙ୍କ ମତାମତ ଓ ଅନୁଭୂତି ଆଦାନପ୍ରଦାନ ସହିତ ପରିଚୟ କାର୍ଯ୍ୟକ୍ରମର ଉଦ୍‌ଯାପନ ହେବ । ଏହି ପରିଚୟ କାର୍ଯ୍ୟକ୍ରମ ମାଧ୍ୟମରେ ନବାଗତ ଛାତ୍ରଛାତ୍ରୀ ବିଶ୍ୱବିଦ୍ୟାଳୟର ଶିକ୍ଷା ସମ୍ପଦ, ସହାୟତା ବ୍ୟବସ୍ଥା, ନିଜ ଦାୟିତ୍ୱ ଏବଂ ସାମଗ୍ରିକ ବିକାଶର ବିଭିନ୍ନ ସୁଯୋଗ ସମ୍ପର୍କରେ ସଚେତନ ହୋଇ ନିଜର ଉଚ୍ଚଶିକ୍ଷା ଯାତ୍ରା ଆରମ୍ଭ କରିବାର ସୁଯୋଗ ପାଇପାରିବେ ବୋଲି ଆଶାବ୍ୟକ୍ତ କରାଯାଇଛି ।

ଡିଭାଇନ୍ ଏଜୁକେଶନାଲ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟପରିସରରେ ବିଶ୍ୱଗୁରୁଦିବସ ଉପଲକ୍ଷେ ପୂଜ୍ୟପୂଜା ଓ ଆତ୍ମ ଚିନ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ



ନୀଳଗିରି, ୦୫/୧୦ (ଆ.ପ୍ର) : ନୀଳଗିରି ସ୍ଥିତ ଅଗ୍ରଣୀ ସ୍ୱେଚ୍ଛାସେବୀ ଡିଭାଇନ୍ ଏଜୁକେଶନାଲ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଡିଭାଇନ ଟ୍ୟୁଟୋରିଆଲ୍ ପରିସରରେ ବିଶ୍ୱଗୁରୁଦିବସ ଉପଲକ୍ଷେ ପୂଜ୍ୟପୂଜା ଓ ଆତ୍ମ ଚିନ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏଥି ନିମନ୍ତେ ଆୟୋଜିତ ପାଠ ଚକ୍ର ଶୀର୍ଷକ ଥିଲା, " ଗୁରୁ-ଶିଷ୍ୟ ସମ୍ପର୍କ : ଜ୍ଞାନ, ଶ୍ରଦ୍ଧା ଓ ସଂସ୍କାରର ଅମର ସେତୁ" । ଏହି ଉତ୍ସବ ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ଜଳନ ଓ ବେଦ ମନ୍ତ୍ର ରୁ ଆରମ୍ଭ ହୋଇଥିଲା । ଯେଉଁଥିରେ ବହୁ ବିଶିଷ୍ଟ ଦକ୍ଷ ଅବସରପ୍ରାପ୍ତ ଗୁରୁଜୀ ଗୁରୁମା ତଥା କାର୍ଯ୍ୟରତ ଗୁରୁଜୀ ଉପସ୍ଥିତ ରହି ଏହି ଆଲୋଚନା ଚକ୍ରରେ ମହତ୍ୱ ମନ୍ତବ୍ୟ ଦେଇଛନ୍ତି । ଏଥିରେ ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗୁରୁ ଓ ଶିଷ୍ୟ ମଧ୍ୟରେ ଜ୍ଞାନ ଓ ଶ୍ରଦ୍ଧାର ସମ୍ପର୍କ ସୁଦୃଢ଼ କରିବା । ଏହି ବିଷୟରେ ଆଲୋଚନା କରାଯାଇଥିଲା । ଟ୍ରଷ୍ଟର ପ୍ରତିଷ୍ଠାତା ତଥା ଡିଭାଇନ ଶିକ୍ଷାଅନୁଷ୍ଠାନର ଅଧ୍ୟକ୍ଷ ସୁଶାନ୍ତ କୁମାର ମହାପାତ୍ର ସ୍ୱାଗତ ଅଭିଭାଷଣ ଦେଇ ଥିଲେ । ଏହି ସଭାରେ : ମୁଖ୍ୟ ଅତିଥି ଭାବେ ବିଶିଷ୍ଟ କବି ଓ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ମହାପାତ୍ର, ମୁଖ୍ୟ ବକ୍ତା ଭାବେ ରତ୍ନାକର ଟାଉନ୍ ହାଇ ସ୍କୁଲ୍‌ର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ପଣ୍ଡା ଯୋଗ ଦେଇଥିଲେ । ଏତତ୍ ବ୍ୟତୀତ ଅନ୍ୟାନ୍ୟ ମାନ୍ୟ ଗଣ୍ୟ ଓ ବହୁ ପ୍ରତିଭାର ଅଧିକାରୀ ଅବସର ପ୍ରାପ୍ତ ଗୁରୁଜୀ /ଗୁରୁମା ତଥା କର୍ମରତ ଗୁରୁଜୀ ଗୁରୁମା ଉପସ୍ଥିତ ଥିଲେ । ଏହା ବ୍ୟତୀତ ବହୁ ବରିଷ୍ଠ ଶିକ୍ଷାବିତ୍ ଉପସ୍ଥିତ ରହି ବିଷୟ ବସ୍ତୁ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ବରିଷ୍ଠ ଗୁରୁଜୀ ବୃନ୍ଦ ବହୁ ମୂଲ୍ୟବାନ ମତ ପ୍ରଦାନ କରିଥିଲେ । ଛାତ୍ର / ଛାତ୍ରୀ ନିଜର ମତାମତ ସହିତ ପ୍ରଶ୍ନ ଉତର କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରା ଯାଇଥିଲା । ଆଜିର ସମାଜରେ ଗୁରୁ ଓ ଶିଷ୍ୟଙ୍କ ମଧ୍ୟରେ କିପରି ସମ୍ପର୍କ ସୁଦୃଢ଼ କରାଯାଇ ପାରିବ ଏଥିନିମନ୍ତେ ସମାଧାନର ସୂତ୍ର ମଧ୍ୟ ପ୍ରଦାନ କରିଛନ୍ତି । ଏହି ସଭାରେ ସମସ୍ତ ଉପସ୍ଥିତ ଶିକ୍ଷକ ମାନଙ୍କୁ ପୁଷ୍ପ ଗୁଚ୍ଛ ଓ ଉତରୀୟ ଅର୍ପଣ କରି ସମ୍ବର୍ଦ୍ଧନା କରାଯାଇଥିଲା । ଏହି ଦିବସ ଉପଲକ୍ଷେ ସେହି ଶିକ୍ଷାନୁଷ୍ଠାନର ଛାତ୍ର/ ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ଏବଂ ଯେମିତି ବୁଣିବ ସେମିତି ପାଇବ ନାଟକ ଉପସ୍ଥାପନା କରାଯାଇଥିଲା । ଏହି ସଭାଟିକୁ ଏତିକିରେ ସୀମିତ ନ ରଖି ଆଗକୁ ବ୍ୟାପକ କରିବା ପାଇଁ ପ୍ରସ୍ତାବ ରଖାଯାଇଅଛି । ଯେଉଁଥିରେ ଗୁରୁ, ଶିଷ୍ୟ ଭକ୍ତି ଓ ପ୍ରେମର ସଂକଳ୍ପ କରାଯାଇପାରିବ । ଏହା ଛଡା ଛାତ୍ର /ଛାତ୍ରୀ ମାନଙ୍କର ମନ ବୃତିକୁ ପ୍ରତିବୃଦ୍ଧି କରିବା ପାଇଁ ପ୍ରବନ୍ଧ, ସାଧାରଣ ଜ୍ଞାନ ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ସଭାକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ଡିଭାଇନ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀ ଓ ଟ୍ରଷ୍ଟ ର ସଦସ୍ୟ ଓ ସଦସ୍ୟା ମାନେ ସହଯୋଗ କରିଥିଲେ । ପରିଶେଷ ରେ ଆଗାମୀ ଭବିଷ୍ୟତର ପନ୍ଥା ନିର୍ଣ୍ଣୟ କରି ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ସୁଶାନ୍ତ କୁମାର ମହାପାତ୍ରଙ୍କ ଦ୍ୱାରା ଧନ୍ୟବାଦ୍ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ, ଗୁରୁଜୀ ଗୁରୁମା ଶୁଭାସିନୀ ଜୀ, ଦେବିଦାସୀ ବାରିକ, ଭରତ ଚନ୍ଦ୍ର ମହାନ୍ତି, ବାମନ ଚନ୍ଦ୍ର ମହାନ୍ତି, ଡ଼.କହ୍ନେଇ ଚରଣ ସ୍ୱାଇଁ, ଜ୍ୟୋତିର୍ମୟୀ ନାୟକ, କାର୍ତ୍ତିକ ଚନ୍ଦ୍ର ସାହୁ, ଅର୍ଚ୍ଚନା ପଣ୍ଡା, ପ୍ରଭାକର ମହାନ୍ତି, ପ୍ରଭାକର ସାହୁ, ଡ. ଶରତ ଚନ୍ଦ୍ର ମିଶ୍ର, ଅଞ୍ଜନ କୁମାର ଦାସ, ଜୟନ୍ତୀ ପ୍ରଧାନ, ରବି ନାରାୟଣ ବେହେରା, ବିର କିଶୋର ଦାସବାବୁ, ବିଶ୍ୱ ନାଥ ନାୟକ, ଉତମ କୁମାର ବିଶ୍ୱାଳ, ଭାସ୍କର ଚନ୍ଦ୍ର ଜେନା, ମନସ୍ୱିନୀ ବେହେରା, ହରପ୍ରିୟା ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିବା ସହ ଛାତ୍ର/ଛାତ୍ରୀ ମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ ।

ସେଇଥିକୁ
ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୦୬ ଅକ୍ଟୋବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

କର୍କଟ

କର୍କଟ ରୋଗ ଏବେ ମାନବ ସମାଜ ପ୍ରତି ବିପଦ ସୃଷ୍ଟି କରିଛି । ତେବେ ସଚେତନତା ଓ ସତର୍କତା ଦ୍ୱାରା ଏହି ରୋଗ ସହ ମାନବ ସମାଜ ଲଢ଼େଇ କରିବାର ଆବଶ୍ୟକତା ରହିଛି । ବର୍ତ୍ତମାନ କର୍କଟ ଚିକିତ୍ସା ନିମନ୍ତେ ନୂଆ ନୂଆ ପଦ୍ଧତି ସବୁ ବାହାରିଲାଣି । ଠିକଣା ସମୟରେ ଉପଚାର ଦ୍ୱାରା ବହୁ ଲୋକ କର୍କଟ କବଳରୁ ସମ୍ପୂର୍ଣ୍ଣ ଭାବେ ମୁକ୍ତ ହୋଇପାରୁଛନ୍ତି । ଏହି ଉଦ୍ଦେଶ୍ୟରେ ପ୍ରତିବର୍ଷ ଫେବୃୟାରୀ ୪ ତାରିଖକୁ ବିଶ୍ୱ କର୍କଟ ଦିବସ ଭାବେ ପାଳନ କରାଯାଇଥାଏ । କର୍କଟ ରୋଗର ଚିହ୍ନଟ, ଚିକିତ୍ସା ଏବଂ ନିରାକରଣ ଦିଗରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ଉଦ୍ଦେଶ୍ୟ । ମିଳିତ ଜାତିସଂଘ ଏହି ଦିବସ ପାଳନକୁ ମଞ୍ଜୁରୀ ଦେଇଛି । ଆନ୍ତର୍ଜାତିକ କର୍କଟ ନିୟନ୍ତ୍ରଣ ସଂଗଠନ ପକ୍ଷରୁ ପ୍ରଥମ ଥର ପାଇଁ କର୍କଟ ରୋଗ ନିୟନ୍ତ୍ରଣ ଦିବସ ପାଳନ ଆରମ୍ଭ ହୋଇଥିଲା । ବିଭିନ୍ନ କାରଣରୁ କର୍କଟ ହୋଇଥାଏ । ତେବେ ଧୂମପାନ ଓ ନିଶାଦ୍ରବ୍ୟ ସେବନ ଏହାର ଏକ ପ୍ରମୁଖ କାରଣ । ଏଥିରୁ ଦୂରେଇ ରହିବା ଲାଗି ଏବେ ବିଶ୍ୱବ୍ୟାପୀ ସଚେତନତା ସୃଷ୍ଟି କରାଯାଉଛି । ଚଳିତ ୨୦୨୦ ସୁଦ୍ଧା କର୍କଟ ରୋଗ ଜନିତ ଅସୁସ୍ଥତା ଏବଂ ମୃତ୍ୟୁକୁ ସମ୍ପୂର୍ଣ୍ଣ ଭାବେ ଦୂରେଇବା ଲାଗି ବିଶ୍ୱ କର୍କଟ ଦିବସ ପାଳନର ପ୍ରମୁଖ ଉଦ୍ଦେଶ୍ୟ ରହିଛି । ଚଳିତବର୍ଷ ବିଶ୍ୱ କ୍ୟାନସର ଦିବସର ବାର୍ତ୍ତା ରହିଛି 'ଆଇ ଆମ୍ ଆଣ୍ଡ ଆଇ ୱିଲ୍' । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଓ ବିଭିନ୍ନ ସେବା ସଙ୍ଗଠନ ଦ୍ୱାରା ପ୍ରତିବର୍ଷ ଫେବୃଆରୀ ୪ ତାରିଖକୁ ବିଶ୍ୱ କ୍ୟାନସର ଦିବସ ଭାବେ ପାଳନ କରାଯାଏ । ଫୁସ୍‌ଫୁସ୍ କ୍ୟାନସର ଓ ପେଟ କ୍ୟାନସର ପରେ ଲିଭର କ୍ୟାନସରରୁ ହିଁ ବେଶୀ ବ୍ୟକ୍ତି ମୃତ୍ୟୁମୁଖରେ ପଡ଼ନ୍ତି । ହେପାଟାଇଟିସ୍ ବି ଓ ସି ଏହି ରୋଗର ମୁଖ୍ୟ କାରଣ । ଏସିଆ ଓ ଆଫ୍ରିକା ମହାଦେଶରେ ହେପାଟାଇଟିସ୍ ବି ୮୦ ପ୍ରତିଶତ ଓ ଆମେରିକା ଓ ଜାପାନ ଦେଶରେ ହେପାଟାଇଟିସ୍ ସି ୭୫ ପ୍ରତିଶତ ହେଉଛି ଲିଭର କ୍ୟାନସରର ମୁଖ୍ୟ କାରଣ । ଏହି ହେପାଟାଇଟିସ୍ ବି ଓ ସି ସାଧାରଣତଃ ଦୂଷିତ ରକ୍ତ, ଦୂଷିତ ସିରିଞ୍ଜ ଓ ଛୁଞ୍ଚ୍ ମାଧ୍ୟମରେ କିମ୍ବା ଅସୁରକ୍ଷିତ ଯୌନ ସମ୍ପର୍କ ମାଧ୍ୟମରେ ଜଣଙ୍କର ଶରୀରରୁ ଅନ୍ୟ ଜଣଙ୍କର ଶରୀରକୁ ପ୍ରବେଶ କରିଥାଏ । ଯେଉଁମାନେ ଅତ୍ୟଧିକ ମଦ୍ୟପାନ କରନ୍ତି ସେମାନେ ଲିଭର ସିରୋସିସ୍ ଓ କ୍ୟାନସର ରୋଗରେ ମଧ୍ୟ ପୀଡ଼ିତ ହୁଅନ୍ତି । ଲିଭରରେ ଅତ୍ୟଧିକ ଚର୍ବି ଜମିବା, ଧୂମ୍ରପାନ ସେବନ, ଡାଇବେଟିସ୍ ଓ ଆଫ୍ଲା ଟକ୍ସିନ୍ ସେବନ ମାଧ୍ୟମରେ ଏହି ଲିଭର କ୍ୟାନସର ହୋଇଥାଏ । ହିମୋକ୍ରୋମାଟୋସିସ୍ (ଲିଭରରେ ଅତ୍ୟଧିକ ଲୌହ କଣା ଜମିବା, ଟାଇରୋସିନେସିସ୍, ଆଲ୍‌ଫା-୧ ଏଂଟିଟ୍ରିପ୍‌ସିନ୍ ଅଭାବ ବ୍ୟକ୍ତି ମାନଙ୍କୁ ମଧ୍ୟ ଏହି କ୍ୟାନସର ରୋଗ ହୁଏ । ଏହି କାରଣ ଗୁଡ଼ିକ ମଧ୍ୟରୁ ହେପାଟାଇଟିସ୍ ବି, ସି, ମଦ୍ୟପାନ, ଧୂମ ସେବନ, ଚର୍ବି ଜନିତ ରୋଗ ଓ ଡାଏବେଟିସ୍ ହେଉଛି ପ୍ରଧାନ ରୋଗ ଯେଉଁଥିରେ କି ପରବର୍ତ୍ତୀ ଅବସ୍ଥାରେ ରୋଗୀ ଲିଭର କ୍ୟାନସରରେ ଆକ୍ରାନ୍ତ ହୁଏ । ଭାରତରେ ହେପାଟାଇଟିସ୍ ବି ସାଧାରଣ ଦୁଇରୁ ସାତ ପ୍ରତିଶତ ଜନସାଧାରଣଙ୍କ ଭିତରେ ଦେଖାଯାଏ । ଦେଶରେ ହେପାଟାଇଟିସ୍ ବି ଭୁତାଣୁର ବାହକ ବହୁ ସଂଖ୍ୟାରେ ଅଛନ୍ତି । ଏହି ବାହକମାନେ ସାଧାରଣତଃ ନୀରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି । ଆମେମାନେ ଯଦି ହେପାଟାଇଟିସ୍ ବି କୁ ଟୀକା ମାଧ୍ୟମରେ ସମ୍ପୂର୍ଣ୍ଣ ନିରାକରଣ କରିପାରିବୁ ତାହାହେଲେ ଲିଭର କ୍ୟାନସର ମଧ୍ୟ କମିଯିବ । ମଦ୍ୟପାନ ବନ୍ଦ କରିବା ଅନ୍ୟ ଏକ ପଦକ୍ଷେପ । ଏହାଦ୍ୱାରା ଲିଭର ସିରୋସିସ୍ ଓ ଲିଭର କ୍ୟାନସରକୁ ମଧ୍ୟ ନିରାକରଣ କରାଯାଇ ପାରିବ । ରକ୍ତବ୍ୟାଙ୍କ ମାନଙ୍କରେ ହେପାଟାଇଟିସ୍ ବି ଓ ସି ପରୀକ୍ଷା ମାଧ୍ୟମରେ ହେପାଟାଇଟିସ୍ ବି ଓ ସିର ସଂକ୍ରମଣକୁ ମଧ୍ୟ ନିୟନ୍ତ୍ରଣ କରାଯାଇପାରିବ ।

ଭାରତ, ସିନ୍ଧୁ ନଦୀ ଓ ପାକିସ୍ତାନ

॥ ଡା. ରାଜକିଶୋର ପଣ୍ଡା ॥

ନେଦରଲ୍ୟାଣ୍ଡର ହେଗ୍ ସ୍ଥିତ ସ୍ଥାୟୀ ମଧ୍ୟସ୍ଥତା ନ୍ୟାୟାଳୟ (ପରମାନେଂଟ କୋର୍ଟ ଅଫ୍ ଆର୍ବିଟ୍ରେସନ) ଏହା ମଧ୍ୟରେ ସିନ୍ଧୁ ଜଳ ବିବାଦ ଉପରେ ଏକ ନିଷ୍ପତି ନେଇଅଛି ପାକିସ୍ତାନକୁ ସମର୍ଥନ କରି । ନିଜର ଫଇସଲାରେ ଏହି କୋର୍ଟ ପ୍ରକାଶ କରିଛି କି, ଭାରତ ଏକତରଫା ଭାବରେ ସିନ୍ଧୁଜଳ ଚୁକ୍ତିକୁ ବାତିଲ କରିପାରିବ ନାହିଁ । ଆହୁରି ମଧ୍ୟ ଉକ୍ତ ନ୍ୟାୟାଳୟର ପାଂଚଜଣିଆ ଖଣ୍ଡପୀଠ ନିଜ ରାୟରେ ଉଲ୍ଲେଖ କରିଛନ୍ତି, ଯେ ଏହି ଚୁକ୍ତି ବର୍ତମାନ ପରିସ୍ଥିତିରେ ସମ୍ପୂର୍ଣ୍ଣ ଭାବରେ ଲାଗୁ ରହିଛି ଓ ଏହାକୁ ନେଇ ଭାରତକୁ ନିଜର ଦାୟିତ୍ୱର ପାଳନ କରିବା ପାଇଁ ପଡ଼ିବ । ଏହି ଦାୟିତ୍ୱରେ ଅନ୍ତର୍ଭୁକ୍ତ ଅଛି ପାକିସ୍ତାନ ପଟକୁ ବହୁଥିବା ନଦୀଗୁଡ଼ିକରେ ଜଳବିଦ୍ୟୁତ୍ ପ୍ରକଳ୍ପର ପରିଚାଳନା । ୨୨ ଏପ୍ରିଲ ୨୦୨୫ ରେ ଜାମ୍ମୁ-କାଶ୍ମୀରର ପହେଲ୍‌ଗାମ୍‌ଠାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ଛବିଶଜଣ ନିର୍ଦ୍ଦୋଷ ଜନତା ପ୍ରାଣ ହରାଇଥିଲେ । ଆତଙ୍କବାଦୀମାନେ ଗୁଳି ମାରିବା ପୂର୍ବରୁ ମୃତକମାନଙ୍କୁ ସେମାନଙ୍କର ଧର୍ମ ପଚାରିଥିଲେ । ଏହି ନରସଂହାର ପରେ ଭାରତ ତରଫରୁ ବୟାନ ଜାରି କରାଯାଇଥିଲା କି ସିନ୍ଧୁଚୁକ୍ତିକୁ ସେହି ପର୍ଯ୍ୟନ୍ତ ବାତିଲ୍ କରାଯିବ, ଯେତେବେଳ ଯାଏଁ ପାକିସ୍ତାନ ସୀମାପାର ଆତଙ୍କବାଦ ଉପରେ ଅବିଶ୍ୱସନୀୟ ଓ ଅପରିବର୍ତନୀୟ ପଦକ୍ଷେପ ନେଇନାହିଁ । ପାକିସ୍ତାନ ଦ୍ୱାରା ହେଗ୍‌ରେ ଅଣାଯାଇଥିବା ସିନ୍ଧୁଜଳ ଚୁକ୍ତି ମାମଲାରେ ଭାରତ ପରମାନେଂଟ କୋର୍ଟ ଅଫ୍ ଆର୍ବିଟ୍ରେସନ୍‌ର ଅଧିକାର ଓ ରାୟକୁ ମାନିବାକୁ ନାସ୍ତି କରିଦେଇଛି । ସିନ୍ଧୁଜଳ ଚୁକ୍ତି, ଭାରତ ଓ ପାକିସ୍ତାନ ମଧ୍ୟରେ କେବଳ ଏକ ଜଳ ବଂଟନ ଚୁକ୍ତି ନୁହେଁ । ଏହା ସେହି ସମୟର ସୃଷ୍ଟି ଯେତେବେଳେ ଦୁଇ ଦେଶ ମଧ୍ୟରେ ଗଭୀର ରାଜନୈତିକ ଓ ସୁରକ୍ଷା ସମ୍ପର୍କିତ ମତଭେଦ ଥିବା ସତ୍ୱେ ଏଭଳି ଏକ ବିକଳ୍ପର ସନ୍ଧାନ ପାଇଁ ଉଦ୍ୟମ କରାଯାଇଥିଲା, ଯେଉଁଥିରେ ନଦୀର ପାଣିକୁ ଯୁଦ୍ଧରୁ ଅଲଗା ରଖାଯାଇପାରିବ କିନ୍ତୁ ସାତ ଦଶନ୍ଧିରୁ ଅଧିକ ସମୟ ପରେ ପରିସ୍ଥିତି ଏପରି ବଦଳି ଯାଇଛି କି, ଏହି ଚୁକ୍ତି ଏବେ କେବଳ ଜଳ ପରିଚାଳନାର ବିଷୟ ହୋଇ ରହିନାହିଁ । ଏହା ଭାରତର ସୁରକ୍ଷା, ସଂପ୍ରଭୁତା, ସୀମାପାର ଆତଙ୍କବାଦୀ କାର୍ଯ୍ୟକଳାପ ଓ ପରିବର୍ତିତ ଭୂ-ରାଜନୈତିକ ସମୀକରଣ ସହ ମଧ୍ୟ ଜଡ଼ିତ ହୋଇଯାଇଛି ।

ସିନ୍ଧୁଜଳ ଚୁକ୍ତି ୧୯୬୦ ରେ ଭାରତ ଓ ପାକିସ୍ତାନ ମଧ୍ୟରେ ବିଶ୍ୱବ୍ୟାଙ୍କ୍ ମଧ୍ୟସ୍ଥତାରେ ସ୍ୱାକ୍ଷରିତ ହୋଇଥିଲା । ଏହି ରାଜିନାମାରେ ସିନ୍ଧୁନଦୀ ପ୍ରଣାଳିର ଛଅ ପ୍ରମୁଖ ନଦୀରେ ଜଳ ଉପଯୋଗକୁ ନେଇ ବ୍ୟାପକ ବ୍ୟବସ୍ଥା କରାଯାଇଛି ।

ଶତ୍‌ଲେଜ୍, ବ୍ୟାସ ଓ ରାବି ନଦୀର ଅଧିକାଂଶ ଜଳ ଭାରତର ବ୍ୟବହାର ନିମନ୍ତେ ନିର୍ଦ୍ଧାରିତ କରାଗଲା ଯେତେବେଳେ କି ସିନ୍ଧୁ, ଝେଲମ୍ ଓ ଚେନ୍ନାବର ପାଣିର ଉପଯୋଗରେ ପାକିସ୍ତାନକୁ ପ୍ରମୁଖତା ମିଳିଲା । ତତ୍କାଳୀନ ସମୟରେ ଏହି ଚୁକ୍ତିକୁ ଦୁଇ ଦେଶ ମଧ୍ୟରେ ସହଯୋଗ କ୍ଷେତ୍ରରେ ଏକ ମହତ୍ୱପୂର୍ଣ୍ଣ ଦୃଷ୍ଟାନ୍ତ ହିସାବରେ ନିଆଗଲା । ଭାରତ, ପାକିସ୍ତାନ ମଧ୍ୟରେ ଯୁଦ୍ଧ ହେଲା, ସମ୍ପର୍କରେ ଉନ୍ନତି ଅବନ୍ନତି ଆସିଲା, ସୀମାରେ ଉତେଜନା ମଧ୍ୟ ବଢ଼ିଲା କିନ୍ତୁ ସିନ୍ଧୁଚୁକ୍ତି ଦୀର୍ଘ ସମୟ ପର୍ଯ୍ୟନ୍ତ ଅବ୍ୟାହତ ରହିଲା । ଏହା ହିଁ ଏହି ଚୁକ୍ତିର ଏକ ବିଶେଷତ୍ୱ । କିନ୍ତୁ ଆଜି ଭାରତ ଏକ ଭିନ୍ନ ସନ୍ଦେଶ ଦେଉଛି କି କୌଣସି ଚୁକ୍ତିର ସ୍ଥିରତା କେବଳ ଏହି ପ୍ରସଙ୍ଗରେ ନିର୍ଣ୍ଣୟ କରାଯାଇପାରିବ ନାହିଁ ଯେ ଏହା କେତେ ବର୍ଷ ଧରି ଅସ୍ତିତ୍ୱରେ ଅଛି । ସମୟ ସହିତ ଯଦି ପରିସ୍ଥିତି ବଦଳିଯାଏ, ତେବେ ଚୁକ୍ତିର ବ୍ୟାଖ୍ୟା ଓ ଏହାର କ୍ରିୟାନ୍ୱୟନ ପ୍ରକ୍ରିୟା ଉପରେ ମଧ୍ୟ ନୂଆ ରୂପରେ ବିଚାର ହେବାର ଆବଶ୍ୟକତା ରହିଛି ।

ପାକିସ୍ତାନରେ ଜଳବିଦ୍ୟୁତ୍ ଯୋଜନା ନିର୍ମାଣ କରୁଥିବା ଚୀନ ମଧ୍ୟ ଏହି ବିଷୟରେ ନୀରବତା ଅବଲମ୍ବନ କରିଛି । ଚୀନ ମଧ୍ୟ ପରମାନେଂଟ କୋର୍ଟ ଅଫ୍ ଆର୍ବିଟ୍ରେସନ୍‌ର ଏକ ଐତିହାସିକ ରାୟକୁ ଅତୀତରେ ଖାରଜ କରିଥିଲା, ଯାହାକି ଦକ୍ଷିଣ ଚୀନ ସାଗର ବିବାଦ ଉପରେ ଫିଲିପାଇନସ୍ ସପକ୍ଷରେ ଆସିଥିଲା । ହେଗ୍ ସ୍ଥିତ ସ୍ଥାୟୀ ମଧ୍ୟସ୍ଥତା ନ୍ୟାୟାଳୟ ଭାରତ ପାଇଁ କିଛି ନୂଆ ନୁହେଁ । ପ୍ରତ୍ୟକ୍ଷ ବା ଅପ୍ରତ୍ୟକ୍ଷ ଭାବରେ ଆଜି ପର୍ଯ୍ୟନ୍ତ ଭାରତ ତିରିଶ୍‌ରୁ ଅଧିକ ଆନ୍ତର୍ଜାତିକ ମାମଲାରେ ଜଡ଼ିତ ରହିଛି ।

ପ୍ରଶ୍ନ ଉଠୁଛି କି ପରମାନେଂଟ କୋର୍ଟ ଅଫ୍ ଆର୍ବିଟ୍ରେସନ୍ ଯଦି ବି ପାକିସ୍ତାନ ସପକ୍ଷରେ ରାୟ ଦେଲା, ତେବେ ଏହାକୁ କାର୍ଯ୍ୟକାରୀ କେମିତି କରାଇବ ? ଭାରତ କିଛି ଘଂଟାରେ ହିଁ ଏହି ନିଷ୍ପତିକୁ ଖାରଜ କରିଦେଇଛି । ରୋଚକ କଥା ହେଉଛି କି, ୧ ସେପ୍ଟେମ୍ବର ୨୦୨୬ ରେ କିରଗିଜସ୍ଥାନର ବିଶକେକ୍‌ଠାରେ ଅନୁଷ୍ଠିତ ହୋଇଥିବା ଛବିଶତମ ସାଂଘାଇ ସହଯୋଗ ସଙ୍ଗଠନ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କ ପାକିସ୍ତାନ ପ୍ରତିପକ୍ଷ ଶେହେବାଜ୍ ସରିଫ୍ ଗୋଟିଏ ମଂଚରେ ଉପସ୍ଥିତ ଥିଲେ ମଧ୍ୟ ଦୁଇଜଣଙ୍କ ମଧ୍ୟରେ କୌଣସି ପ୍ରକାର ବାର୍ତାଳାପ ହେଲା ନାହିଁ (ସିନ୍ଧୁ ଚୁକ୍ତିକୁ ନେଇ ମଧ୍ୟ) ।

ଇସ୍‌ଲାମାବାଦରେ ରହୁଥିବା ହାଇଡ୍ରୋଲୋଜି ଓ ଜଳ ପ୍ରବନ୍ଧନ ବିଶେଷଜ୍ଞ "ହସନ୍ ଆବାସ୍"ଙ୍କ ମତାନୁସାରେ ଚୁକ୍ତି ବାତିଲ ହେବା ଯୋଗୁଁ ପାକିସ୍ତାନ ପାଇଁ ତତ୍‌କ୍ଷଣାତ୍ କୌଣସି ବିପଦ ନାହିଁ । ସେ କହିଛନ୍ତି, "ମୋତେ ଲାଗୁନାହିଁ ଏବେ କିଛି ବଡ଼ ବିପଦ ଅଛି । ପଶ୍ଚିମା ନଦୀଗୁଡ଼ିକ ପାକିସ୍ତାନ ପାଇଁ ସୁରକ୍ଷିତ ହେବାର ପ୍ରମୁଖ କାରଣ ହେଉଛି ଏଗୁଡ଼ିକର ଭୌଗୋଳିକ ସ୍ଥିତି । ଭୌଗୋଳିକ ସ୍ଥିତି ତୁଳନାରେ କୌଣସି ଚୁକ୍ତିର ଅବଦାନ ଏଥିରେ ଗୌଣ ।" ହସନ ଆବାସ କହିଛନ୍ତି କି, "ଚେନାବ୍ ନଦୀ ଉପରେ ଭାରତର ଜଳ ସଂରକ୍ଷଣ କ୍ଷମତା ପ୍ରାୟ ଏକ ମିଲିଅନ ଏକର ଫୁଟ ଅଟେ, ଯାହାକି ପାକିସ୍ତାନର ଜଳସେଚନ ଆବଶ୍ୟକତା ତୁଳନାରେ ଅତ୍ୟନ୍ତ କମ୍ । ଯଦି ଭାରତ ପାକିସ୍ତାନ ପଟକୁ ପାଣି ନ ଛାଡ଼ିବ ତାହାହେଲେ ସେ ନିଜେ ହିଁ ବନ୍ୟାର କବଳିତ ହେବ ।" ଆହୁରି ମଧ୍ୟ ଆବାସ କହିଛନ୍ତି, "ଭାରତର ଜଳଭଣ୍ଡାର ଗୁଡ଼ିକ ରନ୍ ଅଫ୍ ରିଭର୍ ହାଇଡ୍ରୋ ପାୱାର ପ୍ଲାଂଟ ଅଟେ, ଯେଉଁଥିରେ ପାଣିକୁ ଗଚ୍ଛିତ କରି ରଖିବା ପାଇଁ ସ୍ଥାନ କମ୍ ଥାଏ । ତେଣୁ ଥରେ ଜଳାଶୟ ପୂର୍ଣ୍ଣ ହୋଇଗଲେ ଭାରତ ପାଖରେ ପାକିସ୍ତାନ ପଟକୁ ପାଣି ନିଷ୍କାସନ କରିବା ଛଡ଼ା ଆଉ କୌଣସି ଉପାୟ ନାହିଁ । ପାକିସ୍ତାନରେ ସିନ୍ଧୁ ନଦୀର ମୁଖ୍ୟ ଧାରାରେ ବର୍ତମାନ ଅନେକଗୁଡ଼ିକ ଜଳବିଦ୍ୟୁତ୍ ଯୋଜନା ନିର୍ମାଣାଧୀନ ଅଛି ।" ଏଥି ମଧ୍ୟରୁ "ଦାସୁ" ଓ "ଦିଆମେର ଭାଶା" ହେଉଛନ୍ତି ବୃହତ୍ ପ୍ରକଳ୍ପ । ଦାସୁ ଜଳବିଦ୍ୟୁତ୍ ଯୋଜନା ଖାଇବର ପାକ୍‌ତୁନ୍‌ଖ୍ୱା ପ୍ରାନ୍ତରେ ସିନ୍ଧୁ ନଦୀରେ ନିର୍ମାଣ କରାଯାଉଥିବା ଏକ ବୃହତ୍ ପ୍ରକଳ୍ପ ଯାହା ୨୦୨୭ ରେ କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଛି । ସେହିପରି ଦିଆମେର ଭାଶା ଯୋଜନା ଗିଲଗିଟ୍ ବାଲଟିସ୍ତାନ ଓ ଖାଇବର ପାକ୍‌ତୁନ୍‌ଖ୍ୱା ସୀମାରେ ସିନ୍ଧୁ ନଦୀରେ ନିର୍ମିତ ହେଉଥିବା ୨୭୨ ମିଟର ଉଚ୍ଚ ବିଦ୍ୟୁତ୍ ଓ ଜଳସେଚନ ଯୋଜନା ଅଟେ । ଏହା ଛଡ଼ା ସିନ୍ଧୁ ନଦୀ ବେସିନ ଓ ଏହାର ସହାୟକ ନଦୀମାନଙ୍କରେ ଆହୁରି ଛୋଟ ବଡ଼ ଜଳବିଦ୍ୟୁତ୍ ଓ ଜଳସେଚନ ପ୍ରକଳ୍ପ ନିର୍ମାଣାଧୀନ ଅଛନ୍ତି । ପାକିସ୍ତାନ ନିକଟରେ ପାଣିର ଅଭାବ ଅଛି କିନ୍ତୁ ଜଣାପଡୁନାହିଁ ଏତେ ଜଳବିଦ୍ୟୁତ୍ ଯୋଜନା କାହା ଭରସାରେ ନିର୍ମାଣ କରାଯାଉଛି ।

ସିନ୍ଧୁଜଳ ସନ୍ଧିରୁ ହଟିବା ପାଇଁ ଭାରତର ଫଇସଲା ପରେ ପାକିସ୍ତାନର ନେତୃବୃନ୍ଦ ଓ ସାମରିକ କର୍ତୃପକ୍ଷ ଏହି ବିବାଦକୁ ଦେଶର ଅସ୍ତିତ୍ୱ ପାଇଁ ବିପଦ ବୋଲି ଘୋଷଣା କରିଛନ୍ତି । ପୂର୍ବ ବିଦେଶ ମନ୍ତ୍ରୀ ବିଲାୱଲ ଭୁଟ୍ଟୋ ଜର୍ଦ୍ଦାରୀ ବୟାନ ଦେଇଛନ୍ତି କି, ଏହି ବିବାଦ କୌଣସି ଟେକ୍ନୋଲୋଜୀ ବିବାଦ ନୁହେଁ । ଏହା ମଧ୍ୟ କୌଣସି ହାଇଡ୍ରୋଲୋଜୀ ବା ପ୍ରଶାସନିକ ବିଳମ୍ବ ଜନିତ ମାମଲା ନୁହେଁ ବରଂ ଏହା ଜଳକୁ ଅସ୍ତ୍ର ଭାବେ ବ୍ୟବହାର କରିବାର ପ୍ରକ୍ରିୟା ଅଟେ ।

ପାକିସ୍ତାନ ଡେରିରେ ବୁଝିଲା କି ଭାରତ ତା' ବିରୋଧରେ ୱାଟର ବମ୍‌ର ବ୍ୟବହାର କରିଛି । ଏହା ମଧ୍ୟରେ ଲାଦାଖ୍‌ରୁ ଯେଉଁ ଖବର ଆସିଛି, ତାହା ଯଦି ଠିକ୍‌ରେ ପାଳନ କରାଯିବ, ପାକିସ୍ତାନରେ ପାଣି ଟୋପାଏ ପାଇଁ ହାହାକାର ଖେଳିଯିବ । ଲାଦାଖ୍ ପ୍ରଶାସନ ଏକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିଛନ୍ତି, ସିନ୍ଧୁ ନଦୀରେ ଏକା ଥରକେ ୩୬ ଟି ଡ୍ୟାମ୍‌ର ଜାଲ ବିଛାଇବା ପାଇଁ । ସେହି ପାଣି ଯାହା ଏ ପର୍ଯ୍ୟନ୍ତ ଦାନ ସୂତ୍ରରେ ସୀମା ଅତିକ୍ରମ କରୁଥିଲା ବର୍ତମାନ ଭାରତର ଅନୁର୍ବର ମାଟିରୁ ସୁନା ଉପୁଜାଇବ । ଏଥିରେ ମାତ୍ର ୫୬ କୋଟି ଖର୍ଚ୍ଚ ହେବ ବୋଲି ବ୍ୟୟ ଅଟକଳ କରାଯାଇଛି । ଏହି ପ୍ରସ୍ତାବକୁ ଲାଦାଖର ଏଲ.ଜି. ବିନୟ କୁମାର ସାକ୍‌ସେନା ଜଳଶକ୍ତି ମନ୍ତ୍ରାଳୟକୁ ବର୍ତମାନ ପଠାଇଛନ୍ତି । ଏହି ପ୍ରସ୍ତାବ ଅନୁଯାୟୀ ପ୍ରଥମ ପଦକ୍ଷେପ ସ୍ୱରୂପ ଲେହ୍‌ରେ ସାତୋଟି ଡ୍ୟାମ୍ ତିଆରି କରାଯିବ । ଏହା ହେବ ସିନ୍ଧୁ ନଦୀ ଉପରେ । ଦ୍ୱିତୀୟ ପଦକ୍ଷେପ ସ୍ୱରୂପ କାରଗିଲ୍‌ରେ ୨୯ ଡ୍ୟାମ୍ । ଏହା ହେବ ସୁରୁ ନଦୀ ଉପରେ, ଯାହାକି ସିନ୍ଧୁର ସବୁଠାରୁ ଶକ୍ତିଶାଳୀ ଶାଖା ନଦୀ ମଧ୍ୟରେ ଅନ୍ୟତମ । ନୂଆଦିଲ୍ଲୀ କେବେ ସୁଦ୍ଧା ଏହାକୁ କାର୍ଯ୍ୟକାରୀ କରିବ, ତାହା ଦେଖିବାକୁ ବାକି ରହିଲା । ପାକିସ୍ତାନ ଦୀର୍ଘ ସମୟରୁ ସିନ୍ଧୁ ଚୁକ୍ତିକୁ ଭାରତ ସହ ନିଜର ଜଳ ସମ୍ବନ୍ଧରେ ସୁରକ୍ଷା କବଚ ଭାବେ ଦେଖିଆସିଛି । ପାକିସ୍ତାନ ପାଇଁ ସିନ୍ଧୁ ନଦୀ କୃଷି, ଖାଦ୍ୟ ସୁରକ୍ଷା, ବିଦ୍ୟୁତ୍ ଉତ୍ପାଦନ ଓ ଅର୍ଥ ବ୍ୟବସ୍ଥାର ମେରୁଦଣ୍ଡ ଭଳି ଅଟେ, ତେଣୁ ଭାରତ ତରଫରୁ ସନ୍ଧିକୁ ନେଇ ଗ୍ରହଣ କରାଯାଇଥିବା କଠୋର ଆଭିମୁଖ୍ୟ ଇସଲାମାବାଦ୍‌ରେ ସ୍ୱାଭାବିକ ଭାବରେ ଚିନ୍ତା ସୃଷ୍ଟି କରିଛି । ଭାରତ ଦୃଷ୍ଟିକୋଣରୁ ପ୍ରଶ୍ନ ହେଉଛି କି, ପାଣି ପାଇଁ ସହଯୋଗର ଅପେକ୍ଷା କ'ଣ ସେହି ସମୟରେ ମଧ୍ୟ କରାଯାଇପାରିବ, ଯେତେବେଳେ କି ସୀମାରେ ଆତଙ୍କବାଦର ବିବାଦ ଜାରି ରହିଥିବ ? ଭାରତ ଏହି ବିରୋଧାଭାସକୁ ନିଜର ନୀତିର ଆଧାର କରିଛି । ଗୋଟିଏ ପଟେ ଆତଙ୍କବାଦକୁ ଭାରତ ବିରୋଧରେ ବ୍ୟବହାର କରିବା ଓ ଅନ୍ୟ ପଟେ ଜଳ ସମ୍ବନ୍ଧକୁ ସାମାନ୍ୟ ଦ୍ୱିପାକ୍ଷୀୟ ସମ୍ବନ୍ଧରୁ ଅଲଗା ରଖିବାର ଆଶା କରିବା, ଏହା କେବେ କି ଗ୍ରହଣୀୟ ନୁହେଁ ।

ଭାରତ, ପାକିସ୍ତାନକୁ କଡ଼ା ବାର୍ତା ଦେଉଛି କି, ରକ୍ତ ଓ ଜଳ କଦାପି ଏକା ସାଙ୍ଗରେ ବହମାନ ହୋଇପାରିବେ ନାହିଁ ।

ମେଡିକାଲ ଅଫିସର, ଓଡ଼ିଶା ସ୍ୱାସ୍ଥ୍ୟ ସେବା, ଭୁବନେଶ୍ୱର
ମୋବାଇଲ ନଂ- ୮୧୪୪୦୪୨୯୯୭

ମହାକାଶରେ ଆଶ୍ରୟ

॥ ଉତ୍କଳାନନ୍ଦ ଅଜୟ କୁମାର ବେହେରା ॥

ଚାହାଳୀ ପାଠ ବା ପ୍ରାଥମିକ ପାଠରେ ସ୍ୱର ବର୍ଣ୍ଣ, ବ୍ୟଞ୍ଜନ ବର୍ଣ୍ଣ ସହ ତିନୋଟି ଆଶ୍ରୟୀ ବର୍ଣ୍ଣର ଅକ୍ଷର ଚିହ୍ନଟ ଶିକ୍ଷା ଦିଆଯାଏ । ଉଚ୍ଚଶିକ୍ଷା କାଳରେ ଏହାର ଉଚ୍ଚତର ବିଶ୍ଳେଷଣ କରାଯାଏ । ଏହି ତିନି ଆଶ୍ରୟୀ ବର୍ଣ୍ଣର ପ୍ରୟୋଗ ସ୍ୱରବର୍ଣ୍ଣ ବା ବ୍ୟଞ୍ଜନ ବର୍ଣ୍ଣର ସଙ୍ଗ ଅବଶ୍ୟ କରେ । କୌଣସି ଶବ୍ଦର ଭାବ ଏହାର ଅନୁପସ୍ଥିତିରେ ପୂର୍ଣ୍ଣାଙ୍ଗ ବୋଧ ହୁଏ ନାହିଁ ବା ଅଶୁଦ୍ଧ । ଏହି ତିନି ଆଶ୍ରୟୀ, ଅନୁସ୍ୱାର ବିସର୍ଗ, ଚନ୍ଦ୍ରବିନ୍ଦୁକୁ ଗ୍ରାମ ଅବଧାନ ବା ଚାହାଳିର ମାଷ୍ଟ୍ରେ ଆପଣେ କୋଟିକା ଖଡ଼ିରେ ମାଟିଦ୍ୱାରା ଚଟାଣରେ ଚାଟ ମାନଙ୍କୁ ଲେଖାଇ ମଡ଼ାଇ ଉଚ୍ଚାରଣ କରାଇ, ଚିହ୍ନଟ କରାଉଥିଲେ ।

କିନ୍ତୁ ଆଜି କଳ୍ପନାରେ ଖୋଜ କଲେ, ଏହା ଆକାଶରେ କିଏ ଏପରି ସଂକେତ ଦେଉଛି । ପରମଜ୍ୟୋତି ସୂର୍ଯ୍ୟ ଅନୁସ୍ୱର ରୂପରେ ଗ୍ରହ ମନେ ଅର୍ଦ୍ଧବୃତରେ ସୂର୍ଯ୍ୟଙ୍କ ତଳ ପଟ ଭ୍ରମଣରେ ରହିଲେ ଚନ୍ଦ୍ରବିନ୍ଦୁ, ଦୁଇ ଗ୍ରହ ସୂର୍ଯ୍ୟଙ୍କ ଉପରେ ତଳରେ ଏକ ସରଳରେଖାରେ ରହିଲେ ବିସର୍ଗ ରୂପ ନେଉଛନ୍ତି । ଶୁକ୍ଳପକ୍ଷ ଦ୍ୱିତୀୟା ଚାନ୍ଦ ସନ୍ଧ୍ୟା କାଳରେ ପଶ୍ଚିମ ଆକାଶରେ ଚନ୍ଦ୍ର ଖୋଦ ଦୃଶ୍ୟ ରହି ଯେଉଁ ଶୃଙ୍ଗ ଉନ୍ନତ ରହିଛି ତାର ମଧ୍ୟରେ ତାରା କେହି କେବେ ଦୃଶ୍ୟ ଚନ୍ଦ୍ର ଆଉ ବି ବିନ୍ଦୁ ସଦୃଶ ଦୃଶ୍ୟ ହୁଏ । ସୂର୍ଯ୍ୟଗୋଲ ଉଦୟ କାଳରେ, ଅସ୍ତ କାଳରେ, ମଧ୍ୟାହ୍ନରେ ଯଦି କେବେ ବଳୟ ପରାଗ ଲାଗେ, ତେବେ ପୁରା ଅନୁସ୍ୱାର ଦୃଶ୍ୟ ।

ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ
ଦୂରଭାଷ : ୯୪୩୭୧୦୩୧୨୫୩

ବଡ଼ ଠାକୁରଙ୍କ ଗାଦି 'ଝାଟି ଜାଗା'

॥ ଡକ୍ଟର ତପନ କୁମାର ପାଲ॥

ବିଶ୍ୱବିଶ୍ରୁତ ଜଗନ୍ନାଥ ଧାମ ଓ ପାଠସ୍ଥ ଦେବତାଙ୍କ ଆବିର୍ଭାବ, ଧାମର ପ୍ରାଚୀନତା ମୂର୍ତିତତ୍ୱ, ସେମାନଙ୍କର ଅବସ୍ଥିତି ସର୍ବୋପରି ବିବିଧ ଯାତ୍ରା, ସକଳ ବିଷୟ ରହସ୍ୟାବୃତ । ସାଧାରଣ ବ୍ୟକ୍ତି ପକ୍ଷରେ ଏହାର ସୂକ୍ଷ୍ମାତିସୂକ୍ଷ୍ମ ଦର୍ଶନର ପରିଚୟ ପାଇବା ଏକ ଦୁରୂହ ବ୍ୟାପାର । ପୁରୀ ଠାକୁରଙ୍କ ତିନୋଟି ଗାଦି ରହିଛି । ବଡ଼ ଠାକୁରଙ୍କ ଗାଦି ହେଉଛି 'ଝାଟି ଜାଗା' । ଶ୍ରୀଅଙ୍ଗ ଭୂମିରେ ଥାଇ ଶ୍ରୀମୁଖ ବାହାରକୁ ଦୃଶ୍ୟମାନ । ଗୋଲାକୃତି ତଥା ଦେଉଳିଆ ଅବସ୍ଥିତି । ଏହାର ଠିକ ପଛକୁ ରହିଛି ଶ୍ରୀଜଗନ୍ନାଥଙ୍କ ଗାଦି ଭାବେ ପରିଚିତ 'କୁଲୁଂଚି ମଠ' । ଏହି ଦୁଇଟି ମାର୍କଣ୍ଡେଶ୍ୱର ସାହି ଅଧୀନରେ ରହିଥିବା ସ୍ଥଳେ ବାସେଳୀ ସାହିରେ ରହିଛି 'ହାତୀ ଗୁରୁଦେବ ମଠ' ତଥା ଦେବୀ ସୁଭଦ୍ରାଙ୍କ ଗାଦି । ପୁରୀରେ ଏହି ତିନୋଟି ଗାଦି ପୂଜା ପାଉଥାଏ । ଠାକୁରେ ପାତାଳି ହେବା ଅବସରରେ ଏହି ସ୍ଥାନ ମାନଙ୍କରେ ବିଗ୍ରହ ଅବସ୍ଥାନ କରିଥିବା ଜନ ମାନସରେ ବିଶ୍ୱାସ ରହିଛି ।

ଝାଟି ଜାଗା ଅର୍ଥ କାଗଜପତ୍ରରେ ତାହା ହେଉଛି 'ଆର୍ତତ୍ରାଣଙ୍କ ଗାଦି' । ଅର୍ଥାତ୍ ଶ୍ରୀବଳଭଦ୍ରଙ୍କ ଆସ୍ଥାନ । ଆବହମାନ ସମୟରୁ ବିଶ୍ୱାସ ରହିଛି ମାଳ ମାଳ ନାଗ ସାପ ଠାକୁରଙ୍କ ଆସ୍ଥାନରେ ବୁଲନ୍ତି । ଗାଦି ବ୍ରହ୍ମ ଚାରିପଟେ ଚଳପ୍ରଚଳ ହୁଅନ୍ତି । ସେହି ଭିତରେ ରୁହନ୍ତି । ଅଧିକ ବୟସ ହେବାରେ ବିଶାଳକାୟ ଶରୀର କ୍ରମଶଃ କ୍ଷୟ ହୋଇ ଅନେକ ସେହି ଭିତରେ ଲୀନ ହୋଇଛନ୍ତି । ଜନଗହଳି ଭିତରେ ବିଷଧର ସର୍ପ ଯିବା ଆସିବା କରୁଥିଲେ ମଧ୍ୟ ସର୍ପ ଦଂଶନରେ କେବେ କାହାରି ଜୀବନ ଯାଇଥିବା କେହି ଶୁଣି ନାହାନ୍ତି । ଏସବୁ ବଡ଼ ଠାକୁରଙ୍କ ମାହାତ୍ମ୍ୟ ବୋଲି ସ୍ଥାନୀୟ ବାସିନ୍ଦାଙ୍କ ଦୃଢ଼ ବିଶ୍ୱାସ । ସେଠାରେ ଆଗେ ଥିଲା ଜଙ୍ଗଲମୟ ପରିବେଶ । ସେତେବେଳେ ଏହି ଅଂଚଳରେ ବାଘ ବି ବୁଲେ । ନିକଟରେ ନଦୀ ଘାଟ ମଙ୍ଗଳା ନଦୀ । ସବୁଜିମାମୟ ପରିବେଶରେ ଗଢ଼ା ହେଉଥିଲା ସମାଜର ଆଧାତ୍ମିକ, ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ । ଯୁବକମାନେ ଏଠିଠାକୁ ଆସି ଏସବୁ ଦିଗରେ ନିଜକୁ ପ୍ରସ୍ତୁତ କରୁଥିଲେ । ଆଜି କର୍ପୂର ଉଡିଗଲେ ମଧ୍ୟ ଏହାର ବାସ୍ନାସ ପ୍ରମାଣ ସ୍ୱରୂପ ଆସ୍ଥାନ, ଠାକୁରେ ତଥା ପରମ୍ପରା ବଂଚିଛି । ହେଲେ ଭୌଗୋଳିକ ସ୍ଥିତିରେ ଅନେକ ପରିବର୍ତନ ଆସିଛି । ତଥାପି ଜାଗା ପରିସରରେ ଛଅଟି ପୋଖରୀ ଆଜି ବି ରହିଛି । ଯାହା କି ଅନ୍ୟ ଜାଗାରେ ପ୍ରାୟତଃ ଦେଖାଯାଏନି ।

'ମାଦଳା ପାଞ୍ଜି'ର ତଥ୍ୟ ତଥା ସ୍ଥାନୀୟ ପୁରୁଖା ପୁରୀ ବାସିନ୍ଦା ମାନଙ୍କ କହିବା ଅନୁଯାୟୀ ହୁଏତ କ୍ଷୁଦ୍ର କୁଟୀରରେ ସ୍ଥାପିତ ଭାଗବତ ଗାଦିରୁ ଏହି ଅନୁଷ୍ଠାନର ଜନ୍ମ । ଅର୍ଥାତ୍ ଠାକୁରଙ୍କ ଏହି ଆସ୍ଥାନ ବହୁ ପ୍ରାଚୀନ । ମହାରାଜା ପ୍ରତାପ ରୁଦ୍ର ଦେବଙ୍କ ସମୟରେ ଭକ୍ତି ଆନ୍ଦୋଳନରୁ ସୂତ୍ରପାତ ହୋଇଥିଲା ଭାଗବତ ଟୁଙ୍ଗି । ସେଠାରେ ଭାଗବତ ମହାପୁରାଣର ପୂଜନ ଓ ପାରାୟଣ ଆରମ୍ଭ ହୋଇଥିଲା । ଉକ୍ତ ଜାଗାରେ ଆଧାତ୍ମିକ, ମାନସିକ ଓ ଶାରୀରିକ ବିକାଶ ବ୍ୟବସ୍ଥା ହୋଇଥିଲା । ଜାଗାରେ ଗାଦି ଗୁରୁଦେବ ତଥା ହନୁମାନ ମଧ୍ୟ ପୂଜା ପାଉଛନ୍ତି । ସେ କାଳର କିଛି ପରମ୍ପରା ଆଜି ବି ବଂଚିଛି । ଶ୍ରୀକୃଷ୍ଣ ଲୀଳାରେ ଯମୁନା ଗାଧୁଆ ଓ ଭାଗବତ ଜନ୍ମ ଏଠାରେ ଧୁମ୍‌ଧାମରେ ପାଳିତ ହୁଏ । ବ୍ୟାୟାମ ଗୃହରେ ଜାଗା ସାଙ୍ଗମାନେ କସରତ କରିବା ସହ ପ୍ରାଚୀନ ଓ କିଛି ଆଧୁନିକ ବ୍ୟାୟାମ ଉପକରଣମାନ ରହିଛି । ଜାଗାର ସମସ୍ୟା ମଧ୍ୟ ଅନେକ ରହିଛି । ଜାଗା ପାଚେରୀ ଅଧାବିଧା ପଡ଼ିଥିବାରେ ଅଧିକ ବର୍ଷା ହେଲେ ନାଳ ପାଣି ଜାଗା ପରିସରରେ ପଶୁଛି । ପିଲାଙ୍କ ଖେଳ ପଡ଼ିଆ, ବୟସ୍କଙ୍କ ଅବସରବିନୋଦନ ପାଇଁ ବ୍ୟବସ୍ଥା ଓ ଆଧୁନିକ ବ୍ୟାୟାମ ଗୃହଟିଏ ଆଦି ଅନେକ ଯୋଜନା ରହିଥିଲେ ମଧ୍ୟ ଅର୍ଥ ବାଧକ ସାଜୁଛି । ସରକାରୀ ପ୍ରୋତ୍ସାହନ ଅଭାବରେ କିଛି ନିର୍ମାଣ ଅସୁବିଧା ପଡ଼ିଛି । ଜାଗାର ବାର୍ଷିକ ଖର୍ଚ୍ଚ ପରିଚାଳନା ପାଇଁ ସମସ୍ତେ ମିଶି କୁହାବୋଲା କରି ଯାହା କିଛି ଅନୁଦାନ ପାଉଛନ୍ତି ସେଥିରେ କଲ୍ୟାଣ ମଣ୍ଡପ ଓ କିଛି ଦୋକାନ ଘର ଆଦି ତିଆରିଛନ୍ତି । ହେଲେ ଶ୍ରୀକ୍ଷେତ୍ରରେ ଥିବା ପ୍ରାଚୀନ ଐତିହ୍ୟ ଗୁଡ଼ିକର ପୁନରୁଦ୍ଧାର ପାଇଁ ସରକାର ଆବଶ୍ୟକତା ଅନୁସାରେ ତତ୍ପରତା ଦେଖାଉ ନଥିବା ଅଭିଯୋଗ ହୋଇଛି ।

ଓଡ଼ିଶାର ରାଷ୍ଟ୍ରଦେବତା ଶ୍ରୀଜଗନ୍ନାଥ । ଇତିହାସରୁ ଆଜି ପର୍ଯ୍ୟନ୍ତ ଏହି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମେତ ଚତୁର୍ଦ୍ଧାମୂର୍ତିଙ୍କ ଉପାସନା ପଦ୍ଧତି ସମସ୍ତଙ୍କ ମନରେ ସୃଷ୍ଟି କରି ଆସିଛି ଅଜସ୍ର ବିସ୍ମୟ ଓ ଉନ୍ମାଦନା । ରହସ୍ୟର ପ୍ରସ୍ଥ ପ୍ରସ୍ଥ ଘେରରେ ଏହି ଚତୁର୍ଦ୍ଧାମୂର୍ତିଙ୍କର ମୂଳ, ଉଦ୍ଭବ, ବିକାଶ ଓ ବିବର୍ତନ ପ୍ରତିଟି ଗବେଷକ ଓ ଜିଜ୍ଞାସୁ ମନରେ ସୃଷ୍ଟି କରେ ବୁଢ଼ିଆଣୀ ଜାଲ ପରି ଗୋଲକଧନ୍ଧା । ଏହି ଠାକୁର ମାନଙ୍କର ଆକାର ପ୍ରକାର ଓ ପୂଜାପଦ୍ଧତି, ବିରୋଧାଭାସ ଓ ସମନ୍ୱୟର ଯେତେ ମୀମାଂସା କଲେ ମଧ୍ୟ ତାହା ସ୍ପଷ୍ଟ ହୁଏନାହିଁ । ଜଗନ୍ନାଥ ଉକ୍ତିରେ ଠାକୁର, ସେ ରୂପ ହୋଇ ମଧ୍ୟ ଅରୂପ, ଆକାର ପରି ଦିଶୁଥିଲେ ମଧ୍ୟ ନିରାକାର । ସେ ନିର୍ଗୁଣ ହୋଇ ବି ସଗୁଣ । ସେ ଶୂନ୍ୟ ଶୂନ୍ୟ ମହାଶୂନ୍ୟ ହୋଇ ମଧ୍ୟ ମହାକାରୁଣ୍ୟ । ତେଣୁ ସେ କରୁଣାସାଗର, କୃପାସିନ୍ଧୁ ।

ଭୁବନେଶ୍ୱର, ଦୂରଭାଷ : ୯୯୩୭୬୫୮୩୬୨ /
୭୯୭୮୭୯୬୩୩

ଜାତୀୟ ସେବା ଯୋଜନା ଦିବସ

॥ ଡ଼ଃ. ଅରୁନ୍ଧତୀ ଦେବୀ ॥

ଆଜି ଜାତୀୟ ସେବା ଯୋଜନା ଦିବସ ବା ନ୍ୟାସନାଲ ସର୍ଭିସ୍ ସ୍କିମ୍ ଡେ । ପ୍ରତିବର୍ଷ ସେପ୍ଟେମ୍ବର ୨୪ ତାରିଖକୁ ସମଗ୍ର ଭାରତବର୍ଷରେ ଜାତୀୟ ସେବା ଯୋଜନା ଦିବସ ଭାବେ ପାଳନ କରାଯାଉଛି । ଦେଶର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କହାଯାଉଥିବା ଅର୍ଥନୀତିରେ ସେବା ଯୋଜନାର ମହତ୍ୱପୂର୍ଣ୍ଣ ଭୂମିକା ରହିଛି । ବିଶେଷକରି ଏହି ସେବା ଯୋଜନାର ଯୋଗଦାନର ଗୁରୁ ଦାୟିତ୍ୱ ନ୍ୟସ୍ତ ହୋଇଛି ଯୁବବର୍ଗଙ୍କ ଉପରେ । ଜାତିର ଜନକ ସମସ୍ତଙ୍କ ନମସ୍ୟ ମହାତ୍ମା ଗାନ୍ଧୀଙ୍କ ଏହି ସ୍ୱପ୍ନଟି ଥିଲା ଯେ ଶିକ୍ଷା ସହ ସମାଜ ସେବା ସଂଯୋଗ ହେଉ । ଯାହାଦ୍ୱାରା ଏହି ଦେଶର ବା ସମାଜର ଅଗଣିତ ଛାତ୍ରଛାତ୍ରୀ ସମାଜର ବିଭିନ୍ନ ବାସ୍ତବ ସମସ୍ୟାସହ ଅଙ୍ଗାଙ୍ଗୀଭାବେ ଜଡ଼ିତ ହୋଇ ସେମାନଙ୍କ ଭିତରେ ରହିଥିବା ଶିକ୍ଷାଭିମାନ ସ୍ୱତଃ ଦୂରୀଭୂତ ହୋଇ ସେମାନେ ଆମ ଦେଶର ବିଭିନ୍ନ କ୍ରାନ୍ତିକାରୀ ଯୋଜନାରେ ନିଜର ଅବଦାନ ରଖିବାକୁ ସକ୍ଷମ ହେବେ । ମହାତ୍ମା ଗାନ୍ଧୀଙ୍କ ଯୁଗାନ୍ତକାରୀ ଦୂରଦୃଷ୍ଟିର ପରିକଳ୍ପନାକୁ ପରବର୍ତୀ ସମୟରେ ସରକାର ଗଭୀର ସମ୍ମାନବୋଧତାର ସହିତ ସ୍ୱାଧୀନତା ପରେ ବିଭିନ୍ନ କମିଟି ଓ କମିଶନ ଗଠନ କରି ଏହି ଯୋଜନାକୁ ଚୂଡ଼ାନ୍ତ ରୂପରେଖ ଦେବାକୁ ସକ୍ଷମ ହୋଇଥିଲେ । ଏହି କ୍ରମରେ ସବୁଠାରୁ ପରିଚିତ ଓ ଚର୍ଚ୍ଚିତ ଦେଶମୁଖ କମିଟି ଓ କୋଠାରୀ କମିଶନ ରିପୋର୍ଟ ଆଧାରରେ ପ୍ରସ୍ତୁତ ଚିଠାକୁ ସର୍ବଭାରତୀୟ କୁଳପତି ସମ୍ମିଳନୀରେ ସ୍ୱାଗତ କରାଗଲା । ଶେଷରେ ଚତୁର୍ଥ ପଂଚବାର୍ଷିକ ଯୋଜନାର ଅନୁଦାନ କ୍ରମେ ମହାତ୍ମାଗାନ୍ଧୀଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ୧୯୬୯ ମସିହା ସେପ୍ଟେମ୍ବର ୨୪ ତାରିଖରେ ଏହି ଯୋଜନାର ଶୁଭାରମ୍ଭ ହେଲା ।

ଜାତୀୟ ସେବା ଯୋଜନା ଆଜି ଯୁଗନ୍ତ ବିସ୍ତାରୀ କେବଳ ଭାରତର ବଡ଼ ବଡ଼ ଶିକ୍ଷାୟତନ ବା ଶିକ୍ଷା ପ୍ରତିଷ୍ଠାନ ନୁହେଁ ବରଂ ସହରାଂଚଳ ହେଉ ବା ଗ୍ରାମାଂଚଳ ବିଭିନ୍ନ ମହାବିଦ୍ୟାଳୟ ଓ ବିଦ୍ୟାଳୟରେ ଏହା ସମସ୍ତଙ୍କ ଦ୍ୱାରା ଲୋକାଦୃତ ହେଲାଣି । କେନ୍ଦ୍ର ସରକାରଙ୍କ ସହିତ ରାଜ୍ୟ ସରକାର ନିଜ ସହଯୋଗ ରକ୍ଷା କରି ଏହି ଜାତୀୟ ସେବା ଯୋଜନା ଅନ୍ତର୍ଗତ ସ୍କିମରେ ପ୍ରଚୁର ଅନୁଦାନର ସହଯୋଗ ଦେଇ ଏହାକୁ ପ୍ରୋତ୍ସାହିତ କରୁଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଛାତ୍ର ଓ ଯୁବବର୍ଗଙ୍କ ସହିତ ତାଳ ଦେଇ ଆଜିର ଝିଅମାନେ ଏହି କଲ୍ୟାଣକାରୀ ଯୋଜନାରେ ବି ନିଜକୁ ସାମିଲ କଲେଣି । ଜାତୀୟ ପ୍ରଗତିରେ ଏହି ସେବା ଯୋଜନାର ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଭୂମିକାକୁ ତଥା ଏହାର ଗୁରୁତ୍ୱକୁ ଉପଲବ୍ଧି କରି ଏହା ବେଶ୍ ବ୍ୟାପକ ହୋଇଛି । ପ୍ରତିବର୍ଷ ଆଜିର ଦିନରେ ଭାରତର ଶିକ୍ଷାୟତନ ସହ ବିଭିନ୍ନ ସେବା ଅନୁଷ୍ଠାନରେ ଏହି ଦିବସକୁ ସ୍ମରଣୀୟ କରିବା ପାଇଁ ବିଭିନ୍ନ ସେବା କାର୍ଯ୍ୟକ୍ରମ ସହ ଯୁବବର୍ଗଙ୍କ ପ୍ରତିଭାକୁ ବିକଶିତ କରିବା ପାଇଁ ନୂଆ ନୂଆ ପ୍ରୋଜେକ୍ଟ ହାତକୁ ନିଆଯାଉଛି । ବର୍ତମାନର କେନ୍ଦ୍ର ସରକାରଙ୍କ ଜନଧନ ଯୋଜନା ଏକ ଗୁରୁତ୍ୱପୂର୍ଣ୍ଣ ସେବା ଯୋଜନାର ଅନ୍ୟତମ କଲ୍ୟାଣକାରୀ ଚିନ୍ତନ କୁହାଯାଇପାରେ । ମହାତ୍ମା ଗାନ୍ଧୀଙ୍କ ପରିକଳ୍ପିତ ଏହି ଜାତୀୟ ସେବା ଯୋଜନାରେ ଆଜି ପୃଥିବୀର ବିଭିନ୍ନ ବଡ଼ ବଡ଼ ଶିକ୍ଷାୟତନ ଓ ସେବା ପ୍ରତିଷ୍ଠାନ ମାନେ ଅନେକ ସହଯୋଗ ପ୍ରଦାନ କରି ଏହାର ଗୁରୁତ୍ୱକୁ ଉପଲବ୍ଧି କରିବା ସହ ଭାରତରୁ ଏହି ବିଶେଷ ଫଳପ୍ରସୂ ଯୋଜନାକୁ ନିଜ ନିଜ ଶିକ୍ଷାୟତନରେ ବିଦ୍ୟାର୍ଥୀମାନଙ୍କ ଭିତରେ ଉପଲବ୍ଧି କରାଇବା ପାଇଁ ସେମାନଙ୍କ ପ୍ରତିନିଧି ମଣ୍ଡଳ ମାନଙ୍କୁ ନିୟମିତ ବ୍ୟବଧାନରେ ଭାରତ ପଠାଉଛନ୍ତି । ଜାତୀୟ ସେବା ଯୋଜନା ଅନ୍ତର୍ଗତ ଅନେକ ସେବା କାର୍ଯ୍ୟକ୍ରମ ବା ବିଶେଷକରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିପନ୍ନଙ୍କ ପାଖରେ ସହଯୋଗ ଓ ସହାନୁଭୂତିର ହାତ ନେଇ ପହଂଚିବା ପାଇଁ ଯେଉଁ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି ତାହା ନିଶ୍ଚିତ ଭାବରେ ଅନ୍ୟ ସମସ୍ତଙ୍କ ପାଇଁ ପ୍ରେରଣାଦାୟକ ।

ଚଳିତବର୍ଷ ଭାରତରେ ଅନ୍ୟୂନ ୩୩ଲକ୍ଷରୁ ଊର୍ଦ୍ଧ୍ୱ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟସ୍ତରର ଛାତ୍ରଛାତ୍ରୀମାନେ ବିଭିନ୍ନ କଲ୍ୟାଣ ମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ଏହି ଦିବସକୁ ସ୍ମରଣୀୟ କରିବା ପାଇଁ ବିଶେଷ ଭାବେ ପାଳନ କରିବାକୁ ଯୋଜନା ରଖିଛନ୍ତି । ସେବାଯୋଜନା ଅନ୍ତର୍ଗତ ଶିକ୍ଷା ସହ ସେବାର ସଂଯୋଗ, ବ୍ୟକ୍ତି ସହ ରାଷ୍ଟ୍ରର, ଜୀବନ ସହ ଜୀବିକାର, ଗ୍ରାମ ସହ ସହରର ଆଉ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଦାୟିତ୍ୱ ସହ ଅଧିକାରର ସଂଯୋଗୀକରଣର ସମ୍ପର୍କକୁ ସମସ୍ତଙ୍କ ପାଇଁ ଆଦର୍ଶଣୀୟ ଅଭିମୁଖୀ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବା । ଆଜି ଜାତୀୟ ସେବା ଯୋଜନା ଦିବସ ଅବସରରେ ଏହି ଜାତି ତଥା ନିଜ ମାତୃଭୂମି ସର୍ବୋପରି ସମାଜର ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ସେବା ଓ ସହଯୋଗର ହାତ ବଢ଼ାଇବାର ସଂକଳ୍ପ ନେଲେ ଏହି ଦିବସଟି ନିଜ ଗୁରୁତ୍ୱ ରଖିବାକୁ ସମର୍ଥ ହେବ ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆୟୋଜନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

ସେଇଠୁ
ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୦୬ ଅକ୍ଟୋବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୫

ଜଗତସିଂହପୁରରେ ବିଶ୍ୱ ଶିକ୍ଷକ ଦିବସ ପାଳିତ

ଜଗତସିଂହପୁର, ୦୫/୧୦ (ଆ.ପ୍ର) : ପୂଜ୍ୟ ପୂଜା ସଂସଦ ଆନୁକୂଲ୍ୟରେ ଆଜି ବିଶ୍ୱ ଶିକ୍ଷକ ଦିବସ ସ୍ଥାନୀୟ ନିମାଇଁ ଭବନ ପରିସରରେ ସଂସଦର ସଭାପତି ତଥା ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ ଭୋଇଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁରର ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ, ମୁଖ୍ୟ ବକ୍ତା ଭାବେ ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ବିଶିଷ୍ଟ ଅତିଥି ଭାବେ ରାଜ୍ୟ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର ପୂର୍ବତନ ସମ୍ପାଦକ କିଶୋର କୁମାର ପଣ୍ଡା, ସମ୍ମାନନୀୟ ଅତିଥି ଭାବେ ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ, ଏସଭିଏମ କଲେଜର ପୂର୍ବତନ ଅଧ୍ୟକ୍ଷ ବୀରବର ପାଳ, ଶିକ୍ଷକ ନେତା ଅର୍ଜୁନ ଦାଶ,ଶିକ୍ଷକ ନେତା ବିଜୟ କୁମାର ବିଶ୍ୱାଳ, ପୂର୍ବତନ ପୌରାଧ୍ୟକ୍ଷ ମଧୁସୂଦନ ସାହୁ, ସମାଜସେବୀ ନଟବର ବାରିକ, ପ୍ରମୁଖ ଯୋଗଦାନ କରି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ସେବା ନିବୃତ୍ତ ପ୍ରଧାନ ଶିକ୍ଷକ ସୁଭାଷ ଚନ୍ଦ୍ର ରାଉତଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ଶିକ୍ଷାବିତ ଶରତ ଚନ୍ଦ୍ର ବାରିକ ସ୍ୱାଗତ ଭାଷଣ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସଂଯୋଜକ ନିକୁଞ୍ଜ କିଶୋର ବେହେରା ଦିବସର ଇତିହାସ ସମ୍ପର୍କରେ ମତ ରଖିଥିବା ବେଳେ ସମ୍ପାଦକ ଦୀପ୍ତି ଦାସ ଆଭିମୁଖ୍ୟ ପ୍ରକାଶ କରିଥିଲେ । ପ୍ରାରମ୍ଭରେ ମା ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ର ଛାତ୍ରୀ ମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ । ପରେ ଦିବଂଗତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି ଅବସରରେ ୨୦୦ରୁ ଉର୍ଦ୍ଧ୍ୱ ସେବାନିବୃତ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଜିଲ୍ଲା ଓଷ୍ଟାର ସମ୍ପାଦକ ନାରାୟଣ ଚନ୍ଦ୍ର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଆବାହକ ଉତ୍କଳ ରଞ୍ଜନ ମହାନ୍ତି, ବିଜୟ କୁମାର ରଥ, ଡକ୍ଟର ବିଜୟ କୁମାର ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ରାଉତ, ଅଧ୍ୟାପକ ହିତେଶ କୁମାର ମହାନ୍ତି, ତ୍ରିଲୋଚନ ସାହୁ, ଚନ୍ଦନ ବେହେରା,ରବୀନ୍ଦ୍ର ନାଥ ମିଶ୍ର, ଅତୁଳ ବିକ୍ରମ ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ

ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ଜିଲ୍ଲାପାଳଙ୍କ ସମ୍ବର୍ଦ୍ଧନା

ନବରଙ୍ଗପୁର, ୦୫/୧୦ (ଆ.ପ୍ର) : ସରକାରୀ କାର୍ଯ୍ୟାଳୟରେ ଫାଇଲ୍ ପ୍ରକ୍ରିୟାକରଣକୁ ଅଧିକ ଦ୍ରୁତ, ସ୍ୱଚ୍ଛ, ଦକ୍ଷ ଓ ସମୟବଦ୍ଧ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଲାଗୁ କରାଯାଇଥିବା ଓଏସଡବ୍ଲୁଏର ଉକାର୍ଯ୍ୟକାରୀ ରୂପାୟଣ କ୍ଷେତ୍ରରେ ନବରଙ୍ଗପୁର ଜିଲ୍ଲା ପୁଣିଥରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ସେପ୍ଟେମ୍ବର ୨୦୨୬ ମାସରେ ଫାଇଲ୍ ପ୍ରକ୍ରିୟାକରଣର ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ ସହ ଲଗାତାର ତୃତୀୟ ମାସ ପାଇଁ ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରାଜ୍ୟସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛି । ସେପ୍ଟେମ୍ବର ମାସର ଓଏସଡବ୍ଲୁଏ ପ୍ରଦର୍ଶନ ଅନୁଯାୟୀ, ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ପ୍ରତିଷ୍ଠାନ ବିଭାଗ ୧,୮୦୦ଟି ଫାଇଲ୍ ପ୍ରକ୍ରିୟାକରଣର ଲକ୍ଷ୍ୟ ବିପକ୍ଷରେ ୧,୮୬୦ଟି ଫାଇଲ୍ ପ୍ରକ୍ରିୟାକରଣ କରି ଲକ୍ଷ୍ୟ ଅତିକ୍ରମ କରିଛି । ସେହିପରି ରାଜସ୍ୱ ବିଭାଗ ୧,୦୬୬ଟି ଏବଂ ନ୍ୟାୟିକ ବିଭାଗ ୭୮୮ଟି ଫାଇଲ୍ ପ୍ରକ୍ରିୟାକରଣ କରି ନିର୍ଦ୍ଧାରିତ ଲକ୍ଷ୍ୟଠାରୁ ଅଧିକ ସଫଳତା ହାସଲ କରିଛନ୍ତି । ଜିଲ୍ଲାସ୍ତରୀୟ ବିଭିନ୍ନ କାର୍ଯ୍ୟାଳୟ ମଧ୍ୟରେ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ନବରଙ୍ଗପୁର ୧,୨୦୦ଟି ଫାଇଲ୍ ପ୍ରକ୍ରିୟାକରଣର ଲକ୍ଷ୍ୟ ବିପକ୍ଷରେ ୧,୨୪୦ଟି ଫାଇଲ୍ ପ୍ରକ୍ରିୟାକରଣ କରିଛି । ଏହାସହ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ କାର୍ଯ୍ୟାଳୟ ୧,୧୦୩ଟି ଏବଂ ଜିଲ୍ଲା ପଂଚାୟତ କାର୍ଯ୍ୟାଳୟ ୨୮୪ଟି ଫାଇଲ୍ ପ୍ରକ୍ରିୟାକରଣ କରି ନିଜ ନିଜ ଲକ୍ଷ୍ୟ ଅତିକ୍ରମ କରିଛନ୍ତି । ବ୍ଲକ୍ ସ୍ତରରେ ମଧ୍ୟ ଓଏସଡବ୍ଲୁଏ ଫାଇଲ୍ ପ୍ରକ୍ରିୟାକରଣରେ ଉଲ୍ଲେଖନୀୟ ପ୍ରଦର୍ଶନ ହୋଇଛି । ନବରଙ୍ଗପୁର ପଂଚାୟତ ସମିତି କାର୍ଯ୍ୟାଳୟ ୬୦୦ଟି ଫାଇଲ୍ ପ୍ରକ୍ରିୟାକରଣର ଲକ୍ଷ୍ୟ ବିପକ୍ଷରେ ୧,୦୫୩ଟି ଫାଇଲ୍ ପ୍ରକ୍ରିୟାକରଣ କରିଥିବାବେଳେ ଉମରକୋଟ ପଂଚାୟତ ସମିତି କାର୍ଯ୍ୟାଳୟ ୬୦୦ଟି ଲକ୍ଷ୍ୟ ବିପକ୍ଷରେ ୬୩୧ଟି ଫାଇଲ୍ ପ୍ରକ୍ରିୟାକରଣ କରି ଉତ୍କୃଷ୍ଟ ପ୍ରଦର୍ଶନ କରିଛି । ଏହି ଉଲ୍ଲେଖନୀୟ ସଫଳତା ପାଇଁ ଆଜି ନବରଙ୍ଗପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଡ. ମହେଶ୍ୱର ସ୍ୱାଇଁ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଅଧିକାରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସମ୍ବର୍ଦ୍ଧିତ ଅଧିକାରୀମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ସମିନା ଅଖତରୀ, ଡେପୁଟି କଲେକ୍ଟର ଗୀତାଞ୍ଜଳି ବେହେରା, ଡେପୁଟି କଲେକ୍ଟର ଭାଗ୍ୟଶ୍ରୀ ମିଶ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ପ୍ରଫୁଲ୍ଲ କୁମାର ପାଢ଼ୀ, ଜିଲ୍ଲା ପଂଚାୟତ ଅଧିକାରୀ ପଦ୍ମନାଭ ତ୍ରିପାଠୀ, ନବରଙ୍ଗପୁର ବିଡିଓ ସୁନୀଲ ଖରା ଏବଂ ଉମରକୋଟ ବିଡିଓ ମନୋଜ କୁମାର ମେହେର ପ୍ରମୁଖ ଥିଲେ । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ (ସାଧାରଣ) ଡ. ପ୍ରମୋଦ କୁମାର ପୃଷ୍ଟି ଉପସ୍ଥିତ ରହି ଡଏଡବ୍ଲୁଏର ସୁଚାରୁ ବ୍ୟବହାର ମାଧ୍ୟମରେ ସରକାରୀ କାର୍ଯ୍ୟରେ ଦକ୍ଷତା, ପାରଦର୍ଶିତା ଓ ସମୟବଦ୍ଧତା ବୃଦ୍ଧି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ଡ. ସ୍ୱାଇଁ ଓଏସଡବ୍ଲୁଏ ମାଧ୍ୟମରେ ଫାଇଲ୍ ପ୍ରକ୍ରିୟାକରଣରେ ଦ୍ରୁତତା, ଦକ୍ଷତା ଓ ସମୟବଦ୍ଧତା ବଜାୟ ରଖିବା ସହ ଆଗାମୀ ଦିନରେ ମଧ୍ୟ ଏହି ଉତ୍କୃଷ୍ଟ ପ୍ରଦର୍ଶନ ଜାରି ରଖିବାକୁ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଆହ୍ୱାନ ଜଣାଇଥିଲେ । ସରକାରୀ କାର୍ଯ୍ୟରେ ଦକ୍ଷତା, ପାରଦର୍ଶିତା, ଜବାବଦେହିତା ଓ ଦ୍ରୁତ ସେବା ପ୍ରଦାନ ସୁନିଶ୍ଚିତ କରିବାରେ ଡଏଡବ୍ଲୁଏ ଏକ ପ୍ରଭାବଶାଳୀ ଡିଜିଟାଲ୍ ପଦକ୍ଷେପ ବୋଲି ସେ ଉଲ୍ଲେଖ କରିଥିଲେ । କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ କାଶ୍ୟପ ପାର୍ଥ ଜଗଦୀଶ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ. ପ୍ରମୋଦ କୁମାର ପୃଷ୍ଟି, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ବିରଂଚି ନାରାୟଣ ଦରାଣ୍ଡନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

ଶ୍ରୀମନ୍ଦିରରେ ଜେଟିପିଙ୍କ ଗୁଣ୍ଡାରାଜ, ଦର୍ଶନକୁ ନେଇ ସାମ୍ବାଦିକଙ୍କୁ ମାଡ଼ ଅଭିଯୋଗ

ପୁରୀ, ୦୫/୧୦ (ଆ.ପ୍ର) : ଶ୍ରୀମନ୍ଦିରରେ ଦର୍ଶନକୁ ନେଇ ଜଣେ ଫୋଟ ସାମ୍ବାଦିକଙ୍କୁ ଜେଟିପି ମାଡ଼ ମାରିବା ସହ ଜାତିଆଣ ମନ୍ତବ୍ୟ ନେଇ ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ, ସାମ୍ବାଦିକ ସନାତନ ଭୋଇଙ୍କ ସହ ଦର୍ଶନକୁ ନେଇ ଜେଟିପି ଲକ୍ଷ୍ମୀଧର ଉପାଧ୍ୟାୟ ମାଡ଼ ମାରିଥିବା ନେଇ ସିଂହଦ୍ୱାର ଥାନରେ ଅଭିଯୋଗ କରାଯାଇଛି । ତେବେ ଏପରି ଅଭାବନୀୟ ଘଟଣାକୁ ନେଇ ଶନିବାର ରାତିରେ ଶ୍ରୀମନ୍ଦିର ପରିସରରେ କିଛି ସମୟ ପାଇଁ ଉତେଜନା ସୃଷ୍ଟି ହୋଇଥିବା ବେଳେ ଶ୍ରୀମନ୍ଦିର ଭଳି ସମ୍ବେଦନଶୀଳ ଧାର୍ମିକ ସ୍ଥାନରେ ସାମ୍ବାଦିକଙ୍କ ସହ ଏଭଳି ବ୍ୟବହାର ଅଭିଯୋଗକୁ ନେଇ ସାମ୍ବାଦିକ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି । ତେବେ ଶ୍ରୀମନ୍ଦିର ଭଳି ଏକ ପବିତ୍ର ଧାର୍ମିକ ସ୍ଥଳରେ ଭକ୍ତଙ୍କ ସୁବିଧା ଓ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥାକୁ ନେଇ ପୁଣି ପ୍ରଶ୍ନ ଉଠିଛି । ତେବେ ଘଟଣାକୁ ନେଇ ଉଭୟ ପକ୍ଷରୁ ଥାନରେ ଅଭିଯୋଗ ହୋଇଥିବା ସୂଚନା ମିଳିଛି । ଅଭିଯାଗ କାରୀ ସମୀର ତାଙ୍କ ଅଭିଯୋଗରେ ଉଲେଖ କରିଛନ୍ତି କି ଶନିବାର ରାତି ପ୍ରାୟ ୯ ଟା ସମୟରେ ସେ କାର୍ଯ୍ୟ କରୁଥିବା କାର୍ଯ୍ୟାଳୟର ଏଡିଟର ଏବଂ ତିନିଜଣ ମହିଳା ମହାପ୍ରଭୁଙ୍କ ଦର୍ଶନ କରିବାକୁ ଆସିଥିଲେ । ଏନେଇ ପ୍ରଶାସନକୁ ଜଣାଇଲେ । ଯାହାଫଳରେ ଦର୍ଶନ ନିମନ୍ତେ ଜଣେ ଶ୍ରୀମନ୍ଦିର ସ୍ୱତନ୍ତ୍ର ସୁରକ୍ଷା ବାହାନୀର କର୍ମଚାରୀ ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଇଥିଲା । ସଂପୃକ୍ତ କର୍ମଚାରୀ ଦର୍ଶନ କରାଇବା ନିମନ୍ତେ ଶ୍ରୀମନ୍ଦିର ଘଂଟିଦ୍ୱାର ଦେଇ ଯାଇଥିଲେ । ଏହି ସମୟରେ ସନାତନ ଭୋଇ ମଧ୍ୟ ଯିବା ସମୟରେ ବ୍ୟାରିକେଡ ପାରୁ ଡିୟୁଟିରେ ଥିବା ଜଣେ ଜେଟିଏସ ତାଙ୍କୁ ଯିବାକୁ ବାରଣ କରିଥିଲେ । ତେବେ ଶ୍ରୀ ଭୋଇ ତାଙ୍କ ପରିଚୟ ଦେବା ସହ କାର୍ଯ୍ୟାଳୟରୁ ଆସିଥିବା ଏଡିଟର ଓ ଅନ୍ୟମାନଙ୍କ ନିମନ୍ତେ ପ୍ରଶାସନ ପକ୍ଷରୁ ପ୍ରୋଟକଲ ବ୍ୟବସ୍ଥା କରାଯାଇଥିବା କହିଥିଲେ । ଏ ନେଇ ଜାଣିବା ପରେ ଜେଟିଏସ ଜଣଙ୍କ ତାଙ୍କୁ ଗାଳି ଗୁଲଜ କରିବା ସହ ଅସଭ୍ୟ ଭାଷା କରିଥିଲେ । ଯାହାଫଳରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । ପରେ ସେଠାରୁ ସାମ୍ବାଦିକ ଶ୍ରୀ ଭୋଇ ପଳାଇଆସି ସୂର୍ଯ୍ୟମନ୍ଦିର ଅପରପାଶ୍ୱରେ ଥିବା ଦୀପଦୋକାନ ନିକଟରେ ଠିଆ ହୋଇଥିଲେ । ହଠାତ ସଂପୃକ୍ତ ଜେଟିଏସ କର୍ମଚାରୀ ଆସି ତାଙ୍କ ବେକକୁ ଧରି ଟାଣି ଟାଣି ଘଂଟିଦ୍ୱାର ନିକଟକୁ ନେଇଥିଲେ । ସେଠାରେ ଥିବା ଜେଟିପି ଲକ୍ଷ୍ମୀଧର ଉପାଧ୍ୟାୟ କିଛି ନବୁଝି ଶ୍ରୀ ଭୋଇଙ୍କୁ ମାଡ ମାରିଥିଲେ ଯାହାଫଳରେ ସେ ଆହାତ ହୋଇଥିଲେ । ଏନେଇ ସାମ୍ବିଦକ ଶ୍ରୀ ଭୋଇ ଥାନାରେ ଏକ ଲିଖିତ ଅଭିଯୋଗ କରିଥିବବେଳେ ସିଂହଦ୍ୱାର ଥାନା ପୋଲିସ କେସ ନଂ ୨୪୨/୨୬ରେ ଏକ ମାମଲା ରୁଜୁ କରିଛି । ଅପରପକ୍ଷରେ ମାଡ କାରଣରୁ ସାମ୍ବାଦିକଙ୍କ ବାମପାଶ୍ୱ କାନ ପରଦା ଫାଟି ଯାଇଥିବା ଜଣାପଡିଛି । ତେବେ ଶ୍ରୀମନ୍ଦିରକୁ ପ୍ରତିଦିନ ହଜାର ହଜାର ଭକ୍ତ ଆସୁଥିବାରୁ ସେମାନଙ୍କ ସହ ଶାଳୀନତା ଓ ଧୈର୍ଯ୍ୟର ସହ ବ୍ୟବହାର କରିବା ନିୟୋଜିତ କର୍ମଚାରୀଙ୍କ ଦାୟିତ୍ୱ । ଏପରି ସ୍ଥାନରେ ମାଡ଼ପିଟ୍ ଭଳି ଅଭିଯୋଗ ଆସିବା ଶ୍ରୀମନ୍ଦିରର ଶୃଙ୍ଖଳା ଓ ମର୍ଯ୍ୟାଦା ପ୍ରତି ପ୍ରଶ୍ନଚିହ୍ନ ସୃଷ୍ଟି କରୁଛି । ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ସତ୍ୟାସତ୍ୟ ସାମ୍ନାକୁ ଅଣିବା ସହ ଦୋଷୀଙ୍କ ବିରୋଧରେ ଉପଯୁକ୍ତ ପଦକ୍ଷେପ ନେବାକୁ ଦାବି ହୋଇଛି । ତେଣୁ ଏହି ଘଟଣାର ନିରପେକ୍ଷ ତଦନ୍ତ ସହ ଘଟଣାସ୍ଥଳର ସିସିଟିଭି ଫୁଟେଜ୍ ଯାଂଚ କରାଯାଇ ସତ୍ୟାସତ୍ୟ ସାମ୍ନାକୁ ଆଣିବାକୁ ଦାବି ହୋଇଛି ।

ଭବାନୀପାଟଣା ଠାରେ ଜିଲ୍ଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର



କଳାହାଣ୍ଡି, ୦୫/୧୦ (ଆ.ପ୍ର) : ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜନସାଧାରଣଙ୍କ ଅଭିଯୋଗର ଦ୍ରୁତ ଓ ଗୁଣାତ୍ମକ ସମାଧାନ ନିମନ୍ତେ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ)ତନ୍ମୟ କୁମାର ଦରଣ୍ଡା, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ସୌମ୍ୟ ରଞ୍ଜନ ପ୍ରଧାନ, ଉପ ଜିଲ୍ଲାପାଳ ଧର୍ମଗଡ ପ୍ରେକ୍ଷା ଅଗ୍ରୱାଲଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରିଥିଲେ । ଆଜିର ଜନ ଅଭିଯୋଗ ଶୁଣାଣି ଶିବିରରେ ମୋଟ ୧୪୮ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୧୨୨ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୨୬ଟି ସାମୂହିକ ଅଭିଯୋଗ ରହିଥିଲା । ଗ୍ରହଣ କରାଯାଇଥିବା ଅଭିଯୋଗ ମଧ୍ୟରୁ ୧୫ଟି ଅଭିଯୋଗର ତତ୍କାଳ ସମାଧାନ ଘଟଣାସ୍ଥଳରେ କରାଯାଇଥିଲା ।

କଲ୍ୟାଣ ହେଲଥ ଅର୍ଗାନାଇଜର ଦ୍ୱାରା ନିଶା ନିବାରଣ ନାଟକ ମଂଚସ୍ଥ ଓ ବୃକ୍ଷ ରୋପଣ



ଚିଲିକା /ବାଣପୁର, ୦୫/୧୦ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ଗୋପୀନାଥ ପୁର ଠାରେ ଥିବା କଲ୍ୟାଣ ହେଲଥ ଅର୍ଗାନାଇଜର ତରଫରୁ ସମ୍ପାଦକ ରଙ୍କନାଥ ସେଠୀଙ୍କ ସଂଯୋଜନାରେ ବାଲୁଗାଁ ଚିଲିକା କୂଳସ୍ଥ ତାଳ ବାଟି ଗ୍ରାମରେ କଲ୍ୟାଣ ଅନୁଷ୍ଠାନ ଦ୍ୱାରା ନିଶା ନିବାରଣ ଉପରେ ଏକ ପ୍ରଥମ୍ଭନାଟକ କରାଯାଇଥିଲା । ଏହି ନାଟକ ପରିବେଷଣ ପରେ ଗ୍ରାମ ନିକଟ ପୋଖରୀ ହୁଡ଼ାରେ ସମ୍ପାଦକ ରଙ୍କନାଥ ସେଠୀ ଆଭାସ ର ମୁଖ୍ୟ ସୁଶାନ୍ତକୁମାର ଦାଶ ଓ କିଛି ସାଥିଙ୍କ ସହ ଔଷଧୀୟ ବୃକ୍ଷ ରୋପଣ କରାଯାଇଥିଲା । ଏହି ନିଶାନିବାରଣ ନାଟକଟିରେ ଗୀତ ଓ ସଂଗୀତରେ ଭଗବତୀ କଳାନିକେତନର ସମ୍ପାଦିକା ବିଷ୍ଣୁ ପ୍ରିୟା ବାରିକ ଯାଇଥିବାବେଳେ ଆର୍ଯ୍ୟ ଆଭାସ ନାୟକ, ପ୍ୟାରୀ ପ୍ରିୟଦର୍ଶିନୀ, ରାଜେଶ ଦାସ ଅଧିକାରୀ ପ୍ରମୁଖ ନାଟକ ଟିରେ ସୁନ୍ଦର ଅଭିନୟ କରିଥିଲେ । ଶେଷରେ କାର୍ଯ୍ୟକ୍ରମ ସଫଳତା ପାଇଁ ସୁଶାନ୍ତ କୁମାର ଦାଶ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

ଅକ୍ଟୋବର ୧୫ରେ ଛାତ୍ର ସଂସଦ ନିର୍ବାଚନ; ୮ ବର୍ଷ ପରେ ହେବ ମତଦାନ

ଦଶପଲ୍ଲା, ୦୫/୧୦ (ଆ.ପ୍ର) : ଦୀର୍ଘ ୮ ବର୍ଷର ବ୍ୟବଧାନ ପରେ ରାଜ୍ୟର କଲେଜ ଓ ବିଶ୍ୱବିଦ୍ୟାଳୟ କ୍ୟାମ୍ପସକୁ ପୁଣି ଫେରିଲା ଛାତ୍ର ସଂସଦ ନିର୍ବାଚନ । ଆସନ୍ତା ଅକ୍ଟୋବର ୧୫ରେ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୋମବାର ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଆଲୋଚନା ପରେ ଏହି ଘୋଷଣା ହୋଇଛି । ଉଚ୍ଚଶିକ୍ଷା ବିଭାଗର କାର୍ଯ୍ୟସୂଚୀ ଅନୁଯାୟୀ, ଅକ୍ଟୋବର ୭ରେ ନିର୍ବାଚନୀ ବିଜ୍ଞପ୍ତି ପ୍ରକାଶ ପାଇବ । ଅକ୍ଟୋବର ୯ରେ ପ୍ରାର୍ଥୀମାନେ ପ୍ରାର୍ଥୀପତ୍ର ଦାଖଲ କରିବେ । ୧୦ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଓ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ । ୧୪ ତାରିଖରେ 'ହ୍ୱାଇ ଆଉ ଷ୍ଟାଣ୍ଡ ଫ' ବୈଠକ ହେବ । ୧୫ ତାରିଖ ସକାଳ ୮ଟାରୁ ଦିନ ୨ଟା ପର୍ଯ୍ୟନ୍ତ ମତଦାନ ହେବ ଏବଂ ସେହିଦିନ ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇବ । ୨୦୧୭ ପରଠାରୁ ରାଜ୍ୟରେ ନିୟମିତ ଛାତ୍ର ସଂସଦ ନିର୍ବାଚନ ହୋଇନଥିଲା । ଦୀର୍ଘ ବର୍ଷ ବ୍ୟବଧାନ ପରେ ନିର୍ବାଚନ ଘୋଷଣା ହେବା ପରେ ବିଭିନ୍ନ କଲେଜ କ୍ୟାମ୍ପସରେ ଛାତ୍ରନେତା ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସୁକତା ବଢ଼ିଛି ।

ଖାଲଖମାରେ ଭର୍ତ୍ତି କ.ନୂଆଗାଁର ମୁଖ୍ୟ ରାସ୍ତା ବିପଦରେ ଯାତାୟାତ; ତୁରନ୍ତ ସ୍ଥାୟୀ ମରାମତି ଦାବି

ବାଲିଗୁଡା, ୦୫/୧୦ (ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ବ୍ଲକ ଦେଇ ଯାଇଥିବା ରାଜ୍ୟ ରାଜପଥର ଅବସ୍ଥା ଦିନକୁ ଦିନ ଦୟନୀୟ ହୋଇପଡ଼ିଛି । ବଜାର ଅଂଚଳରୁ କଣ୍ଟାମେଣ୍ଡି ଜନବିକାଶ, ଥାନା, ବଜାର ଦେଇ ହାଇସ୍କୁଲ ପର୍ଯ୍ୟନ୍ତ ରାସ୍ତାରେ ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇଥିବା ବେଳେ ଦୀର୍ଘଦିନ ଧରି ମରାମତି ନହେବା ଯୋଗୁଁ ଯାତାୟାତ ବିପଦପୂର୍ଣ୍ଣ ହୋଇଛି । ଏହି ରାସ୍ତା କନ୍ଧମାଳର ଏକ ପ୍ରମୁଖ ଯୋଗାଯୋଗ ମାର୍ଗ ହୋଇଥିବାରୁ ପ୍ରତିଦିନ ଶତାଧିକ ଟ୍ରକ, ମାଲବାହୀ ଭାରିଯାନ, ଯାତ୍ରୀବାହୀ ବସ୍, କାର ଓ ଦୁଇ ଚକିଆ ଯାନ ଚଳାଚଳ କରୁଛି । କ.ନୂଆଗାଁକୁ ରାଇକିଆ, ଫୁଲବାଣୀ ଓ ବାଲିଗୁଡ଼ା ସହ ଗଞ୍ଜାମ, ରାୟଗଡ଼ା, କଳାହାଣ୍ଡି ଓ ବଲାଙ୍ଗୀର ଜିଲ୍ଲା ସହ ସଂଯୋଗ କରୁଥିବା ଏହି ରାସ୍ତାରେ ଖାଲଖମା ଯୋଗୁଁ ଗାଡ଼ି ଚଳାଚଳ ମଧ୍ୟ ବାଧାପ୍ରାପ୍ତ ହେଉଛି । ବର୍ଷା ହେଲେ ସ୍ଥିତି ଆହୁରି ଜଟିଳ ହେଉଛି । ରାସ୍ତାର ଖାଲଗୁଡ଼ିକରେ ପାଣି ଜମି ରହୁଥିବାରୁ ଗାତର ଗଭୀରତା ଜଣାପଡୁନାହିଁ । ଫଳରେ ଯାନବାହନ ଚାଳକ ମାନେ ଅସୁବିଧାରେ ପଡ଼ିବା ସହ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି । ବିଶେଷକରି ଛାତ୍ରଛାତ୍ରୀ, ବୟସ୍କ ଓ ରୋଗୀମାନଙ୍କ ଯାତାୟାତରେ ଏହା ଗୁରୁତର ସମସ୍ୟା ସୃଷ୍ଟି କରୁଛି । ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ରାଜପଥ ହୋଇଥିଲେ ମଧ୍ୟ ଦୀର୍ଘଦିନ ଧରି ରାସ୍ତାର ମରାମତି ନ ହେବାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି । କେବଳ ଖାଲରେ ମାଟି କିମ୍ବା ମେଟାଲ ପକାଇ ଦାୟିତ୍ୱ ସାରି ନଦେଇ ରାସ୍ତାର ସ୍ଥାୟୀ ମରାମତି ଓ ଗୁଣାତ୍ମକ ନବୀକରଣ କରିବାକୁ ଦାବି ହୋଇଛି । ତୁରନ୍ତ ପୂର୍ତ୍ତ ବିଭାଗ ଓ ପ୍ରଶାସନ ରାସ୍ତାର ସ୍ଥିତି ଅନୁଧ୍ୟାନ କରି ଖାଲଖମା ପୂରଣ ସହ ସ୍ଥାୟୀ ସମାଧାନ କରିବାକୁ ଅଂଚଳ ବାସୀ ଦାବି କରିଛନ୍ତି ।

ହେମଲତା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ



ଜଗତସିଂହପୁର, ୦୫/୧୦ (ଆ.ପ୍ର) : ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ହେମଲତା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କ୍ଲଷ୍ଟରର ସିଆରସିସି ନିରଞ୍ଜନ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୦ଗୋଟି ବିଦ୍ୟାଳୟର ୪ର୍ଥରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ୧୧ ଗୋଟି ବିଭାଗର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମର ଉଦଘାଟନ ଉତ୍ସବରେ ଚିକିଣିଆ ସ୍ଥିତ ଏଚଏମଟି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ମହାପାତ୍ର ସଭାପତିତ୍ୱ କରି ଉଦଘାଟନ କରିଥିବା ବେଳେ । ଜୟପ୍ରକାଶ ଶିକ୍ଷାନିକେତନ, ରାମଚନ୍ଦ୍ରପୁରର ପ୍ରଧାନଶିକ୍ଷକ ରଂଜନ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟ ସମ୍ବନ୍ଧରେ ଛାତ୍ରଛାତ୍ରୀମାନଙ୍କୁ ପରିଚିତ କରାଇବା ସହ ପ୍ରତିଭା ଅନେଶ୍ୱଣ ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ପ୍ରକାଶ କରିଥିଲେ ଓ ପ୍ରତିଯୋଗିତାର ବିଭିନ୍ନ ବିଭାଗ ରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ । ସମ୍ମାନନୀୟ ଅତିଥି ଭାବେ ପ୍ରଧାନଶିକ୍ଷକ ଅମିୟ କୁମାର ଭୂୟାଁ, ସୁକାନ୍ତ କୁମାର ଦଳାଇ, କାଂଚନବାଳା ବେହେରା ଯୋଗ ଦେଇଥିଲେ । ଛାତ୍ରଛାତ୍ରୀ ମାନେ ତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, ବକ୍ତୃତା, ସୃଜନ ଶୀଳ ଲିଖନ, ସଂଗୀତ, ସୁନ୍ଦର ହସ୍ତାକ୍ଷର ଓ ଦଳଗତ ସାଂସ୍କୃତିକ ନୃତ୍ୟ ପ୍ରଭୃତି କନିଷ୍ଠ ଓ ବରିଷ୍ଠ ବିଭାଗରେ ଭାଗନେଇଥିଲେ । ବରିଷ୍ଠ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଜୟପ୍ରକାଶ ଶିକ୍ଷାନିକେତନର ଆଦ୍ୟାଶା ପ୍ରିୟଦର୍ଶିନୀ ବାରିକ, ସୁଚିତ୍ରା ମାଣ୍ଡୋଇ, ରୁଦ୍ରନାରାୟଣ ଭଞ୍ଜ, ଗୌରବ ମାଣ୍ଡୋଇ, ଓ ପ୍ରତ୍ୟୁଷା ଜେନା, ହେମଲତା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଲିଜାରାଣୀ ସ୍ୱାଇଁ, ମୋନାଲିସା ନାୟକ ଓ ଶାରଦା ଉଚ୍ଚ ବିଦ୍ୟାଳୟର ଭୂମିକା ସିଂ । କନିଷ୍ଠ ବିଭାଗରେ ଆଦ୍ୟାଶା ପ୍ରିୟଦର୍ଶିନୀ ବେହେରା, ସମ୍ଭବ ପରିଡ଼ା, ଶିବ ପ୍ରସାଦ ସାହୁ, ତପସ୍ୱିନି ବେହେରା, ସ୍ୱର୍ଣ୍ଣପ୍ରିୟା ନାୟକ ଓ ଦଳଗତ ନୃତ୍ୟ ରେ ହେମଲତା ଉଚ୍ଚପ୍ରାଥମିକ ବିଦ୍ୟାଳୟ ବ୍ଲକ ସ୍ତରୀୟ ସୁରଭି ପ୍ରତିଯୋଗୀତା ପାଇଁ ମନୋନୀତ ହୋଇଥିଲେ । ଶେଷରେ ଶିକ୍ଷକ ଚିତ୍ରସେନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

ବକ୍ସି ଜଗବନ୍ଧୁ ବିଦ୍ୟାଧର ହାଇସ୍କୁଲର ୧୨୫ତମ ବାର୍ଷିକ ସମାରୋହରେ ଯୋଗଦେଲେ ରାଜ୍ୟପାଳ

ଖୋର୍ଦ୍ଧା, ୦୫/୧୦ (ଆ.ପ୍ର) : ଶିକ୍ଷା କେବଳ ଜୀବିକା ନିର୍ବାହ ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରସ୍ତୁତ କରିବା ନୁହେଁ, ବରଂ ଚରିତ୍ର ଗଠନ, ଦାୟିତ୍ୱବୋଧ ଓ ମର୍ଯ୍ୟାଦାପୂର୍ଣ୍ଣ ଜୀବନଯାପନ କରିବାରେ ଶିକ୍ଷାର ମହତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମାନ୍ୟବର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି । ଶନିବାର ଦିନ ଖୋର୍ଦ୍ଧାସ୍ଥିତ ବକ୍ସି ଜଗବନ୍ଧୁ ବିଦ୍ୟାଧର ହାଇସ୍କୁଲର ୧୨୫ତମ ବାର୍ଷିକ ସମାରୋହରେ ଉଦବୋଧନ ଦେଇ ରାଜ୍ୟପାଳ ଏହା କହିଛନ୍ତି । ଏହି ସମାରୋହରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେଯେ, ଏହି ଐତିହାସିକ ଅବସର ଶିକ୍ଷା, ଚରିତ୍ର ଗଠନ ଓ ସେବାର ଦୀର୍ଘ ପରମ୍ପରାକୁ ସ୍ମରଣ କରିବାର ଅବସର । ଏହି ଶିକ୍ଷାନୁଷ୍ଠାନ ପିଢ଼ି ପରେ ପିଢ଼ି ଛାତ୍ରଛାତ୍ରୀଙ୍କୁ ଗଢ଼ି ତୋଳିବା ସହ ଓଡ଼ିଶାର ବୌଦ୍ଧିକ ଓ ସାମାଜିକ ବିକାଶରେ ଅବଦାନ ରଖିଛି ବୋଲି କହିଥିଲେ । ଅନୁଷ୍ଠାନର ନାମ ଓ ଏହାର ଅବସ୍ଥିତିର ଐତିହାସିକ ଗୁରୁତ୍ୱ ସମ୍ପର୍କରେ ଉଲ୍ଲେଖ କରି ରାଜ୍ୟପାଳ ବକ୍ସି ଜଗବନ୍ଧୁଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ୧୮୧୭ର ପାଇକ ବିଦ୍ରୋହ ସମେତ ଓଡ଼ିଶାର ଇତିହାସରେ ଖୋର୍ଦ୍ଧାର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି ବୋଲି ସେ କହିଥିଲେ । ବକ୍ସି ଜଗବନ୍ଧୁଙ୍କ ସାହସ ଓ ତ୍ୟାଗ ଅନ୍ୟାୟ ବିରୋଧରେ ଲଢ଼େଇ କରିବା ଦେଶସେବା ପାଇଁ ପିଢ଼ି ପରେ ପିଢ଼ିକୁ ପ୍ରେରଣା ଦେଇଆସୁଛି ବୋଲି ରାଜ୍ୟପାଳ କହିଥିଲେ । ଏହି ଐତିହ୍ୟ ସହ ଶିକ୍ଷାର ଭୂମିକାକୁ ଯୋଡ଼ି ରାଜ୍ୟପାଳ କହିଥିଲେ ଯେ, ଏକ ବିଦ୍ୟାଳୟର ପ୍ରକୃତ ଐତିହ୍ୟ କେବଳ ଏହାର କୋଠା କିମ୍ବା ଉପଲବ୍ଧିରେ ନୁହେଁ, ବରଂ ଏହା ଗଢ଼ି ତୋଳିଥିବା ଜୀବନରେ ପ୍ରତିଫଳିତ ହୁଏ । ପିଢ଼ି ପରେ ପିଢ଼ି ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶୃଙ୍ଖଳା, ଆତ୍ମବିଶ୍ୱାସ, ସଚ୍ଚୋଟତା, ଦୃଢ଼ତା, ସହାନୁଭୂତି, ସାହସ ଓ ଦାୟିତ୍ୱବୋଧ ବିକଶିତ କରିଆସିଛନ୍ତି ବୋଲି ସେ କହିଥିଲେ । ସାହସର ସହ ସ୍ୱପ୍ନ ଦେଖିବା, ସଚ୍ଚୋଟ ଭାବେ ପରିଶ୍ରମ କରିବା ଏବଂ ଶିକ୍ଷକ ଓ ଅଭିଭାବକଙ୍କୁ ସମ୍ମାନ କରିବାକୁ ଛାତ୍ରଛାତ୍ରୀମାନଙ୍କୁ ରାଜ୍ୟପାଳ ଆହ୍ୱାନ ଦେଇଥିଲେ । ଏକ ରାଷ୍ଟ୍ରର ଶକ୍ତି ଏହାର ଯୁବପିଢ଼ିର ଚରିତ୍ର ଉପରେ ନିର୍ଭର କରେ ବୋଲି ସେ କହିଥିଲେ । ସମୟର ପରିବର୍ତ୍ତନ ସହ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆବଶ୍ୟକ ହେଲେ ମଧ୍ୟ ଏହା ମୂଲ୍ୟବୋଧ ସହ ଜଡ଼ିତ ରହିବା ଉଚିତ ବୋଲି ରାଜ୍ୟପାଳ କହିଥିଲେ । ଜାତୀୟ ଶିକ୍ଷା ନୀତି (ଏନଇପି) ୨୦୨୦ରେ ସାମଗ୍ରିକ ଓ ଅନୁଭୂତିଭିତ୍ତିକ ଶିକ୍ଷା, ସୁସ୍ଥ ଚିନ୍ତନ, ବୃତ୍ତିଗତ ଶିକ୍ଷା, ଡିଜିଟାଲ ସାକ୍ଷରତା, ଭାରତୀୟ ଜ୍ଞାନ ପରମ୍ପରା, କଳା, କ୍ରୀଡ଼ା ଓ ଜୀବନ କୌଶଳ ଉପରେ ଗୁରୁତ୍ୱ ଦିଆଯାଇଛି । ମୁଖସ୍ଥ ଶିକ୍ଷାରୁ ଜିଜ୍ଞାସା, ସୃଜନଶୀଳତା, ଦକ୍ଷତା ଓ ଚରିତ୍ର ଗଠନ ଦିଗରେ ଏହି ପରିବର୍ତ୍ତନ ବିଦ୍ୟାଳୟର ପାଠ, ସାଇନ୍ସ୍, କ୍ରୀଡ଼ା ଓ ନୈତିକ ଶିକ୍ଷା ଉପରେ ଥିବା ଗୁରୁତ୍ୱ ସହ ସମନ୍ୱିତ ବୋଲି ସେ କହିଥିଲେ । ଏହି ଐତିହାସିକ ଅବସରରେ ପୂର୍ବତନ ଛାତ୍ରଛାତ୍ରୀ, ଶିକ୍ଷକ, କର୍ମଚାରୀ, ବର୍ତ୍ତମାନର ଛାତ୍ରଛାତ୍ରୀ, ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନକୁ ଅଭିନନ୍ଦନ ଜଣାଇ ରାଜ୍ୟପାଳ ଆଶା ପ୍ରକାଶ କରିଥିଲେ ଯେ, ଏହି ଅନୁଷ୍ଠାନ ଆଗାମୀ ୧୨୫ ବର୍ଷ ଓ ତା'ପରେ ମଧ୍ୟ ଯୁବପିଢ଼ିକୁ ଗଢ଼ି ତୋଳିବା ସହ ଓଡ଼ିଶାର ବିକାଶରେ ଅବଦାନ ଜାରି ରଖିବ । କାର୍ଯ୍ୟକ୍ରମ ପୂର୍ବରୁ ରାଜ୍ୟପାଳ ଛାତ୍ରଛାତ୍ରୀଙ୍କ ସହ ବାର୍ତ୍ତାଳାପ କରିବା ସହ ପ୍ରଦର୍ଶନୀର ଉଦଘାଟନ କରିଥିଲେ । ସମାରୋହରେ ବିଦ୍ୟାଳୟର ଚାରିଜଣ ବିଶିଷ୍ଟ ପୁରାତନ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ବିଦ୍ୟାଳୟର ପତ୍ରିକା 'ଅବକାଶ–୧୨୫' ଉନ୍ମୋଚିତ ହୋଇଥିଲା । ଏହି ଅବସରରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ସମ୍ବାଦ ଗ୍ରୁପର ପ୍ରତିଷ୍ଠାତା ତଥା ପୂର୍ବତନ ସଂସଦ ସୌମ୍ୟରଞ୍ଜନ ପଟ୍ଟନାୟକ, ମେଜର ଜେନେରାଲ (ଅବସରପ୍ରାପ୍ତ) ଅସୀମ କୋହଲି ଏବଂ ଆୟୋଜକ ସମ୍ପାଦକ ତଥା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ପ୍ରିୟଦର୍ଶିନୀ ପଣ୍ଡା ବକ୍ତବ୍ୟ ପ୍ରଦାନ କରିଥିଲେ । ଆଲୁମନି ଆସୋସିଏସନର ମୁଖ୍ୟ ସଂଯୋଜକ ବି କେ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଉତ୍ସବ କମିଟିର ସଭାପତି ପ୍ରଫେସର (ଡ.) ନାରାୟଣ ରାଓ ଧନ୍ୟବାଦ ଅର୍ପଣ କରିଥିଲେ ।

ସେଇଥିରୁ
ଆରମ୍ଭ
SEITHO ARAMBHA

ମଙ୍ଗଳବାର, ୦୬ ଅକ୍ଟୋବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ଖଣ୍ଡପଡ଼ାରେ ରାଜ୍ୟସ୍ତରୀୟ କ୍ୟାରମ ଟୁର୍ଣ୍ଣାମେଂଟ, ଚିଲିକା ଟିମ ପ୍ରଥମ ଓ ନିରାକାରପୁର ଟିମ ୨ୟ ସ୍ଥାନରେ

ଖଣ୍ଡପଡ଼ା, ୦୫/୧୦ (ଆ.ପ୍ର) : ଖଣ୍ଡପଡ଼ା ସହରସ୍ଥିତ ପଠାଣି ସାମନ୍ତ ସ୍ମୃତିମନ୍ଦିର ଓ ପାଠାଗାର ସମ୍ମିଳନୀ କକ୍ଷରେ ୮ ତମ ରାଜ୍ୟସ୍ତରୀୟ ଏକ ଦିବସୀୟ ଦିବାରାତ୍ର କ୍ୟାରମ ଟୁର୍ଣ୍ଣାମେଂଟ ଅନୁଷ୍ଠିତ ହୋଇ ଯାଇଛି । ଟୁର୍ଣ୍ଣାମେଂଟର ଫାଇନାଲ ରାଉଣ୍ଡରେ ଖୋର୍ଦ୍ଧା ଜିଲ୍ଲା ଅଧୀନ ଚିଲିକା ଅଂଚଳର ହରିଶ ଓ ସୁରଜିତ ଯୋଡି ପ୍ରଥମ, ନିରାକାରପୁର ଅଂଚଳର କାଳୁ ଭାଇନା ଓ ଲିଙ୍ଗାଙ୍କ ଯୋଡି ୨ୟ, ଭୁବନେଶ୍ୱର ବରମୁଣ୍ଡା ଅଂଚଳର ମଂଟୁଆ ଓ ରିଙ୍କୁ ଯୋଡି ୩ୟ ଓ ଭାପୁର ବ୍ଲକ ଅଧୀନ ଚକ୍ରଧରପ୍ରସାଦ ଗ୍ରାମର ଶିବୁଲ ଓ ଜିଲୁଙ୍କ ଯୋଡି ୪ର୍ଥ ସ୍ଥାନ ଅଧିକାର କରି ଅତିଥିଙ୍କ ଠାରୁ ପୁରସ୍କାର ବାବଦରେ ଅର୍ଥ ରାଶି ସହ ଟ୍ରଫି ଗ୍ରହଣ କରିଥିବା ଟୁର୍ଣ୍ଣାମେଂଟର ଆୟୋଜକ ମାନଙ୍କ ଠାରୁ ପ୍ରକାଶ । ଚଳିତ ବର୍ଷ ସୁଦୂର କଳାହାଣ୍ଡି, ଅନୁଗୁଳ ବଲାଙ୍ଗୀର, ଭୁବନେଶ୍ୱର, କଟକ, ଖୋର୍ଦ୍ଧା, ପୁରୀ, ନିମାପଡା, ହାଡପଦା, ଯଦୁପୁର, ଜଟଣୀ, ନୟାଗଡ, ଓଡଗାଁ ସମେତ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ସର୍ବମୋଟ ୩୨ଟି ଦଳ ଆୟୋଜିତ ଟୁର୍ଣ୍ଣାମେଂଟରେ ଅଂଶ ଗ୍ରହଣ କରିଥିଲେ । ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଖଣ୍ଡପଡ଼ା ରାଜା ସିଦ୍ଧାର୍ଥ ଶେଖର ସିଂହ ମର୍ଦ୍ଦରାଜ ଯୋଗଦେଇ ପ୍ରଥମ, ୨ୟ,୩ୟ ଓ ୪ର୍ଥ ସ୍ଥାନ ଅଧିକାର କରିଥିବା ଯୋଡିଙ୍କୁ ନଗଦ ୬ ହଜାର, ୪୫୦୦,୨୫୦୦ ଓ ୧୫୦୦ ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ । ସେହିପରି ଶ୍ରେଷ୍ଠ ଟିମ ଭାବେ ଅନୁଗୁଳ କ୍ୟାରମ ଆସୋସିଏସନ ପୁରସ୍କୃତ ହୋଇଥିବା ବେଳେ ଶ୍ରେଷ୍ଠ ବରିଷ୍ଠ ଖେଳାଳୀ ଭାବେ ନୟାଗଡ ଜିଲ୍ଲା ଅଧୀନ ଇଟାମାଟି ଅଂଚଳର ଅଶୋକ କୁମାର ନାୟକ ଓ କଟକ ଜିଲ୍ଲାର ସାଲେପୁର ନିବାସୀ ଅଶୋକ କୁମାର ନାୟକଙ୍କୁ ଏ ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଶୃଙ୍ଖଳିତ ଖେଳାଳୀ ଭାବେ ଇଟାମାଟି ଅଂଚଳର ରମେଶ ଚନ୍ଦ୍ର ସୁବୁଦ୍ଧିଙ୍କ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ସମସ୍ତଙ୍କ ସକ୍ରୀୟ ସହଯୋଗରେ ଟୁର୍ଣ୍ଣାମେଂଟଟି ସୁଚାରୁ ରୂପେ ସଫଳତାର ସହ ଶେଷ ହୋଇଥିବାରୁ ଟୁର୍ଣ୍ଣାମେଂଟର ମୁଖ୍ୟ ଆୟୋଜକ ଭଗବାନ ରାଉତ ଓ ସହଯୋଗୀ ବରେନ୍ଦ୍ର କୃଷ୍ଣ ମହାରଥୀ ସମସ୍ତଙ୍କୁ ସାଧୁବାଦ ଜଣାଇଛନ୍ତି ।

ଗ୍ରେସିଙ୍ଗିଆ ପଂଚାୟତରେ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି

ଜି.ଉଦୟଗିରି, ୦୫/୧୦ (ଆ.ପ୍ର) : ଜି.ଉଦୟଗିରି ବ୍ଲକ ଅନ୍ତର୍ଗତ ଗ୍ରେସିଙ୍ଗିଆ ପଂଚାୟତରେ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ସାଧାରଣ ଲୋକଙ୍କ ବିଭିନ୍ନ ସମସ୍ୟା ଶୁଣି ଏହାର ସମାଧାନ କରିବା ଉଦ୍ଦେଶ୍ୟରେ ଏହି ଶିବିର ଆୟୋଜନ କରାଯାଇଥିଲା । ସରପଂଚ ତ୍ରିଶିଳା ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ଏହି ଶିବିରରେ ଜିଡିପିଓ ଅନିଲ କୁମାର ପଟ୍ଟନାୟକ, ସ୍ୱଚ୍ଛ ଭାରତ ମିଶନ ଅଧିକାରୀ ମାନୁଏଲ ନାୟକ, ଡବ୍ଲୁଇଓ ରୋଜାଲିନ ନାୟକ, ପିଇଓ ନନ୍ଦିରଥ ଦିଗାଲ ଓ ଏଡିଓ ଜିତେନ୍ଦ୍ର ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ । ଶିବିରରେ ଭତା ପାଇଁ ଆବେଦନ କରିଥିବା ଦୁଇଜଣ ହିତାଧିକାରୀ ଦୁଇ ମାସ ଧରି ଭତା ପାଉନଥିବା ଅଭିଯୋଗ କରିଥିଲେ । ଏଥିସହ ଘର ଭାଙ୍ଗିଯାଇଥିବା ନେଇ ଜଣେ ଅଭିଯୋଗ କରିଥିବା ବେଳେ ଦୁଇଟି ଗୁହାଳ ନିର୍ମାଣ ପାଇଁ ମଧ୍ୟ ଅଭିଯୋଗ ଦିଆଯାଇଥିଲା । ଅନ୍ୟ କୌଣସି ବଡ଼ ଅଭିଯୋଗ ଆସିନଥିଲା । ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ ପାଇଁ ଉପସ୍ଥିତ ଅଧିକାରୀମାନେ ସମ୍ପୃକ୍ତ ବିଭାଗୀୟ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ । ଶିବିରରେ ଗାଁ ସାଥୀ, ଶିଆର୍ପି, ମେଟ୍ଙ୍କ ସମେତ ବିଭିନ୍ନ ଜନପ୍ରତିନିଧି ଓ ବହୁ ସଂଖ୍ୟକ ଗ୍ରାମବାସୀ ଯୋଗ ଦେଇଥିଲେ । ଲୋକମାନେ ସିଧାସଳଖ ଭାବେ ପ୍ରଶାସନ ନିକଟରେ ନିଜ ସମସ୍ୟା ଜଣାଇପାରୁଥିବାରୁ ଏପରି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଥିଲେ ।

ନୂଆପଡ଼ାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ନୂଆପଡ଼ା, ୦୫/୧୦ (ଆ.ପ୍ର) : ନୂଆପଡ଼ା ସଦର ମହକୁମାସ୍ଥିତ ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମିତପାଳ ସିଂଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ଦାଶ ସାଉକେଲ୍‌ରେ ଶିବିରସ୍ଥଳରେ ପହଂଚି ଉପସ୍ଥିତ ଜନସାଧାରଣଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ଅଭିଯୋଗ ଶୁଣାଣି କରିଥିଲେ । ଶିବିରରେ ମୋଟ ୯୨ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ଏଥିମଧ୍ୟରୁ ୮୩ଟି ବ୍ୟକ୍ତିଗତ, ୮ଟି ଗୋଷ୍ଠୀଗତ ଏବଂ ଗୋଟିଏ ରେଡ୍‌କ୍ରସ୍ ରହିଥିଲା । ଜିଲ୍ଲାପାଳ ପ୍ରତ୍ୟେକ ଅଭିଯୋଗକୁ ଗୁରୁତ୍ୱର ସହ ଶୁଣାଣି କରିବା ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଆବଶ୍ୟକ ପଦକ୍ଷେପ ନେଇ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅଭିଯୋଗର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ପୂର୍ବରୁ ଦାଖଲ ହୋଇଥିବା ଅଭିଯୋଗଗୁଡ଼ିକର ସ୍ଥିତି ମଧ୍ୟ ସମୀକ୍ଷା କରାଯାଇଥିଲା । ବିଚାରାଧୀନ ଅଭିଯୋଗଗୁଡ଼ିକର ତ୍ୱରିତ ନିଷ୍ପତି ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଇଥିଲା । ଶିବିର ଅବସରରେ ବରିଷ୍ଠ ନାଗରିକମାନଙ୍କ ପାଇଁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା ଶିବିର ଆୟୋଜନ କରାଯାଇଥିଲା । ଏହି ଅବସରରେ ରେଡ୍‌କ୍ରସ୍ ପାଣ୍ଠିରୁ ସାବିତ୍ରୀ ହଂସଙ୍କୁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁମି ସୋରେନ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଇଶାନୀ ମିତ୍ର, ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଡେପୁଟି ଜିଲ୍ଲାପାଳ ଶେଖ ନସୀମ, ରୋଶନ ଜେନା ଏବଂ ନୂଆପଡ଼ା ବିଡିଓ ରୋହିତ ଭୋଇ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଏଥିରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ଯନ୍ତ୍ରୀ, ଲାଇନ୍ ବିଭାଗର ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ଓ କର୍ମଚାରୀଙ୍କ ସମେତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ ।

ବିଶ୍ୱ ଗୁରୁଦିବସରେ ଶିକ୍ଷକଙ୍କୁ ରାଷ୍ଟ୍ରୀୟ ସର୍ବଶ୍ରେଷ୍ଠ ଗୁରୁଶ୍ରୀ ସମ୍ମାନ

ବାସୁଦେବ ପୁର, ୦୫/୧୦ (ଆ.ପ୍ର) : ଅନ୍ଧାରରୁ ଆଲୋକ ଦେଖାନ୍ତି...ହାତ ଧରି ବାଟ ଚଲାନ୍ତି... ଭୁଲ୍‌ରୁ ଶିଖାଇ, ଜୀବନର ମୂଲ୍ୟବୋଧ ବୁଝାନ୍ତି...ଆଉ ଜଣେ ଶିଶୁକୁ କେବଳ ଶିକ୍ଷିତ ନୁହେଁ, ଜଣେ ଭଲ ମଣିଷ ଭାବେ ଗଢ଼ି ତୋଳନ୍ତି ଗୁରୁ । ଏମିତି ପ୍ରେରଣାଦାୟୀ ଗୁରୁମାନଙ୍କୁ ସମ୍ମାନ ଓ ସ୍ୱୀକୃତି ଦେବାର ଏକ ଅଭିନବ ପ୍ରୟାସ... ବିଶ୍ୱ ଗୁରୁଦିବସ ଅବସରରେ ଭୁବନେଶ୍ୱରରେ ଆୟୋଜିତ ହୋଇଛି 'ପ୍ରତିଭା ଉତ୍ସବ–୨୦୨୬' । ଏହି ଅବସରରେ ଶିକ୍ଷକମାନଙ୍କୁ ପ୍ରଦାନ କରାଯାଇଛି ରାଷ୍ଟ୍ରୀୟ ସର୍ବଶ୍ରେଷ୍ଠ ଗୁରୁଶ୍ରୀ ସମ୍ମାନ । ରବିବାର, ଅକ୍ଟୋବର ୪ ତାରିଖ... ଭୁବନେଶ୍ୱରସ୍ଥିତ ଚନ୍ଦନ ହୋଟେଲରେ ହ୍ୟାପି ମୁମେଂଟ ଇଣ୍ଡିଆ ଇଂଟରନ୍ୟାସନାଲ ପକ୍ଷରୁ ଆୟୋଜିତ ହୋଇଥିଲା 'ପ୍ରତିଭା ଉତ୍ସବ–୨୦୨୬' ଆଗାମୀ ଅନ୍ତର୍ଜାତୀୟ ଶିକ୍ଷକ ଦିବସକୁ ନଜରରେ ରଖି ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ 'ଆଧୁନିକ ଭାରତରେ ଶିକ୍ଷକଙ୍କ ଭୂମିକା' ଶୀର୍ଷକରେ ଏକ ସମୀକ୍ଷାତ୍ମକ ଆଲୋଚନାଚକ୍ର ମଧ୍ୟ ଆୟୋଜିତ ହୋଇଥିଲା । ଶିକ୍ଷକ କେବଳ ଜ୍ଞାନ ବିତରଣ କରୁଥିବା ବ୍ୟକ୍ତି ନୁହଁନ୍ତି...ସେ ହେଉଛନ୍ତି ଜଣେ ପ୍ରଯୋଗବାଦୀ, ମାର୍ଗଦର୍ଶକ ଓ ଭବିଷ୍ୟତ ନିର୍ମାତା । ଆଜିର ଭଉ ଯୁଗରେ ଯେଉଁଠି ମୁହୂର୍ତ୍ତକ ମଧ୍ୟରେ ତଥ୍ୟ ମିଳିଯାଉଛି, ସେଠି ଶିକ୍ଷକଙ୍କ ଭୂମିକା ଆହୁରି ବ୍ୟାପକ । କାରଣ ଶିକ୍ଷକ କେବଳ ତଥ୍ୟ ଦିଅନ୍ତି ନାହିଁ...ସେ ଶିଶୁ ହୃଦୟରେ ବିବେକ, ମୂଲ୍ୟବୋଧ, ମାନବିକତା ଓ ଦାୟିତ୍ୱବୋଧର ଚାରା ରୋପଣ କରନ୍ତି । ଏହି ମହତ୍ତ୍ୱପୂର୍ଣ୍ଣ ଭୂମିକାକୁ ସମ୍ମାନ ଜଣାଇ ବିଭିନ୍ନ କ୍ଷେତ୍ରରେ ନିଷ୍ଠାର ସହ ଶିକ୍ଷାଦାନ ଓ ସମାଜ ଗଠନରେ ଅବଦାନ ରଖିଥିବା ଗୁରୁମାନଙ୍କୁ କରାଯାଇଥିଲା ସମ୍ବର୍ଦ୍ଧିତ । ଏହି ଅବସରରେ ଉତ୍କଳର 'ମାଟିର ବାସ୍ନା ସାହିତ୍ୟ ସଂସଦ'ର ସମ୍ପାଦିକା ତଥା ଶିକ୍ଷୟିତ୍ରୀ ସରସ୍ୱତୀ ବାରିକ୍, ଉପସଭାପତି ତଥା ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଡକ୍ଟର ପ୍ରଦୀପ କୁମାର ନାୟକ, ସହ-ସମ୍ପାଦକ ତଥା ଶିକ୍ଷକ ପ୍ରଶିକ୍ଷକ କଳିଙ୍ଗ ସାହୁ ଏବଂ ପୁରୀ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ରାମକୃଷ୍ଣ ଦାସଙ୍କୁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା ନିର୍ଦ୍ଦେଶକ ରକ୍ଷକ ନାୟକ, ବିଶିଷ୍ଟ ଅତିଥି ଭାବେ ରାଜ୍ୟ ପାଇକ ଆଖଡ଼ା ସଭାର ସଭାପତି ପ୍ରକାଶ ହରିଚନ୍ଦନ ଏବଂ ମୁଖ୍ୟବକ୍ତା ଭାବେ ଖୋର୍ଦ୍ଧାର ସମାଜସେବୀ ସୁରେଶ ଚନ୍ଦ୍ର ପଣ୍ଡା ଯୋଗଦେଇଥିଲେ ହ୍ୟାପି ମୁମେଂଟ ଇଣ୍ଡିଆର ସମ୍ପାଦକ ରାଜେନ୍ଦ୍ର କୁମାର ପଣ୍ଡାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ମଂଚରେ ଉପସ୍ଥିତ ରହି ଗୁରୁମାନଙ୍କୁ ସମ୍ମାନିତ କରିବା ସହ ସମାଜ ଗଠନରେ ଶିକ୍ଷକଙ୍କ ଅମୂଲ୍ୟ ଭୂମିକା ଉପରେ ଆଲୋଚନା କରିଥିଲେ । ଗୁରୁ କେବଳ ଶ୍ରେଣୀଗୃହର ଶିକ୍ଷକ ନୁହଁନ୍ତି... ସେ ହେଉଛନ୍ତି ସମାଜର ଦିଗଦର୍ଶକ । ତାଙ୍କ ହାତରେ ଗଢ଼ିଉଠେ ଆଗାମୀ ଭାରତର ଭବିଷ୍ୟତ ।

ତିର୍ତୋଲ ପୋଲିସ ହାତରେ ଲାଗିଛି ନିଶା ବେପାରୀଙ୍କ ବଡ଼ ରାକେଟ

ତିର୍ତୋଲ, ୦୫/୧୦ (ଆ.ପ୍ର) : ତିର୍ତୋଲ ପୋଲିସର ହାତରେ ଲାଗିଛି ନିଶା କାରବାର ବଡ଼ ରାକେଟ । ନିଶା କାରବାର ଅଭିଯୋଗରେ ୬ ଗିରଫ । ବ୍ରାଉନସୁଗାର ସମେତ ବାଇକ୍, କାର୍, ମୋବାଇଲ ଓ ନଗଦ ଟଙ୍କା ଜବତ । ଗତକାଲି ରାତି ରେ ତିର୍ତୋଲ ପୋଲିସ ଜୟପୁର ଅଂଚଳରେ ପାଟ୍ରୋଲିଂ କରୁଥିବା ସମୟରେ ଜୟପୁର ପୁରୁଣା ପୋଲ ନିକଟରେ ଦୁଇ ଜଣ ଯୁବକ ସନ୍ଦେହଜନକ ଭାବେ ବାଇକରେ ଘୁରି ବୁଲୁଥିଲେ ବେଳେ ପୋଲିସକୁ ଦେଖି ଖସିଯିବାକୁ ଚେଷ୍ଟା କରିଥିବା ସମୟରେ ପୋଲିସ ୬ ଜଣଙ୍କୁ କାବୁ କରିଥିଲା । ଗିରଫ ଅଭିଯୁକ୍ତମାନେ ହେଲେ ଅଖିନମଣ୍ଡଳର ଭରତ ବେହେରା ଓ ତାଙ୍କ ପତ୍ନୀ ଜ୍ୟୋସ୍ନା ବେହେରା, ନାଲିବରର ସୌମ୍ୟ ରଞ୍ଜନ ମହାନ୍ତି, କାବଲପୁରର ଅମରେଶ ସ୍ୱାଇଁ, ବାରଘରାର ସେକ୍ ନୁର ହୁସେନ ଏବଂ ବଳରାମପୁରର ଜ୍ୟୋତି ରଞ୍ଜନ ମହାରଣା । ସେମାନଙ୍କ ଠାରୁ ୩୫ ଗ୍ରାମରୁ ଅଧିକ ବ୍ରାଉନସୁଗାର, ୪ଟି ମୋବାଇଲ ଫୋନ୍, ନଗଦ ୬ ହଜାର ୮ଶହ ୯୦ ଟଙ୍କା, ୩ଟି ବାଇକ୍ ଓ ଗୋଟିଏ କାର୍ ଜବତ ହୋଇଛି । ଏହି ଘଟଣାରେ ବତଲହଙ୍ଗାର ଟେଙ୍ଗା ଓରଫ ସୌମେଶ ସ୍ୱାଇଁ, ରଘୁନାଥପୁରର ସୂର୍ଯ୍ୟ ଏବଂ ନାଲିବରର ପାପୁଲା ଫେରାର ଥିବା ବେଳେ ତିର୍ତୋଲ ଥାନାରେ ୪୪୫ ନମ୍ବରରେ ଡିଏନଏସ୍ ଓ ଏନଡିପିଏସ୍ ଆକ୍ଟରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିବା ସହ ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି ।

ବିଲ୍ ଦାବିରେ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ନୂଆ ଗାଁ ଗ୍ରାମ ପଂଚାୟତର ସରପଂଚ ଓ ସମିତି ସଭ୍ୟ ଗ୍ରାମବାସୀ

ବାସୁଦେବପୁର, ୦୫/୧୦ (ଆ.ପ୍ର) : ବିକାଶମୂଳକ ପ୍ରକଳ୍ପ କାମ ହେଉଛି... ଶ୍ରମ ଓ ସାମଗ୍ରୀରେ ଖର୍ଚ୍ଚ ହେଉଛି ଲକ୍ଷ ଲକ୍ଷ ଟଙ୍କା... ହେଲେ କାମ ସରିବାର ପ୍ରାୟ ୮ ମାସ ପରେ ବି ମିଳୁନି ବିଲ୍ । ବାରମ୍ବାର ଅଭିଯୋଗ ପରେ ବି ସମାଧାନ ନହେବାରୁ ଏବେ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି ନୂଆଗାଁ ପଂଚାୟତର ସରପଂଚ, ସମିତି ସଭ୍ୟ ଓ ଗ୍ରାମବାସୀ । ବିଲ୍ ନମିଳିବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି ଆନ୍ଦୋଳନକାରୀ । ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା... ହାତରେ ପ୍ଲାକାର୍ଡ... ମୁହଁରେ ଅସନ୍ତୋଷ... ଆଉ ଦାବି ଗୋଟିଏ-କାମର ବିଲ୍ ପ୍ରଦାନ କର । ନୂଆଗାଁ ଗ୍ରାମ ପଂଚାୟତର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ବିଲ୍ ଦୀର୍ଘ ପ୍ରାୟ ୮ ମାସ ଧରି ହୋଇନଥିବା ଅଭିଯୋଗ କରିଛନ୍ତି ସରପଂଚ, ସମିତି ସଭ୍ୟ ଓ ଗ୍ରାମବାସୀ । ଅଭିଯୋଗ ଅନୁସାରେ, ନୂଆଗାଁ ଗ୍ରାମ ପଂଚାୟତର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ କରିବା ପାଇଁ ଜେଇ ସମୀର କୁମାର ମାନ୍ନା ଦାୟିତ୍ୱରେ ଅଛନ୍ତି । ପଂଚାୟତରେ ହେଉଥିବା ବିଭିନ୍ନ ବିକାଶମୂଳକ କାମ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ଦୀର୍ଘ ୮ ମାସ ହେଲା ବିଲ୍ ହେଉନଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି । ଏନେଇ ପୂର୍ବରୁ ବିଡିଓଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବା ଅଭିଯୋଗ ହୋଇଛି । ଫଳରେ ଆଜି ନୂଆଗାଁ ପଂଚାୟତର ସରପଂଚ, ସମିତି ସଭ୍ୟ ଓ ଗ୍ରାମବାସୀ ଏକାଠି ହୋଇ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି । ଧାରଣାରେ ସାମିଲ ହୋଇଛନ୍ତି ନୂଆଗାଁ ସରପଂଚ ରିନା ସ୍ୱାଇଁ, ସମିତି ସଭ୍ୟ ରଘୁନାଥ ମଲ୍ଲିକ, ରାଜଘରପୋଖରୀ ସମିତି ସଭ୍ୟ ରମେଶ ଚନ୍ଦ୍ର ବଳଙ୍କ ସମେତ ସିଦ୍ଧାନ୍ତ ଦାସ, ମଞ୍ଜୁଲତା ପଣ୍ଡା ଏବଂ ବହୁ ଗ୍ରାମବାସୀ । ଏପରିକି ଅନ୍ୟ ପଂଚାୟତର କିଛି ଲୋକ ମଧ୍ୟ ଏହି ଧାରଣାକୁ ସମର୍ଥନ କରି ସାମିଲ ହୋଇଥିଲେ । ଆନ୍ଦୋଳନକାରୀଙ୍କ ସ୍ପଷ୍ଟ ଦାବି-ବିଭିନ୍ନ ପ୍ରକଳ୍ପରେ ହୋଇଥିବା କାମର ବିଲ୍ ତୁରନ୍ତ ପ୍ରଦାନ କରାଯାଉ । ଦାବି ପୂରଣ ନହେବା ପର୍ଯ୍ୟନ୍ତ ଧାରଣାରୁ ଉଠିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି ସରପଂଚ, ସମିତି ସଭ୍ୟ ଓ ଗ୍ରାମବାସୀ । କାମ ହେଉଛି, କିନ୍ତୁ ମିଳୁନି ବିଲ୍... ବାରମ୍ବାର ଅବଗତ କରାଇବା ପରେ ବି ସମାଧାନ ନହେବାରୁ ଶେଷରେ ଆନ୍ଦୋଳନର ପନ୍ଥା ଆପଣାଇଛନ୍ତି ନୂଆଗାଁ ପଂଚାୟତବାସୀ । ଏବେ ପ୍ରଶ୍ନ- କେବେ ମିଳିବ ବକେୟା ବିଲ୍, କେବେ ହେବ ଏହି ସମସ୍ୟାର ସମାଧାନ ତାହା ଉପରେ ସମସ୍ତଙ୍କ ନଜର ।

ଆବେଦନର ୩ ବର୍ଷ ପରେ ମଧ୍ୟ ଚାଷୀଙ୍କ କ୍ଷେତକୁ ଯାଉନି ପାଣି

ଦଶପଲ୍ଲା, ୦୫/୧୦ (ଆ.ପ୍ର) : ଆବେଦନ କରିବାର ତିନି ବର୍ଷ ପରେ ମଧ୍ୟ ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇନଥିବାରୁ ଦଶପଲ୍ଲା ବ୍ଲକ ଘୋଡାହାଣ୍ଡି ପଂଚାୟତ ବାଘୁଆପଶି ଗ୍ରାମର ୬ ଜଣ ଚାଷୀ ନିରାଶ ହୋଇଛନ୍ତି । ଚାଷୀ କୈଳାସ ବେହେରାଙ୍କ ସମେତ ବିରେଣ ବେହେରା, ଗୋବର୍ଦ୍ଧନ ପ୍ରଧାନ, ଦାଶରଥୀ ପ୍ରଧାନ, ଦିଲ୍ଲୀପ ବେହେରା ଓ ଅକ୍ରୁର ବେହେରା ନିଜ ଜମିକୁ ଜଳସେଚନ ସୁବିଧା ପାଇଁ ୨୦୧୯ ମସିହାରୁ ଆବେଦନ କରିଥିଲେ ।୨୦୨୩ରେ ବିଭାଗ ପକ୍ଷରୁ ପ୍ରତ୍ୟେକ ହିତାଧିକାରୀଙ୍କୁ ୨୦ ହଜାର ଟଙ୍କା ଜମା କରିବାକୁ କୁହାଯାଇଥିଲା । ଏହାପରେ ୬ ଚାଷୀ ମିଳିତ ଭାବେ ୧ ଲକ୍ଷ ୨୦ ହଜାର ଟଙ୍କା ଜମା କରିଥିଲେ । ପ୍ରାୟ ୩୦ ଏକର ଜମି ଜଳସେଚିତ ହେବ ବୋଲି ଆଶା କରିଥିବା ଚାଷୀମାନେ ଏବେ ନୟାଗଡ଼ସ୍ଥିତ ଉଠା ଜଳସେଚନ ବିଭାଗୀୟ କାର୍ଯ୍ୟାଳୟ ଓ ଠିକା ସଂସ୍ଥା ନିକଟକୁ ଦୌଡ଼ି ଦୌଡ଼ି ନିରାଶ ହୋଇଛନ୍ତି । କ୍ଷେତରେ ଗଭୀର ନଳକୂପ ଖୋଳାଯାଇଥିଲେ ମଧ୍ୟ ବିଦ୍ୟୁତ୍ ସଂଯୋଗ ଦିଆଯାଉନଥିବାରୁ ପ୍ରକଳ୍ପ ଅଚଳ ହୋଇପଡ଼ିଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି । ରବିବାର ଚାଷୀ କୈଳାସ ବେହେରା ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କୁ ଭେଟି ସମସ୍ୟା ଜଣାଇଥିଲେ । ବିଧାୟକ ଖୁବ୍‌ଶୀଘ୍ର ବିଦ୍ୟୁତ୍ ସଂଯୋଗ ଦେଇ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି । ଦୀର୍ଘ ତିନି ବର୍ଷ ଧରି ପ୍ରକଳ୍ପ ଅଚଳ ରହିବା ନେଇ ଚାଷୀମାନଙ୍କ ମଧ୍ୟରେ ବିଭାଗ ପ୍ରତି ଅସନ୍ତୋଷ ବଢ଼ିଛି । ତୁରନ୍ତ ବିଦ୍ୟୁତ୍ ସଂଯୋଗ ଦେଇ ଜଳସେଚନ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବା ସହ ନୟାଗଡ଼ ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଉଚ୍ଚ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଚାଷୀମାନେ ଦାବି କରିଛନ୍ତି ।

ରାଧାକୃଷ୍ଣ ସଂକୀର୍ତନ କଳାକାରଙ୍କ ଦ୍ୱାରା ପଥପ୍ରାନ୍ତ ନାଟକ ପରିବେଷଣ

ଜି.ଉଦୟଗିରି, ୦୫/୧୦ (ଆ.ପ୍ର) : ଜି.ଉଦୟଗିରି ବ୍ଲକ ଅନ୍ତର୍ଗତ ତଲାଗିମାହା, କଳିଙ୍ଗା, ମାଲିକାପଡ଼ି, ଗ୍ରେସିଙ୍ଗିଆ, ରଡିଙ୍ଗିଆ, ଲିଙ୍ଗାଗଡ ଗ୍ରାମରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନାକୁ ଗାଁ ଗାଁରେ ଲୋକାଭିମୁଖୀ କରିବା ଏବଂ ସାଧାରଣ ଲୋକଙ୍କୁ ଏହାର ସୁବିଧା ସମ୍ପର୍କରେ ସଚେତନ କରିବା ଉଦ୍ଦେଶ୍ୟରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ଆଦିବାସୀ କଳାକାରମାନେ ପାରମ୍ପରିକ ବେଶଭୂଷାରେ ରାଧାକୃଷ୍ଣ ସଂକୀର୍ତନ କଳାକାରମାନେ ସଚେତନ କରୁଛନ୍ତି । ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ, କଳା ଓ ସଂସ୍କୃତି ବିଭାଗ ଦ୍ୱାରା ଏହି ସଚେତନତା କାର୍ଯ୍ୟକ୍ରମରେ କଳାକାରମାନେ ଗୀତ, ନୃତ୍ୟ, ପଥପ୍ରାନ୍ତ ନାଟକ ଓ କଥୋପକଥନ ମାଧ୍ୟମରେ ସରକାରୀ ଯୋଜନାଗୁଡ଼ିକର ଉଦ୍ଦେଶ୍ୟ, ସୁବିଧା ଓ ଲୋକମାନେ କିପରି ଏହାର ଲାଭ ପାଇପାରିବେ ସେ ସମ୍ପର୍କରେ ଆଂଚଳିକ କୁଇ ଭାଷାରେ ସଚେତନ କରିଥିଲେ । କଳାକାରମାନଙ୍କ ଗୀତ, ନୃତ୍ୟ ଓ ଅଭିନୟ ମାଧ୍ୟମରେ ସରକାରୀ ଯୋଜନାର ବାର୍ତ୍ତାକୁ ଲୋକଙ୍କ ନିକଟରେ ସହଜ ଓ ଆକର୍ଷଣୀୟ ଢଙ୍ଗରେ ପହଂଚାଯାଇଥିଲା । ପଥପ୍ରାନ୍ତ ନାଟକ ଭଳି ଲୋକକଳା ମାଧ୍ୟମରେ ସଚେତନତା ସୃଷ୍ଟି କରିବା ଫଳରେ ଗ୍ରାମାଂଚଳର ଲୋକମାନେ ସରକାରୀ ଯୋଜନା ବିଷୟରେ ସହଜରେ ବୁଝିବା ସହିତ ନିଜ ଅଧିକାର ଓ ସରକାରୀ ସୁବିଧା ସମ୍ପର୍କରେ ସଚେତନ ହେବାର ସୁଯୋଗ ପାଉଛନ୍ତି । କାର୍ଯ୍ୟକ୍ରମରେ ଗାଁର ଶତାଧିକ ଲୋକମାନେ ଉପସ୍ଥିତ ହୋଇଥିଲେ । ସମିତିର ସଭାପତି ନୀଳମାଧବ ପ୍ରଧାନ ନାଟକ ପରିଚାଳନା କରିଥିବା ବେଳେ ସଦସ୍ୟ ଅମର ସିଂ ନାୟକ, ସୁରେଶ ଦିଗାଲ, ଅମ୍ବିକା, ଆଶ୍ରିତା, ସରଳନା, ଚାନ୍ଦିନୀ, ଶାରିକା, ଖଲି ପାଢ଼ି ଏବଂ ସ୍ୱପ୍ନା ପ୍ରଧାନ ସହଯୋଗ କରିଥିଲେ ।

ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ ପାଣିଗ୍ରାହୀ ଗଜପତି ଜିଲ୍ଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ସକାଶେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଲେ

ପାରଳାଖେମୁଣ୍ଡି, ୦୫/୧୦ (ଆ.ପ୍ର) : ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ ପାଣିଗ୍ରାହୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଗଜପତି ଜିଲ୍ଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ସକାଶେ ଚିଠି ଲେଖିଛନ୍ତି । ଏହା ଭିତରେ ପାରଳାଖେମୁଣ୍ଡି ସହରର ବିକାଶ ପାଇଁ ୨୦୦ ଦୋକାନ ବିଶିଷ୍ଟ ଗୋଟିଏ ବଡ ଆଧୁନିକ ମାର୍କେଟ କମ୍ପ୍ଲେକ୍ସ, ରିଙ୍ଗ ରୋଡ ଓ ବାଇପାସ୍ ରୋଡ୍, ରାମସାଗର, ସୀତା ସାଗର ଓ କୃଷ୍ଣସାଗରର ଉନ୍ନତିକରଣ , ସର୍ବପୁରାତନ ଗଜପତି ରାଜବାଟୀର ପୁନରୁଦ୍ଧାର ଓ ପୁନର୍ନିର୍ମାଣ, ପାରଳାଖେମୁଣ୍ଡି ରେଳଷ୍ଟେସନକୁ ଶ୍ରୀକୃଷ୍ଣଚନ୍ଦ୍ର ଗଜପତିଙ୍କ ନାମରେ ନାମକରଣ ଏବଂ ପାରଳାଖେମୁଣ୍ଡି ପୌରପରିଷଦରେ ଖାଲିଥିବା ଇଂଜିନିୟରିଂ ବିଭାଗର ପଦବୀ ସମ୍ପୂର୍ଣ୍ଣ କରିବାପାଇଁ ଲେଖିଛନ୍ତି । ଏଥିସହ ଗଜପତି ଜିଲ୍ଲାର ସାର୍ବଜନୀନ ବିକାଶମୂଳକ ଭିତରେ ଗୁମ୍ମା ବ୍ଲକର ତରଂଗଡା ପଂଚାୟତର ଅମ୍ବାଜରୀ ଠାରୁ ତୁମୁଲସିଂ ରାସ୍ତା ନିର୍ମାଣ , ଗୁମ୍ମା ବ୍ଲକର ଅନୁକୁଣ୍ଡାଗୁଡା ପଂଚାୟତର ନାମନଗଡ ଠାରୁ ସୁରାଙ୍ଗି ଆରଡି ରାସ୍ତା ନିର୍ମାଣ, ଗୁମ୍ମା ବ୍ଲକର ତରଭା ପଂଚାୟତର ଆଣ୍ଡ୍ରୟ ଗଡ ଠାରୁ ବିନ୍ନୁମୁଡା ଭିଟି ରାସ୍ତା ନିର୍ମା, ଗୋଷାଣି ବ୍ଲକର କେରାଣ୍ଡି ପଂଚାୟତର କେରାଣ୍ଡି ଗ୍ରାମରୁ ବସନ୍ତ ନିବାସ ଭିଟି ରାସ୍ତା ନିର୍ମାଣ, ବଡକଡୁରୁ ପଂଚାୟତର ବଡକଡୁରୁ ଗ୍ରାମରେ ରାସ୍ତା ନିର୍ମାଣ, ରାୟଗଡ ବ୍ଲକର ଡମ୍ବାଳ ପଂଚାୟତର ଜଲାଂଗ, କଡମାଡାଳ ଠାରୁ ଡମ୍ବାଳ ହାଇସ୍କୁଲ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଗୁମ୍ମା ବ୍ଲକର ଗାଇବା ପଂଚାୟତର ପଦାସାହି ଠାରୁ କିଡିସାର ରାସ୍ତା ନିର୍ମାଣ, ରାୟଗଡ ବ୍ଲକର ଗଣ୍ଡାହାତୀ ପଂଚାୟତର ଗଣ୍ଡାହାତୀ ଆରଡି ରାସ୍ତା ଠାରୁ ସିଂଗିପୁର ଗ୍ରାମ ଦେଇ କୃଷ୍ଣସାଗର ଆରଡି ରୋଡ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ, ଉକ୍ତ ବ୍ଲକର ମାର୍ଲବା ପଂଚାୟତର ତବାରସିଂ ଠାରୁ ଲିମରସିଂ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ, ରାଇଡା ଠାରୁ ସିଣ୍ଡିସିଂ ରାସ୍ତା ନିର୍ମାଣ, ମାର୍ଲବା ଠାରୁ ଦାବାସାହି ଦେଇ ରାଇଡା ଗ୍ରାମ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ, ପୋଡାର ପଂଚାୟତର ପିଡଲୁଡି ରୋଡ ଠାରୁ ସାନକରଂଜସାହି ରାସ୍ତା ନିର୍ମାଣ, ଡମ୍ବାଳ ପଂଚାୟତର ତୁବୁରସିଂ ଠାରୁ ଉପର ରାଇସିନା ରାସ୍ତା ନିର୍ମାଣ, କାଶୀନଗର ବ୍ଲକର ଖାରଡା ପଂଚାୟତର ଧୋବାପୁର ଠାରୁ ଗୋକୁଳ ରାସ୍ତା ନିର୍ମାଣ, ରାୟଗଡ ବ୍ଲକର ତଳ ସାଂକୁରୁଡା ଠାରୁ କରଣସାହି ରାସ୍ତା ନିର୍ମାଣ, ଗୁମ୍ମା ବ୍ଲକର ତରଂଗଡା ପଂଚାୟତର ତାମସିଂ ଠାରୁ ତଳ ତାମସିଂ(ପାଣ୍ଡରଂଗ ଦେଇ)ରାସ୍ତା ନିର୍ମାଣ, ଅଜୟଗଡ ପଂଚାୟତର ଅଜୟଗଡ ଠାରୁ ବାରାବାର ପର୍ଯ୍ୟନ୍ତ ବୁଢୀ ଘାଟି ଦେଇ ରାସ୍ତା ନିର୍ମାଣ, ତରଭା ପଂଚାୟତର ଲିଙ୍ଗୀ ଆରଡି ରୋଡ ଠାରୁ ପାରସିକ ରାସ୍ତା ନିର୍ମାଣ, ଗାଇବା ପଂଚାୟତର ତଣ୍ଡରଂଗ ଠାରୁ ବୁରୁସିଂ ଭାୟା ଗାଇବା ରାସ୍ତା ନିର୍ମାଣ, କାଶୀନଗର ବ୍ଲକର ଖାଣ୍ଡବା ପଂଚାୟତର ଆରଡି ଠାରୁ ପାଲସିଂ ରାସ୍ତା ନିର୍ମାଣ, ରାୟଗଡ ବ୍ଲକର କରଡାସିଂ ପଂଚାୟତର ଠାରୁ ସରଡା ଗ୍ରାମ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ, ମାର୍ଲବା ପଂଚାୟତର କାକଲୁଂଗା ନାଳ ଉପରେ କଲଭେର୍ଟ ରୋଡ ନିର୍ମାଣ, କାଶୀନଗର ବ୍ଲକର ପାର୍ଡଡା ପଂଚାୟତର ଜହ୍ନୁରୁ ଠାରୁ ଗରବା ଭାୟା ଲିଂଗା ରାସ୍ତା ନିର୍ମାଣ, ରାୟଗଡ ବ୍ଲକର ଜଲାଂଗ ପଂଚାୟତର ଜଲାଂଗ-କଡମାଡାଳ ଭାୟା ଜମ୍ବୁସାହି ଡମ୍ବାଳ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ, କେରାଣ୍ଡି ପଂଚାୟତର ଆରଡି ରୋଡ ଭାୟା ଗଙ୍ଗାବାଡ କେରାଣ୍ଡି ରାସ୍ତା ନିର୍ମାଣ, ଜଲାଂଗ ନାଳ ଠାରୁ ଭାଲିଆସାହି ହାଇ ଲେବେଲ ବ୍ରିଜ ନିର୍ମାଣ, ଅଂଚଳ ମହେନ୍ଦ୍ରତନୟା ନଦୀ ଉପରେ ବ୍ରିଜ ନିର୍ମାଣ ଇତ୍ୟାଦି ପ୍ରସ୍ତାବ ରଖିଛନ୍ତି ।ଗଜପତି ଜିଲ୍ଲାର ଏହିସବୁ ବିକାଶମୂଳକ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ପ୍ରାଧାନ୍ୟ ଦେବାପାଇଁ ଅନୁରୋଧ କରିଛନ୍ତି ।

ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ

ପାରଳାଖେମୁଣ୍ଡି, ୦୫/୧୦ (ଆ.ପ୍ର) : ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାସ୍ତରୀୟ ସଂଯୁକ୍ତ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ମୁନିନ୍ଦ୍ର ହୋନନାଗା, ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମୀନା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଭାଗବତ ସାମଲ କଲ୍ୟାଣ ରାଓ , ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଅଂଶୁମାନ ମହାପାତ୍ର ଅଭିଯୋଗ ଶୁଣାଣୀ କରିଥିଲେ । ଆଜିର ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣୀ ଶିବିରରେ ମୋଟ- ୭୮ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା । ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୬୮ ଗୋଟି, ଗ୍ରାମ ଭିତିକ ସମସ୍ୟା - ୧୦ଗୋଟି ଅଭିଯୋଗ ଆସିଥିଲା । ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା, ଜମି ପଟ୍ଟା, ମନରେଗା, ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା, ଜଳ ସେଚନ ରାସ୍ତା ଓ ସ୍ୱାସ୍ଥ୍ୟ ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀରେ ଗୋଷାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୋର ଚନ୍ଦ୍ର ପଟ୍ଟନାୟକ , ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଏହି ଅଭିଯୋଗ ଶୁଣାଣୀରେ ଉପସ୍ଥିତ ଥିଲେ ।

ଜିଲ୍ଲାସ୍ତରୀୟ 'ମହକ ଓ ଉତ୍ସାହ' ୨୦୨୬ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଗୁଣପୁର, ୦୫/୧୦ (ଆ.ପ୍ର) : ଗୁଣପୁରସ୍ଥିତ ସେବା ସମାଜ ପରିସରରେ ଜିଲ୍ଲା ଶିଶୁ ସୁରକ୍ଷା ଏକକ ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ 'ମହକ ଓ ଉତ୍ସାହ' ୨୦୨୬ କାର୍ଯ୍ୟକ୍ରମ ରବିବାର ଆନନ୍ଦ ଓ ଉତ୍ସାହର ସହ ଉଦ୍‌ଯାପିତ ହୋଇଛି । ଉଦ୍‌ଯାପନୀ ସମାରୋହରେ ଜିଲ୍ଲା ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ପ୍ରମୋଦ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମହାଦେବ ଚିତ୍ରୁଆନ, ଗୁଣପୁର ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସ୍ମୃତିରାଣୀ ପାତ୍ର, ଜିଲ୍ଲା ଶିଶୁ ମଙ୍ଗଳ କମିଟିର ସଦସ୍ୟା ସଙ୍ଗୀତା ମଞ୍ଜରୀ ବେହେରା ଏବଂ ସେବା ସମାଜର ସମ୍ପାଦିକା ରାଜେଶ୍ୱରୀ ଦଳେଇ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ପ୍ରାରମ୍ଭିକ ଭାଷଣରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ 'ମହକ ଓ ଉତ୍ସାହ' କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ତିନିଦିନ ଧରି ସେବା ସମାଜ ଓ ବାଳନିକେତନ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାୟଗଡ଼ା ଜିଲ୍ଲାର ବିଭିନ୍ନ ଶିଶୁଯତ୍ନ ଅନୁଷ୍ଠାନର ପ୍ରାୟ ୧୮୦ ଜଣ ଅନ୍ତେବାସୀ ଅଂଶଗ୍ରହଣ

କରିଥିଲେ । ଶିଶୁମାନଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାର ବିକାଶ ଓ ଆତ୍ମବିଶ୍ୱାସ ବୃଦ୍ଧି ଉଦ୍ଦେଶ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଦଳଗତ ନୃତ୍ୟ, ଏକକ ସଙ୍ଗୀତ, ପ୍ରତିଭା ଅନ୍ୱେଷଣ, ଚିତ୍ରାଙ୍କନ, ପ୍ରଶ୍ନୋତ୍ତର, କ୍ୟାରମ୍, ଦାବା, ବକ୍ତୃତା, ଉଚ୍ଚଡିଆଁ, ଲମ୍ବଡିଆଁ, ଶହେ ମିଟର ଓ ଦୁଇଶହ ମିଟର ଦୌଡ଼ ସହ ଫୁଟବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମର ପ୍ରଥମ ଦିନ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ରନାଥ କହଁର ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଦ୍ୱିତୀୟ ଦିନ ଗୁଣପୁର ପ୍ରକଳ୍ପ ପ୍ରଶାସନ ଅଧିକାରୀ ଅଜୟ କୁମାର ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ ବହୁ ଶିକ୍ଷକ ଓ ଶିକ୍ଷୟିତ୍ରୀ ବିଚାରକ ଭାବେ ଯୋଗଦେଇଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଶିଶୁମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଅବସରରେ ଅତିଥିମାନେ ଶିଶୁମାନଙ୍କୁ ଉତ୍ସାହିତ କରିବା ସହ ଆତ୍ମବିଶ୍ୱାସ ବଢ଼ାଇବାକୁ ପରାମର୍ଶ ଦେଇଥିଲେ । ଆଗାମୀ ଦିନରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ହାସଲ କରିବା ପାଇଁ ସେମାନେ ଶିଶୁମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । କାର୍ଯ୍ୟକ୍ରମର ସଫଳ ଆୟୋଜନରେ ଜିଲ୍ଲା ଶିଶୁ ସୁରକ୍ଷା ଏକକର ସମସ୍ତ କର୍ମଚାରୀ, ଜିଲ୍ଲା ଶିଶୁ ମଙ୍ଗଳ କମିଟିର ସମସ୍ତ ସଦସ୍ୟ, ରାୟଗଡ଼ା ଚାଇଲ୍ଡ ଲାଇନ୍‌ର କର୍ମଚାରୀ, ସେବା ସମାଜର କର୍ମୀ ଏବଂ ବାଳନିକେତନର କର୍ମଚାରୀମାନେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମକୁ ତପନ କୁମାର ସୁନାମୁହିଁ ଏବଂ ବାଳନିକେତନର ପରାମର୍ଶଦାତା ଅଜିତ କୁମାର ମହାନ୍ତିମିଳିତ ଭାବେ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମର ସୁଚାରୁ ଆୟୋଜନ ଓ ସଫଳ ପରିଚାଳନା ପାଇଁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ପ୍ରତି ଧନ୍ୟବାଦ ଜ୍ଞାପନ କରାଯାଇଥିଲା ।

ଜନତାଙ୍କ ସମସ୍ୟା ଶୁଣିଲେ ଜିଲ୍ଲାପାଳ: ଲମତାପୁଟରେ ୧୯ ଅଭିଯୋଗର ତ୍ୱରିତ ସମାଧାନ

କୋରାପୁଟ, ୦୫/୧୦ (ଆ.ପ୍ର) : କୋରାପୁଟ ଜିଲ୍ଲାର ଲମତାପୁଟ ପଂଚାୟତ ସମିତି ପରିସରରେ ସୋମବାର ଜିଲ୍ଲା

ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଓ ଅଭିଯୋଗ ଉପରେ ଶୁଣାଣି କରାଯାଇ ତ୍ୱରିତ ସମାଧାନ ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି । ଶିବିରରେ ମୋଟ ୮୨ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ଏଥିରୁ ୨୪ଟି ବ୍ୟକ୍ତିଗତ ଏବଂ ୫୮ଟି ଗୋଷ୍ଠୀଗତ ଅଭିଯୋଗ ରହିଥିଲା । ଗ୍ରହଣ କରାଯାଇଥିବା ଅଭିଯୋଗ ମଧ୍ୟରୁ ୧୯ଟିର ତୁରନ୍ତ ସମାଧାନ କରାଯାଇଥିଲା । ଅନ୍ୟ ଅଭିଯୋଗଗୁଡ଼ିକର ଆବଶ୍ୟକ ତଦନ୍ତ ଓ ପଦକ୍ଷେପ ନେବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଶିବିରରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ମନୋଜ ସତ୍ୟବାନ ମହାଜନ ଜନସାଧାରଣଙ୍କ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ । ଲୋକଙ୍କ ଅଭିଯୋଗର ସମାଧାନରେ ବିଳମ୍ବ ନକରି ତ୍ୱରିତ ପଦକ୍ଷେପ ନେବା ସହ ସରକାରୀ ଯୋଜନାର ସୁଫଳ ଯେପରି ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଂଚେ, ସେଥିପ୍ରତି ଗୁରୁତ୍ୱ ଦେଇଥିଲେ । ଏହି ଶୁଣାଣି ଶିବିରରେ କୋରାପୁଟ ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମା, ଉପଜିଲ୍ଲାପାଳ ପୀତି ରଞ୍ଜିତ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ବେଣୁଧର ସବରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ । ଶିବିର ଅବସରରେ ଜିଲ୍ଲାପାଳଙ୍କ ଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ର ମହିଳା ସଦସ୍ୟାମାନଙ୍କୁ ଆର୍ଥିକ ସଶକ୍ତିକରଣ ନିମନ୍ତେ ଚେକ୍ ବଂଟନ କରାଯାଇଥିଲା । ମହିଳାମାନଙ୍କୁ ଆତ୍ମନିର୍ଭର କରିବା ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ଆହୁରି ସୁଦୃଢ଼ କରିବା ଦିଗରେ ଏହି ପଦକ୍ଷେପ ସହାୟକ ହେବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି । ଜନସାଧାରଣଙ୍କ ସମସ୍ୟାକୁ ପ୍ରାଥମିକତା ଦେଇ ଅଭିଯୋଗର ତ୍ୱରିତ ସମାଧାନ ସହ ସରକାରୀ ଯୋଜନାର ସୁଫଳ ତୃଣମୂଳସ୍ତରରେ ପହଂଚାଇବା ଜିଲ୍ଲା ପ୍ରଶାସନର ପ୍ରମୁଖ ଲକ୍ଷ୍ୟ ବୋଲି ଶିବିରରୁ ବାର୍ତ୍ତା ମିଳିଛି ।

କଇଁଝର ଗ୍ରାମପଂଚାୟତରେ ପଂଚାୟତ ସ୍ତରୀୟ ଜନ ଶୁଣାଣି ଅନୁଷ୍ଠିତ

ଟିକାବାଲି, ୦୫/୧୦ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକଅନ୍ତର୍ଗତ କଇଁଝର ଗ୍ରାମପଂଚାୟତରେ ଆଜି ଟିକାବାଲି ତହସିଲଦାର ହରିଶ୍ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ପଂଚାୟତ ସ୍ତରୀୟ ଜନ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଆଜିର ଏହି ଜନ ଶୁଣାଣୀ କାର୍ଯ୍ୟକ୍ରମରେ ଅଂଚଳର ବିଭିନ୍ନ ପ୍ରକାର ଅଭିଯୋଗ ଆସିଥିବା ବେଳେ, ପ୍ରାୟତଃ ସାମାଜିକ ସୁରକ୍ଷା ଯୋଜନା ହିତାଧିକାରୀ ଯେଉଁମାନେ କି ବ୍ୟାଙ୍କ ମାଧ୍ୟମରେ ଭତା ପାଉଛନ୍ତି, ସେମାନେ କିପରି ନିଜସ୍ୱ ଗ୍ରାମପଂଚାୟତରେ ପାଇ ପାରିବେ, ଏବଂ ରାସନ କାର୍ଡ ଯୋଗ୍ୟ ହିତାଧିକାରୀମାନଙ୍କ ନାମ କିପରି ଯୋଡି ହୋଇ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହେବେ, ଓ ଆବାସ ଯୋଜନାରେ କିପରି ଘର ପାଇବେ ସେଥିପାଇଁ ଜନସାଧାରଣ

ନିଜ ନିଜର ଅଭିଯୋଗ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ସ୍ଥାନୀୟ ସରପଂଚ ରୁନିତା କହଁର, ଟିକାବାଲି ଗ୍ରାମପଂଚାୟତ ସେକ୍ଟର ଅଧିକାରୀ ସୁରେଶ ବାରିକ, ଗ୍ରାମୀଣ ଗୃହ ବିଭାଗ ବ୍ଲକ କାର୍ଯ୍ୟକ୍ରମ ସଂଯୋଜକ ଅର୍ଜୁନ ନାୟକ, ଗ୍ରାମୀଣ ଜଳ ଯୋଗାଣ ଯନ୍ତ୍ରୀ ପ୍ରଭୁ ପ୍ରସାଦ ସାହୁ, ଟିକାବାଲି ବ୍ଲକ ମନରେଗା ସହାୟକ, ରଶ୍ମିରଞ୍ଜନ ଦିଗାଲ,ଏଡ଼ିଓ, ଟିକାବାଲି ଗ୍ରାମପଂଚାୟତ ମାନସ ରଞ୍ଜନ ସାହୁ, ଏଡ଼ିବିଓ କଟିମାହାଗ୍ରାମପଂଚାୟତ, ଶ୍ରମିକ କହଁର, ଏଡ଼ିବିଓ, କଇଁଝରଗ୍ରାମପଂଚାୟତ ଅମ୍ବିକା ପ୍ରସାଦ ଦିଗାଲ, ଏଡ଼ିବିଓ, ତୁବିନାସୁ ଗ୍ରାମପଂଚାୟତ ପୁରଞ୍ଜନ କହଁର, ସମେତ କଇଁଝର କୃଷି ଅଧ୍ୟ ଦର୍ଶକ ନରେନ୍ଦ୍ର ପାଣିଗ୍ରାହୀ, ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଗୁଡ଼ିକ ଗ୍ରହଣ କରିଥିଲେ । ସୂଚନା ଅନୁସାରେ ସରକାରଙ୍କ ଏଭଳି ପଂଚାୟତ ସ୍ତରୀୟ ଜନ ଶୁଣାଣି କାର୍ଯ୍ୟକ୍ରମକୁ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

ଆଶ୍ୱିନ ମାସରେ ମୁଣ୍ଡ ଫଟା ଖରା

ନିମାପଡ଼ା, ୦୫/୧୦ (ଆ.ପ୍ର) : ଚଳିତ ବର୍ଷ ମୌସୁମୀ ଠିକ ସମୟରେ ଆସିଥିଲା ଚାଷ କାର୍ଯ୍ୟ ଆଗେଇ ଯାଇଥିଲା । ମାତ୍ର ଚଳିତ ଆଶ୍ୱିନ ମାସରେ ମୁଣ୍ଡ ଫଟା ଖରା ଚାଷୀଙ୍କ ଲାଗି ମୁଣ୍ଡ ବିନ୍ଧାର କାରଣ ପାଲଟିଛି । କେତେକସ୍ଥାନରେ ବିଲ ଶୁଖି ଯାଇଥିବା ଅଭିଯୋଗ ହୋଇଛି । ସବୁ ଅଂଚଳକୁ କେନାଲ ପାଣି ମାଡୁ ନଥିବା ବେଳେ ବହୁ ଜମି ବର୍ଷା ପାଣି ଉପରେ ନିର୍ଭର କରିଥାନ୍ତି । ଯଦି ଏପରି ଖରା ଆଉ ୭ /୮ ଦିନ ହେବ ତେବେ ବହୁ ଅଂଚଳରେ ବିଲ ସବୁ ଫାଟି ଫସଲ ହାନି ହେବା ଆଶଙ୍କାକୁ ଏଡାଇ ଦିଆ ଯାଇ ନପାରେ ବୋଲି ଚାଷୀ ମାନେ କହିଛନ୍ତି । ସାଧାରଣତଃ ଅକ୍ଷୟ ତୃତୀୟା ଠାରୁ ଅକ୍ଷି ମୁଠି ଅନୁକୂଳ କରି ଚାଷ କାର୍ଯ୍ୟ ଆରମ୍ଭ ହୋଇଥିଲା । ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କରେ ସାଧାରଣତଃ ମଇ ମାସରେ ହାରାହାରି ବୃଷ୍ଟିପାତ ୬୫/୭୦ ମିମି, ଜୁନ ମାସରେ ସ୍ୱାଭାବିକ ବର୍ଷା୨୧୯ ମିମି ହୋଇଥାଏ । ଜୁଲାଇ ମାସରେ ୨୯୨ରୁ ୩୩୯ ମିମି ବର୍ଷା ହୋଇଥାଏ, ଅଗଷ୍ଟ-ସେପ୍ଟେମ୍ବରରେ ଲଘୁଚାପ ଜନିତ ବର୍ଷାରେ ବିଲ ସବୁ ବୁଡି ଯାଇଥିଲେ ମଧ୍ୟ ଫସଲ ବିଶେଷକ୍ଷତି ଘଟିନଥିବା ଜଣା ପଡିଛି । ଚଳିତ ବର୍ଷ ପୁରୀ ଜିଲ୍ଲାରେ ୧ ଲକ୍ଷ ୩୨ ହଜାର ୮୫୦ ହେକ୍ଟର ଜମିରେ ଧାନ ଚାଷ କରାଯିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ଜିଲ୍ଲାରେ ୩୫ ଭାଗ ଜମିରେ ବୁଣା ଓ ୬୫ ଭାଗ ଜମିରେ ରୁଆ କାର୍ଯ୍ୟ ହୋଇଥାଏ । ଏହି ଜିଲ୍ଲାରେ ୧୬.୩୫୫ ହେକ୍ଟର ଜମିରେ ପାଣି ଜମି ରହୁଥିବା ବେଳେ ୧୦,୯୦୦ ହେକ୍ଟର ଜମି ହେଉଛି ଲୁଣା ଏ ରିଆ । ପୁରୀ ଜିଲ୍ଲାର ୧୧ ଟି ବ୍ଲକ,୨୬୮ଟି ଗ୍ରାମ ପଂଚାୟତ ରେ ମୋଟ ୧୭୩୭୩୯ କୃଷି ପରିବାର ରହିଛନ୍ତି । ପୁରୀ କୃଷି ଜିଲ୍ଲା ଅଧିନସ୍ଥ ପୁରୀ ସଦର, କୃଷ୍ଣ ପ୍ରସାଦ ଓ ବ୍ରହ୍ମଗିରି ବ୍ଲକର ମୋଟ ୩୩.୦୪୦ ହେକ୍ଟର ଜମିରେ ଧାନ ଫସଲ ହେବାଲଗି ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ, ସାକ୍ଷୀଗୋପାଳ କୃଷି ଜିଲ୍ଲା ଅଧିନସ୍ଥ ସତ୍ୟବାଦୀ, ପିପିଲି, ଡେଲାଙ୍ଗ କଣାସ ବ୍ଲକରେ ମୋଟ ୫୩,୯୮୦ ହେକ୍ଟର ଜମିରେ ଧାନ ଫସଲ ହେବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ସେହିପରି ନିମାପଡ଼ା କୃଷି ଜିଲ୍ଲା ଅଧିନସ୍ଥ ନିମାପଡ଼ା, ଗୋପ, ଅସ୍ତରଙ୍ଗ, କାକଟପୁର ବ୍ଲକ ରେ ମୋଟ ୫୫,୨୬୦ ହେକ୍ଟର ଜମିରେ ଧାନ ଫସଲ ହେବ ବୋଲି ଲକ୍ଷ୍ୟ ରଖାଯାଇଛି । କେନାଲ ଗୁଡିକରେ ପାଣି ଛଡାଯାଇଛି । ସେଥିଲାଗି ପ୍ରାୟ ୮୦ ହଜାର ହେକ୍ଟର ଜମିରେ ଧାନ ଚାଷ ପାଇଁ ପାଣି ମିଳି ପାରୁଥିବା ବେଳେ ଜିଲ୍ଲାରେ କାର୍ଯ୍ୟକ୍ଷମ ଥିବା ୯୦୦ ଉଠା ଜଳସେଚନ ପଏଂଟ ଦ୍ୱାରା ୧୮.୩୦୦ ହେକ୍ଟର ଜମିକୁ ପାଣି ଯୋଗାଇ ଦିଆ ଯାଉଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ । ପୁରୀ ଜିଲ୍ଲାରେ ମୋଟ ୧ ଲକ୍ଷ ୮୮ ହଜାର ୭୪୫ ହେକ୍ଟର ଚାଷ ଜମି ଥିବାବେଳେ ସେଥିମଧ୍ୟରୁ ୧ ଲକ୍ଷ ୫ ହଜାର ୧୦୬ ହେକ୍ଟର ଜଳସେଚିତ । ବର୍ଷା ଦିନକୁ ଛାଡିଦେଲେ ଅବଶିଷ୍ଟ ୮ ମାସ ଜିଲ୍ଲାରେ ଚାଷ ଜମିକୁ ଜଳସେଚନ ହୋଇ ନଥାଏ । ତେଣୁ ବର୍ଷା ଦିନେ ଅଧିକାଂଶ ଜମି ଧାନ ଫସଲ କରୁଥିବାବେଳେ ଖରାଦିନେ ରବି ଫସଲ କରିଥାନ୍ତି । ରବି ଋତୁରେ ଖୁବ କମ୍ ଚାଷ ଜମିରେ ଧାନ ଓ ପନି ପରିବା ଚାଷ ହୋଇଥାଏ । ତେଣୁ ପୁରୀ ଜିଲ୍ଲା ଦେଇ ପ୍ରବାହିତ ନଦୀର ପାଣିକୁ ସମୁଦ୍ରକୁ ସମ୍ପୂର୍ଣ୍ଣ ଖଲାସ ନ କରି ଏହାକୁ ବାନ୍ଧିରଖି ରବି ଋତୁରେ କେନାଲ ଜରିଆରେ ପଠାଇବା ବ୍ୟବସ୍ଥା କରାଗଲେ ଜିଲ୍ଲାରେ ଆବଶ୍ୟକ ପରିମାଣର ଖାଦ୍ୟ ଶସ୍ୟ ଅମଳ ହୋଇ ପାରନ୍ତା ବୋଲି ଚାଷୀମାନେ କହିଛନ୍ତି ।

ପାଟିକୋଟା ଗ୍ରାମ ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ ଓ ପ୍ଲେଟ ପକାଇବା ପାଇଁ ଦାବି

ପାରଳାଖେମୁଣ୍ଡି, ୦୫/୧୦ (ଆ.ପ୍ର) : ଗଜପତି ଜିଲ୍ଲା ଗୋଷାଣୀ ବ୍ଲକ ଅନ୍ତର୍ଗତ ଉପଲଡା ପଂଚାୟତର ପାଟିକୋଟା ଗ୍ରାମର ମୁଖ୍ୟ ରାସ୍ତାରେ ଜଳ ନିଷ୍କାସନ ସମସ୍ୟାର ସମାଧାନ ସହ ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ ନିର୍ମାଣ ଏବଂ ଡ୍ରେନ ଉପରେ ପ୍ଲେଟ ପକାଇବା ପାଇଁ ଗ୍ରାମବାସୀ ଦାବି ଜଣାଇଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ବର୍ଷା ଦିନରେ ମୁଖ୍ୟ ରାସ୍ତାରେ ବର୍ଷାଜଳ ଜମି ରହିବା ସହ ରାସ୍ତା ଉପରେ ପାଣି ପ୍ରବାହିତ ହେଉଛି । ଏହା ଫଳରେ ଯାତାୟତରେ ଅସୁବିଧା ସୃଷ୍ଟି ହେବା ସହ ଦୁର୍ଘଟଣାର ଆଶଙ୍କା ମଧ୍ୟ ରହୁଛି । ଦୀର୍ଘଦିନ ଧରି ରହିଥିବା ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଗ୍ରାମବାସୀ ସ୍ଥାନୀୟ ବିଧାୟକ ରୁପେଶ କୁମାର ପାଣିଗ୍ରାହୀଙ୍କୁ ଅବଗତ କରିଥିଲେ । ଗ୍ରାମବାସୀଙ୍କ ଅଭିଯୋଗ ପାଇବା ପରେ ବିଧାୟକ ରୁପେଶ ପାଣିଗ୍ରାହୀ ଆଜି ଅଚାନକ ପାଟିକୋଟା ଗ୍ରାମକୁ ପରିଦର୍ଶନରେ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ । ପରିଦର୍ଶନ ସମୟରେ ଗ୍ରାମବାସୀ ବର୍ଷା ସମୟରେ ମୁଖ୍ୟ ରାସ୍ତା ଉପରେ କିଭଳି ଭାବେ ପାଣି

ପ୍ରବାହିତ ହେଉଛି, ସେ ସମ୍ପର୍କରେ ବିଧାୟକଙ୍କୁ ଅବଗତ କରାଇଥିଲେ । ସ୍ଥିତି ଦେଖିବା ପରେ ବିଧାୟକ ତୁରନ୍ତ ଜାତୀୟ ରାଜପଥ ସମ୍ପୃକ୍ତ ଅଧିକାରୀ ଏବଂ ପୂର୍ତ୍ତ ବିଭାଗର ଅଧିକାରୀ ଅଭିଷେକ ସେଠୀଙ୍କ ସହ ଫୋନ ଯୋଗେ ଆଲୋଚନା କରିଥିଲେ । ରାସ୍ତାର ଡ୍ରେନେଜ୍ ସମସ୍ୟାର ତୁରନ୍ତ ସମାଧାନ ଦିଗରେ ପଦକ୍ଷେପ ନେବା ସହ ଆବଶ୍ୟକ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବାକୁ ସେ ଅଧିକାରୀମାନଙ୍କୁ ଜଣାଇଥିଲେ । ଏହାର ଉତ୍ତରରେ ସମ୍ପୃକ୍ତ ଅଧିକାରୀମାନେ ଆସନ୍ତାକାଲି ଘଟଣାସ୍ଥଳକୁ ଯାଇ ରାସ୍ତାର ସ୍ଥିତି ତଦାରଖ କରିବା ସହ ଆବଶ୍ୟକ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବେ ବୋଲି ବିଧାୟକଙ୍କୁ ଜଣାଇଥିବା ସୂଚନା ମିଳିଛି । ଏଥିସହ ପାଟିକୋଟା ଗ୍ରାମର ମୁଖ୍ୟ ରାସ୍ତାରେ ଆବଶ୍ୟକ ସୌନ୍ଦର୍ଯ୍ୟୀକରଣ ବ୍ୟବସ୍ଥା କରାଯିବ ବୋଲି ମଧ୍ୟ ବିଧାୟକ ରୁପେଶ ପାଣିଗ୍ରାହୀ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ ନିର୍ମାଣ ଓ ଡ୍ରେନ ଉପରେ ପ୍ଲେଟ ପକାଯାଇଲେ ଜଳ ନିଷ୍କାସନ ବ୍ୟବସ୍ଥା ସୁଧାରିବା ସହ ଗ୍ରାମବାସୀଙ୍କ ଯାତାୟାତରେ ମଧ୍ୟ ସୁବିଧା ହେବ ବୋଲି ଗ୍ରାମବାସୀ ଆଶା ପ୍ରକାଶ କରିଛନ୍ତି । ବିଧାୟକଙ୍କ ଏହି ପରିଦର୍ଶନ ସମୟରେ ନାୟବ ସରପଂଚ ସାଇଲୋଡା ଆନନ୍ଦ ରାଓ, ଏସ୍. ନାରାୟଣ ରାଓ, ଦିଲେଶ୍ୱର ରାଓଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ । ସମସ୍ୟା ସମାଧାନ ପାଇଁ ବିଧାୟକ ତୁରନ୍ତ ଅଧିକାରୀଙ୍କ ସହ ଯୋଗାଯୋଗ କରିଥିବାରୁ ଗ୍ରାମବାସୀ ଆଶାବାଦୀ ହୋଇଛନ୍ତି ।

ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ, ଯାଜପୁର ଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ଯାଜପୁର, ୦୫/୧୦ (ଆ.ପ୍ର) : ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲା ପରିଷଦ ସମ୍ମିଳନୀ

କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗର ଶୁଣାଣି କରିଥିଲେ । ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଗୁଡିକ ଯାଂଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ମୋଟ ୨୨୦ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୫୨ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କିତ ୦୬ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୬୧ ଗୋଟି ଅଭିଯୋଗ ଓ ରେଡ୍ କ୍ରୋସ ପାଣ୍ଠିରୁ ସହାୟତା ନିମନ୍ତେ ୧ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୬୫ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ନରେନ୍ଦ୍ର ନାଥ ମହାପାତ୍ର, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଶାନ୍ତ କୁମାର ମାଝୀ, ଡେପୁଟି କଲେକ୍ଟର ଜିଲ୍ଲା ଅଭିଯୋଗ ପ୍ରକୋଷ୍ଠ ସାରସ୍ୱତ ସାହୁ, ଯାଜପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବ୍ରହ୍ମାନନ୍ଦ ବେହେରା, ତହସିଲଦାର, ଯାଜପୁର ରବିନାରାୟଣ ପାଢ଼ୀ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତି ଅଭିଯୋଗର ଶୁଣାଣି କରିଥିଲେ ।

ଜିଲ୍ଲା ଔଷଧ ନିରୀକ୍ଷକଙ୍କ ୪ ଟି ଦୋକାନରେ ଚଢାଉ, କାଗଜପତ୍ର ଯାଂଚ

ଖଣ୍ଡପଡ଼ା, ୦୫/୧୦ (ଆ.ପ୍ର) : ନୟାଗଡ଼ ଜିଲ୍ଲା ଔଷଧ ନୀରିକ୍ଷକ ସନ୍ତୋଷ କୁମାର ପ୍ରଧାନ ଖଣ୍ଡପଡ଼ା ସହରର ୨ଟି ଓ ନିକଟସ୍ଥ

ସାଧାରଣରେ ଅଭିଯୋଗ ଉଠିବା ପରେ ଜିଲ୍ଲା ଔଷଧ ନୀରିକ୍ଷକ ଖଣ୍ଡପଡ଼ା ଅଂଚଳରେ ଚଢାଉ କରିଥିବା ସୂଚନା ମିଳିଛି ।

ଖଳିସାହି ବଜାର ମଧ୍ୟରେ ଥିବା ୨ ଟି ଏହିପରି ୪ଟି ଔଷଧ ଦୋକାନରେ ସୋମବାର ଅଚାନକ ଚଢାଉ କରିଥିଲେ ।ବିଭାଗୀୟ ଅଧିକାରୀ ଔଷଧ ଦୋକାନ ଗୁଡିକର ଆନୁସଙ୍ଗିକ କାଗଜପତ୍ର ଓ ନିଶା ଜାତୀୟ ଔଷଧର ବିକ୍ରୟ ନେଇ ପୁଙ୍ଖାନୁପୁଙ୍ଖ ଯାଂଚ କରିବା ସହ ବିଭିନ୍ନ ତଥ୍ୟକୁ ଆଧାର କରି ଔଷଧ ଦୋକାନୀମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିବା ସୂଚନା ମିଳିଛି । ପ୍ରକାଶଥାଉକି ଖଣ୍ଡପଡ଼ା ଓ ଏହାର ଆଖପାଖ ଅଂଚଳରେ ଲାଇସେନ୍ସପ୍ରାପ୍ତ କେତେକ ଔଷଧ ଦୋକାନୀ ଅସଦ ଉପାୟ ଅବଲମ୍ବନ କରି ଦୋକାନରେ ଲୁଚାଛପାରେ କଫ ସିରପ ଠାରୁ ଆରମ୍ଭ କରି ବିଭିନ୍ନ ନିଶା ଜାତୀୟ ଔଷଧ ଖୁଲମଖୁଲା ବିକ୍ରୀ କରୁଥିବା ନେଇ ତେବେ ବିଭାଗୀୟ ଅଧିକାରୀଙ୍କ ଚଢାଉ ସଂପର୍କିତ ଖବର ପାଇ ଏକାଧିକଓଂଚ ଦୋକାନୀ ଔଷଧ ଦୋକାନରେ ତାଲା ଝୁଲାଇ ଦେଇ ଅନ୍ୟତ୍ର ପଳାଇ ଥିବା ନଜରକୁ ଆସିଥିଲା । ତେବେ ଯଦି କୌଣସି ଔଷଧ ଦୋକାନୀ ନିଶା ଜାତୀୟ ଔଷଧର ବିକ୍ରୀବଟା କରୁଥିବା ନେଇ ସୂଚନା ହସ୍ତଗତ ହୁଏ । ତାହେଲେ ସଂପୃକ୍ତ ଔଷଧ ଦୋକାନୀଙ୍କ ଲାଇସେନସ ରଦ୍ଦ ପାଇଁ ସୁପାରିସ କରାଯିବ ବୋଲି ଶ୍ରୀ ପ୍ରଧାନ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି । ଚଢାଉ ସମୟରେ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ଦେଇ ଖଣ୍ଡପଡ଼ା ପୁଲିସ ପକ୍ଷରୁ ଏଏସଆଇ ମନୋଜ କୁମାର ନାୟକଙ୍କ ସମେତ ଅନ୍ୟ ପୁଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ ।

ଅପରାଧର ଚରାଭୂଇଁ କାକଟପୁର-ଅସ୍ତରଙ୍ଗ ମନ୍ଦିର ଚୋରି ପଛରେ ବ୍ରାଉନ୍ ସୁଗାର ନେଟୱାର୍କ

କାକଟପୁର,୦୫/୧୦ (ଆ.ପ୍ର) : ଶାନ୍ତି ସଂସ୍କୃତି ଓ ଆଧ୍ୟାତ୍ମିକତାର ପ୍ରତୀକ କାକଟପୁର ଏବଂ ନିକଟସ୍ଥ ଅସ୍ତରଙ୍ଗ ଅଞ୍ଚଳରେ ଏବେ ଅପରାଧିଙ୍କ ସୁରକ୍ଷିତ ଚରାଭୂଇଁରେ ପରିଣତ ହୋଇଛି । କିଛି ଦିନ ହେବ ସ୍ଥାନୀୟ ଅଞ୍ଚଳରେ ବାରମ୍ବାର ଘଟୁଥିବା ଚୋରି, ରାହାଜାନି ଏବଂ ମନ୍ଦିର ଭଙ୍ଗାରୁଜା ଘଟଣା ସାଧାରଣ ଜନଜୀବନକୁ ସମ୍ପୂର୍ଣ୍ଣ ଆତଙ୍କିତ କରିପକାଇଛି । ଗତ ସେପ୍ଟେମ୍ବର ୨୯ ତାରିଖ ବିଳମ୍ବିତ ରାତିରେ ହରିଦାସପୁରର ୬୫ ବର୍ଷୀୟ ଘନଶ୍ୟାମ ରଥଙ୍କ ଅଭିଯୋଗ କ୍ରମେ ଚକିଆ ମଠ ବାସୁଦେବ ମନ୍ଦିରରୁ ତାଲା ଭାଙ୍ଗି ପୂଜା ବାସନ କୁସନ, ଆଳତି, ଘଂଟି, ଗିନା, ଥାଳି, ଘରା, ବାଲଟି ଓ ଗ୍ଲାସ୍ ଚୋରି ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି । ଏହି ଗୋଟିଏ ମନ୍ଦିର ନୁହେଁ, ବରଂ କୁଣ୍ଡେଶ୍ୱର ଗ୍ରାମର ୪୫ ବର୍ଷୀୟ ବିପିନ ବିହାରୀ ଦାସଙ୍କ ଅଭିଯୋଗ ଆଧାରରେ କୁଣ୍ଡେଶ୍ୱର ସାଧୁବାବା ମଠରୁ ଚୋରି (କାକଟପୁର ଥାନା କେସ୍ ନଂ-୩୫୬/୨୦୨୬) ଏବଂ ଅସ୍ତରଙ୍ଗ ମୁଣ୍ଡିହାଟାର ୫୪ ବର୍ଷୀୟ ସତ୍ୟବ୍ରତ ମହାନ୍ତିଙ୍କ ଘରୁ ୩୦,୦୦୦ ଟଙ୍କାର ରୋଷେଇ ବାସନ ଚୋରି (ଅସ୍ତରଙ୍ଗ ଥାନା କେସ୍ ନଂ-୨୬୦/୨୦୨୬), ଘଟଣା ସ୍ପଷ୍ଟ କରୁଛି ଯେ ଏହି ସମଗ୍ର ଅଂଚଳରେ ଗୋଟିଏ ସଂଗଠିତ ଚୋର ଗ୍ୟାଙ୍ଗ୍ ସକ୍ରିୟ ଅଛନ୍ତି । ଏହି କ୍ରମାଗତ ଅପରାଧ ଗୁଡ଼ିକ କେବଳ ସାଧାରଣ ଚୋରି ନୁହେଁ, ବରଂ ଏହା ପଛରେ ରହିଛି ସ୍ଥାନୀୟ ଅଞ୍ଚଳରେ କାୟା ବିସ୍ତାର କରିଥିବା ମାରାତ୍ମକ 'ବ୍ରାଉନ୍ ସୁଗାର'ଓ ହେରୋଇନ ନିଶା କାରବାର । ଯୁବପିଢ଼ି ନିଶାର କରାଳ ଗ୍ରାସରେ କବଳିତ ହୋଇ ନିଜର ନିଶା ଖୋରାକ ଯୋଗାଡ଼ କରିବା ପାଇଁ ଏପରି ଅପରାଧିକ କାର୍ଯ୍ୟରେ ଲିପ୍ତ ହେଉଛନ୍ତି । ପୋଲିସ ଦ୍ୱାରା ଗିରଫ ହୋଇଥିବା ୪ ଜଣ ଅଭିଯୁକ୍ତ ବୋଇତାକୁଦର ମଙ୍ଗୁ ପ୍ରସାଦ ଦାସ (୨୮), ପୁରୀ ହରିଚଣ୍ଡୀ ସାହିର କାହ୍ନା ଭୋଇ (୨୯), ଶ୍ରୀରାମପୁରର ପାପୁନି ଦାସ (୨୩) ଏବଂ ଚୋରି ସାମଗ୍ରୀ

କ୍ରେତା ବାଜପୁରର ଅର୍ଜୁନ ସାହୁ (୪୦) ସମସ୍ତେ ଅଭ୍ୟାସଗତ ଅପରାଧୀ ଓ ନିଶାସେବୀ ଅଟନ୍ତି । ବାଜପୁର, ବାଘମୁଣ୍ଡା ସୋଲ ପୋଖରୀ ଏବଂ ବୋଇତକୁଦ ଜଙ୍ଗଲ ଆଜି ନିଶାଡ଼ି ଓ ନିଶା ବେପାରୀଙ୍କ ସୁରକ୍ଷିତ ଅପରାଧିକ ଆଡ୍ଡାସ୍ଥଳୀରେ ପରିଣତ ହୋଇଛି । ସ୍ଥାନୀୟ ଲୋକେ ଏସବୁ ବିଷୟରେ ଜାଣି ମଧ୍ୟ ଭୟରେ ମୁହଁ ଖୋଲୁନାହାନ୍ତି, ଆଉ ପୋଲିସ ପ୍ରଶାସନ ସବୁ ଜାଣି ସୁଦ୍ଧା ଆଖିବୁଜି ବସିଛି ।ପୋଲିସର କାର୍ଯ୍ୟଶୈଳୀକୁ ଅନୁଧ୍ୟାନ କଲେ ଏହା ସ୍ପଷ୍ଟ ହୁଏ ଯେ, ତଦନ୍ତ କେବଳ 'ଲୋକଦେଖାଣିଆ' ଓ 'ଖାମଖିଆଲି' ଭାବେ ଚାଲିଛି । କିଛି ଛୋଟ କାଟିଆ ଅଭ୍ୟାସଗତ ଚୋରଙ୍କୁ ଧରି, କିଛି ପିତଳ ବାସନ ଓ ଭଙ୍ଗା ତାଲା ଜବତ ଦେଖାଇ ପ୍ରେସ୍ ରିଲିଜ୍ ଜାରି କରି ପୋଲିସ ନିଜ ବାହାବା ନେବାକୁ ଚେଷ୍ଟା କରୁଛି । କିନ୍ତୁ ଅସଲ ନିଶା କାରବାରର ମାଷ୍ଟରମାଇଣ୍ଡ ଓ ନିଶା ବେପାରୀଙ୍କୁ ଛୁଇଁବାକୁ ବି ପୋଲିସ ସାହସ କରୁନାହିଁ । ଏଫ ଆଇ ଆର ରୁଜୁ କରିବା ବେଳେ ପ୍ରଥମେ କେବଳ ଦଫା ୩୩୧(୪) ଓ ୩୦୫ ବିଏନ୍ଏସ ଲଗାଯାଇଥିବା ବେଳେ ପରବର୍ତ୍ତୀ ସମୟରେ ଦଫା ୩୧୭(୨) ଓ ୩(୫) ବିଏନ୍ଏସ ଯୋଡ଼ାଗଲା । କିନ୍ତୁ ପୂଜାସ୍ଥଳୀ ଅବମାନନା ଓ ଧାର୍ମିକ ଭାବନାକୁ ଆଘାତ ଦେଇଥିବାରୁ ଦଫା ୨୯୮ ବିଏନ୍ଏସ, ମନ୍ଦିର କବାଟ ଓ ତାଲା ଭାଙ୍ଗି କ୍ଷତି ପହଂଚାଇଥିବାରୁ ଦଫା ୩୨୪ ବିଏନ୍ଏସ, ଏକାଧିକ ଥାନାରେ ଗ୍ୟାଙ୍ଗ୍ ଚୋରି ପାଇଁ ଦଫା ୧୧୧ ବିଏନ୍ଏସ (ସଂଗଠିତ ଅପରାଧ), ଏବଂ ଅଭ୍ୟାସଗତ ଚୋରି ସାମଗ୍ରୀ କ୍ରେତା ଅର୍ଜୁନ ସାହୁଙ୍କ ପାଇଁ ଦଫା ୩୧୭(୪) ବିଏନ୍ଏସ ଲଗାଗଲା ନାହିଁ । ଏହା ସହିତ ନିଶା ସମ୍ପୃକ୍ତି ଥିବାରୁ ଏନଡିପିଏସ ଆକ୍ଟ ର କଠୋର ଆଇନ ପ୍ରୟୋଗ ନକରିବା ପୋଲିସର ଆନ୍ତରିକତା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ତଦନ୍ତଗତ ତ୍ରୁଟି ମଧ୍ୟ ସ୍ପଷ୍ଟ ବାରି ହୋଇପଡୁଛି ୨୯.୦୯.୨୦୨୬ ରେ ଘଟଣା ଘଟିଥିବା ବେଳେ ଏଫ ଆଇ ଆର ରୁଜୁ ହେବାକୁ ୩ ଦିନ ସମୟ ଲାଗିଲା (୦୨.୧୦.୨୦୨୬) । ଯାହାର କୌଣସି ଆଇନଗତ କାରଣ ଦର୍ଶାଯାଇନାହିଁ । ଘଟଣାସ୍ଥଳରୁ ଫୋରେନ୍ସିକ୍ କିମ୍ବା ଆଙ୍ଗୁଠି ଛାପ ପ୍ରମାଣ ସଂଗ୍ରହ ନକରି କେବଳ ମୌଖିକ ବୟାନ ଆଧାରରେ କେସ୍ କରାଯାଇଛି । ଚୋର ଧରାପଡ଼ି କୋର୍ଟ ଯାଉଛନ୍ତି ସତ, କିନ୍ତୁ ଦୁର୍ବଳ ଦଫା ଯୋଗୁଁ ଅତି ସହଜରେ ଜାମିନ ପାଇ ପୁଣି ଫେରି ସେହି ଅପରାଧ ପଥକୁ ଆପଣାଉଛନ୍ତି ।ଯଦି ପୋଲିସ ପ୍ରଶାସନ, ପୁରୀ ଆରକ୍ଷୀ ଅଧୀକ୍ଷକ, ସେଂଟ୍ରାଲ୍ ରେଞ୍ଜ୍ ଆଇଜି ଏବଂ ଓଡ଼ିଶା ଡିଜିପି ଆଜି ବି ଧ୍ୟାନ ନ ଦିଅନ୍ତି, ତେବେ କାକଟପୁର-ଅସ୍ତରଙ୍ଗ ଅଞ୍ଚଳରେ ଆଇନଶୃଙ୍ଖଳା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିବ ।

ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗଗନ ମହାନ୍ତିଙ୍କ ଶ୍ରଦ୍ଧାଞ୍ଜଳି ସଭା

ଜଗତସିଂହପୁର, ୦୫/୧୦ (ଆ.ପ୍ର) : ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ରାଢ଼ଙ୍ଗ ପଂଚାୟତ ଅନ୍ତର୍ଗତ କଳିଙ୍ଗା ଗ୍ରାମରେ ରଘୁନାଥପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷ ଗଗନ ମହାନ୍ତିଙ୍କ ଏକାଦଶାହରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାବିତ ସୁରେଶ ଚନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ଜିଲ୍ଲା ପରିଷଦ ସଭାପତି ମନୋଜ ଭୋଇ, ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ନଟବର

ଚାରିକ, ସମାଜସେବୀ ସର୍ବେଶ୍ୱର ପଣ୍ଡା, ସମାଜସେବୀ ସୁରେନ ରାଉତ, ପୂର୍ବତନ ପ୍ରଧାନ ଶିକ୍ଷକ ସରୋଜ କୁମାର ମହାପାତ୍ର, ପୂର୍ବତନ ସରପଂଚ ବିଜନ ମହାପାତ୍ର, ସାମାଜିକ କର୍ମୀ ଦେବୀପ୍ରସାଦ ମହାରଣା, ଶିକ୍ଷାବିତ ଅଜୟ କୁମାର ବରାଳ, ଅରୁଣ ରାଉତରାୟ, ଓଜେସିର ରାଜ୍ୟ ସମ୍ପାଦକ ତପନ ରାଉତରାୟ, ସରୋଜ କୁମାର ଦ୍ୱିବେଦୀ, ତୁଷାର ରଞ୍ଜନ ସାମଲ, କୃଷ୍ଣଚନ୍ଦ୍ର ମହାନ୍ତି, ଦିପ୍ତୀରଂଜନ ରାଉତ, ସୁବ୍ରତ ରାଉତ, ନିରୋଦ ବେହେରା ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ମହାନ୍ତିଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସ୍ୱର୍ଗତ ମହାନ୍ତିଙ୍କ ଦୁଇପୁତ୍ର ଜ୍ଞାନେନ୍ଦ୍ର ମହାନ୍ତି ଓ ଜିତେନ୍ଦ୍ର ମହାନ୍ତି ପରିଚାଳନା କରିଥିଲେ ।

ଧୀମା ବୋଲିଂ ପାଇଁ ଭାରତ, ୱେଷ୍ଟଇଣ୍ଡିଜ୍‌କୁ ଜରିମାନା

ନ୍ୟୁଚଣ୍ଡୀଗଡ଼, ୫/୧୦ (ନ୍ୟୁ.ଏ): ମୁଲାନପୁରରେ ଅନୁଷ୍ଠିତ ତୃତୀୟ ଦିନିକିଆରେ ଧୀମା ଓଭର ହାର ପାଇଁ ଉଭୟ ଭାରତ ଓ ୱେଷ୍ଟଇଣ୍ଡିଜ୍ ଦଳ ଉପରେ ଜରିମାନା କରାଯାଇଛି । ଭାରତୀୟ ଦଳକୁ ମ୍ୟାଚ୍ ଫି'ର ୨୦ ପ୍ରତିଶତ ଏବଂ ୱେଷ୍ଟଇଣ୍ଡିଜ୍‌କୁ ୧୦ ପ୍ରତିଶତ ଜରିମାନା ଦେବାକୁ ପଡ଼ିବ । ସମୟ ରିହାତିକୁ ବିଚାରକୁ ନେବା ପରେ ମଧ୍ୟ ୱେଷ୍ଟଇଣ୍ଡିଜ୍ ନିର୍ଦ୍ଧାରିତ ସମୟ ସୁଦ୍ଧା ଦୁଇ ଓଭର ଏବଂ ଭାରତ ଚାରି ଓଭର ପଛରେ ଥିବା ଜଣାପଡ଼ିଥିଲା । ଏହାକୁ ଦୃଷ୍ଟିରେ ରଖି ଭ୍ରମଣକାରୀ ଦଳର ୧୦ ପ୍ରତିଶତ ଓ ଘରୋଇ ଦଳର ୨୦ ପ୍ରତିଶତ ମ୍ୟାଚ୍‌ଫି କଟାଯାଇଛି । ଆଇସିସି ଆଚରଣ ସଂହିତାର ଧାରା ୨.୨୨ ଅନୁଯାୟୀ ମ୍ୟାଚ୍ ରେଫରି ପ୍ରକାଶ ଭଟ୍ଟ ଏହି ଦଣ୍ଡାଦେଶ ଦେଇଛନ୍ତି । ନିୟମ ଅନୁଯାୟୀ ନିର୍ଦ୍ଧାରିତ ସମୟରେ ପ୍ରତ୍ୟେକ ଓଭର ବୋଲିଂ କରିନପାରିଲେ ପ୍ରତି ଓଭର ପାଇଁ ଅତିକମରେ ମ୍ୟାଚ୍ ଫି'ର ୫ ପ୍ରତିଶତ ଜରିମାନା ଆଦାୟ ହୁଏ । ଅମ୍ପାୟାର ଜୟରାମନ ମଦନଗୋପାଳ, ସାମ୍ ନୋଗାଜସ୍କି, ଶରଫୁଦ୍ଦୌଲା ଓ ବୀରେନ୍ଦ୍ର ଶର୍ମା ଏହି ଅଭିଯୋଗ ଆଣିଥିଲେ । ଅଧିନାୟକ ଶୁଭମନ ଗିଲ୍ ଓ ସାଇ ହୋପ୍ ଦଣ୍ଡକୁ ଗ୍ରହଣ କରିଥିବାରୁ ଔପଚାରିକ ଶୁଣାଣିର ଆବଶ୍ୟକତା ପଡ଼ିନଥିଲା ।

ହଂକଂ ସିକ୍ସେସ୍‌ରେ ଭୁବନେଶ୍ୱରଙ୍କ କମବ୍ୟାକ୍

ନୂଆଦିଲ୍ଲୀ, ୫/୧୦ (ନ୍ୟୁ.ଏ): ଦୀର୍ଘଦିନ ପରେ ପୁଣି ଟିମ୍ ଇଣ୍ଡିଆ ଜର୍ସିରେ ନଜର ଆସିବେ ଅଭିଜ୍ଞ ଦ୍ରୁତ ବୋଲର ଭୁବନେଶ୍ୱର କୁମାର । ତେବେ ସିନିୟର ଟିମ୍ ଇଣ୍ଡିଆରେ ନୁହେଁ, ହଂକଂ ସିକ୍ସେସ୍ ସିରିଜ୍ ପାଇଁ ଘୋଷିତ ଭାରତୀୟ ଦଳରେ ତାଙ୍କୁ ସାମିଲ କରାଯାଇଛି । ଏହାସହ ଦଳର ଅଧିନାୟକ ଦାୟିତ୍ୱ ମଧ୍ୟ ଭୁବନେଶ୍ୱରଙ୍କୁ ମିଳିଛି । ସୋମବାର ହଂକଂ ସିକ୍ସେସ୍ ସିରିଜ୍ ପାଇଁ ଭାରତୀୟ ଦଳ ଘୋଷଣା ହୋଇଛି । ଦଳରେ ଭୁବନେଶ୍ୱରଙ୍କ ବ୍ୟତୀତ କ୍ରୁଣାଲ ପାଣ୍ଡ୍ୟା, ଶଶାଙ୍କ ସିଂହ, ନୀତୀଶ ରାଣା, ଟି. ନଟରାଜନ, ରାହୁଲ ତେୱାତିଆ ଓ ରାହୁଲ ତ୍ରିପାଠୀଙ୍କ ଭଳି ଖେଳାଳି ରହିଛନ୍ତି । ଭୁବନେଶ୍ୱର କୁମାର ଭାରତ ପାଇଁ ଶେଷ ଅନ୍ତର୍ଜାତୀୟ ମ୍ୟାଚ୍ ନଭେମ୍ବର ୨୦୨୨ରେ ଖେଳିଥିଲେ । ଏହାପରେ ଦୀର୍ଘ ସମୟ ଧରି ସେ ଭାରତୀୟ ହ୍ୱାଇଟ୍-ବଲ୍ ଟିମ୍‌ରୁ ବାଦ୍ ପଡ଼ିଛନ୍ତି । ଏବେ ହଂକଂ ସିକ୍ସେସ୍ ଜରିଆରେ ପୁଣି ଥରେ ଭାରତୀୟ ଜର୍ସି ପିନ୍ଧିବେ ଭୁବି । ଅକ୍ଟୋବର ୩୦ରୁ ହଂକଂ ସିକ୍ସେସ୍ ସିରିଜ୍ ଆରମ୍ଭ ହେବ । ନଭେମ୍ବର ୧ରେ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ହେବ । ମୋଟ ୧୨ଟି ଦଳ ଏଥିରେ ଭାଗନେବେ । ଦଳଗୁଡ଼ିକୁ ୪ଟି ପୁଲ୍‌ରେ ବିଭକ୍ତ କରାଯାଇଛି । ପୁଲ୍-ଏରେ ହଂକଂ ଚୀନ୍, ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ଥିବାବେଳେ ପୁଲ୍-ବିରେ ଶ୍ରୀଲଙ୍କା, ବାଂଲାଦେଶ ଓ ସ୍କଟଲାଣ୍ଡ ରହିଛନ୍ତି । ପୁଲ୍-ସିରେ ଭାରତ, ପାକିସ୍ତାନ ଓ ୟୁଏଇ ଏବଂ ପୁଲ୍-ଡିରେ ଦକ୍ଷିଣ ଆଫ୍ରିକା, ଆଫଗାନିସ୍ତାନ ଓ ଓମାନ ରହିଛନ୍ତି । ତେବେ ଏପର୍ଯ୍ୟନ୍ତ ମ୍ୟାଚ୍‌ର ଫିକ୍ସଚର ଘୋଷଣା ହୋଇନଥିବାରୁ ଭୁବନେଶ୍ୱରଙ୍କ ପ୍ରଥମ ମ୍ୟାଚ୍ କେବେ ରହିବ, ତାହା ସ୍ପଷ୍ଟ ହୋଇନାହିଁ ।

୮ ଜଣଙ୍କୁ ରାଜ୍ୟସଭା ପାଇଁ ପ୍ରାର୍ଥୀ କଲା ବିଜେପି, ନାହିଁ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀଙ୍କ ନାଁ

ନୂଆଦିଲ୍ଲୀ, ୫/୧୦ (ନ୍ୟୁ.ଏ): ଉତର ପ୍ରଦେଶରୁ ଆଗାମୀ ରାଜ୍ୟସଭା ନିର୍ବାଚନ ପାଇଁ ୮ ଜଣଙ୍କୁ ପ୍ରାର୍ଥୀ କରିଛି ବିଜେପି । ଅକ୍ଟୋବର ୧୬ରେ ଉତର ପ୍ରଦେଶର ୧୦ଟି ରାଜ୍ୟସଭା ଆସନ ପାଇଁ ମତଦାନ ହେବ । ଏହାପୂର୍ବରୁ ଦଳ ପକ୍ଷରୁ ୮ଟି ଆସନ ପାଇଁ ପ୍ରାର୍ଥୀଙ୍କ ନାଁ ସାର୍ବଜନୀନ କରାଯାଇଛି । କିନ୍ତୁ ଏହି ତାଲିକାରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କ ନାଁ ନାହିଁ । ସେ ରାଜ୍ୟସଭା ତାଲିକାରୁ ବାଦ ପଡ଼ିବାର ଅର୍ଥ ମୋଦିଙ୍କ ମନ୍ତ୍ରିମଣ୍ଡଳରୁ ମଧ୍ୟ ବାଦ ପଡ଼ିବେ । ଏପରି ସ୍ଥିତିରେ ଆଗକୁ ମୋଦି ସରକାର ମନ୍ତ୍ରିମଣ୍ଡଳ ଅଦଳବଦଳ କରିବେ ବୋଲି ଏକପ୍ରକାରର ସ୍ପଷ୍ଟ ହୋଇଛି । ତାଙ୍କ ବ୍ୟତୀତ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ବିଏଲ ବର୍ମା ଓ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀଙ୍କୁ ରାଜ୍ୟସଭା ଟିକେଟ ମିଳିବା ନେଇ ଚର୍ଚ୍ଚା ହେଉଥିଲା । କିନ୍ତୁ ବର୍ତ୍ତମାନ ସୁଦ୍ଧା ସେମିତି କିଛି ବି ହୋଇନି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଉତର ପ୍ରଦେଶରୁ ବିଦାୟ ନେବାକୁ ଥିବା ୮ ରାଜ୍ୟସଭା ସାଂସଦଙ୍କ ମଧ୍ୟରୁ ବିଜେପି ଜଣଙ୍କୁ ବି ରିପିଟ କରିନି । ହରଦୀପ ଓ ବିଏଲ ସନ୍ତୋଷଙ୍କ ଭଳି ଅରୁଣ ସିଂହ, ସୀମା ଦ୍ୱିବେଦୀ, ନୀରଜ ଶେଖର, ବ୍ରିଜ ଲାଲ ଓ ଗୀତା ଶକ୍ୟଙ୍କ ନାଁ ମଧ୍ୟ ରାଜ୍ୟସଭା ପ୍ରାର୍ଥୀ ତାଲିକାରେ ନାହିଁ । ପୂର୍ବରୁ ଉତର ପ୍ରଦେଶରୁ ଏହି ୭ ଜଣଙ୍କ ସମେତ ଦୀନେଶ ଶର୍ମା ମଧ୍ୟ ରାଜ୍ୟସଭାକୁ ଯାଇଥିଲେ । ବିଜେପି ଏଥର କାହାକୁ ବି

ପୁଣି ରାଜ୍ୟସଭାକୁ ପଠାଇ ନାହିଁ । ବାଦ ପଡ଼ିଥିବା ୮ ସାଂସଦଙ୍କ ମଧ୍ୟରୁ ୭ ଜଣଙ୍କୁ କୌଣସି ନୂଆ ଦାୟିତ୍ୱ ମିଳି ନଥିବା ବେଳେ ଦୀନେଶ ଶର୍ମା ଏବେ ଆଣ୍ଡାମାନ ନିକୋବରର ଉପ ରାଜ୍ୟପାଳ ରହିଛନ୍ତି । ଆଜି ୮ ପ୍ରାର୍ଥୀଙ୍କ ମଧ୍ୟରେ ଯୋଗୀ ସରକାରରେ ମନ୍ତ୍ରୀ ଥିବା ଧର୍ମପାଲ ସିଂହଙ୍କ ନାଁ ରହିଛି । ତାଙ୍କ ବ୍ୟତୀତ ଆଇନଜୀବୀ ରାଧାକାନ୍ତ ଓଝା, ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି ପ୍ରକାଶ ପାଲ, ପୂର୍ବତନ ସାଂସଦ ବିଦ୍ୟାସାଗର ସୋନକର, ଗୋପୀ କ୍ରିଷ୍ଣା ପାଣ୍ଡେ, ପୂର୍ବତନ ସାଂସଦ ପ୍ରିୟଙ୍କା ସିଂହ ରାୱତ, ରାଜ୍ୟ ସାଧାରଣ ସମ୍ପାଦକ ରାମ ପ୍ରତାପ ସିଂହ ଚୌହାନ ଓ ଝାଡଖଣ୍ଡ ରାଜ୍ୟପାଳ ସନ୍ତୋଷ ଗଙ୍ଗୱାରଙ୍କ ଝିଅ ସୃଷ୍ଟିଙ୍କୁ ବିଜେପି ରାଜ୍ୟସଭା ପ୍ରାର୍ଥୀ କରିଛି । ରାଜ୍ୟର ୧୦ଟି ରାଜ୍ୟସଭା ଆସନ ପାଇଁ ଅକ୍ଟୋବର ୧୬ରେ ଭୋଟ ହେବ । ବିଜେପି ଏହା ମଧ୍ୟରୁ ୮ଟି ସିଟ୍ ଜିତିବା ନିଶ୍ଚିତ । ସମାଜବାଦୀ ପାର୍ଟି ଦୁଇଟି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଥିବା ବେଳେ ଏବେ ତୃତୀୟ ପ୍ରାର୍ଥୀ ଦେବାକୁ ବିଚାର କରୁଛି । ଆସନ୍ତାକାଲି ଦିନ ୧୧.୩୦ରେ ବିଜେପିର ସମସ୍ତ ୮ ପ୍ରାର୍ଥୀ ନାମାଙ୍କନ ଦାଖଲ କରିବେ । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ରାଜ୍ୟ ସଭାପତି ପଙ୍କଜ ଚୌଧୁରୀ ପ୍ରାର୍ଥୀପତ୍ର ଦାଖଲ ବେଳେ ଉପସ୍ଥିତ ରହିବେ । ଆସନ୍ତା ବର୍ଷ ଉତର ପ୍ରଦେଶରେ ବିଧାନସଭା ନିର୍ବାଚନ ହେବ । ଏହାକୁ ଦୃଷ୍ଟିରେ ରଖି ବିଜେପି ଜାତି ଓ ସଂପ୍ରଦାୟକୁ ଦୃଷ୍ଟିରେ ରଖି ରାଜ୍ୟସଭା ପ୍ରାର୍ଥୀ ଘୋଷଣା କରିଛି । ଓବିସି ବର୍ଗରୁ ୩ ଜଣ, ସାଧାରଣ ବର୍ଗରୁ ୩ ଜଣ ଓ ଅନୁସୂଚିତ ଜାତି ବର୍ଗରୁ ୨ ଜଣଙ୍କୁ ପ୍ରାର୍ଥୀ କରାଯାଇଛି । ସାଧାରଣ ବର୍ଗରେ ୨ ଜଣ ବ୍ରାହ୍ମଣ ଓ ଜଣେ ରାଜପୁତ ରହିଛନ୍ତି । ମନ୍ତ୍ରୀ ଧର୍ମପାଲ ସିଂହ ଲୋଧ ସଂପ୍ରଦାୟର । ରାମାକାନ୍ତ ଓଝା ଓ ଗୋପୀ କ୍ରିଷ୍ଣା ପାଣ୍ଡେ ବ୍ରାହ୍ମଣ ସଂପ୍ରଦାୟକୁ ପ୍ରତିନିଧିତ୍ୱ କରୁଛନ୍ତି । ପ୍ରକାଶ ପାଲ ରାଜ୍ୟ ଓବିସି ମୋର୍ଚ୍ଚାର ସଭାପତି । ସୃଷ୍ଟି ଗଙ୍ଗୱାର ମଧ୍ୟ ଓବିସି ବର୍ଗରୁ ଆସୁଛନ୍ତି । ବିଦ୍ୟାସାଗର ସୋନକର ଓ ପ୍ରିୟଙ୍କା ରାୱତ ଦଳିତ ସଂପ୍ରଦାୟର ହୋଇଥିବା ବେଳେ ରାମ ସିଂହ ଚୌହାନ ଠାକୁର ସଂପ୍ରଦାୟର । ରାଜ୍ୟସଭାର ସଂଖ୍ୟା ଖେଳକୁ ଦେଖିଲେ ବିଜେପିର ୮ ପ୍ରାର୍ଥୀ ଓ ସପାର ରାମଗୋପାଲ ଯାଦବ ଓ ଧନରାଜ ପରିମଳ ନାଥ୍ୱାନି ଜିତିବା ଏକ ପ୍ରକାରର ନିଶ୍ଚିତ ରହିଛି ।

ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କ ନିର୍ଦ୍ଦେଶରେ ସିଇସି ସମ୍ବିଧାନ ସହିତ ବିଶ୍ୱାସଘାତକତା କରିଛନ୍ତି: କଂଗ୍ରେସ

ନୂଆଦିଲ୍ଲୀ: ମୁଖ୍ୟ ନିର୍ବାଚନ ଆୟୁକ୍ତ (ସିଇସି) ଜ୍ଞାନେଶ କୁମାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଗୃହମନ୍ତ୍ରୀ ଅମିତ୍ ଶାହଙ୍କ ନିର୍ଦ୍ଦେଶରେ ସମ୍ବିଧାନର ଭାବନା ସହିତ ବିଶ୍ୱାସଘାତକତା କରୁଛନ୍ତି ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ଅଭିଯୋଗ କରିଛନ୍ତି । ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ସୁପ୍ରିମକୋର୍ଟରେ ଦାୟର ହୋଇଥିବା ଆବେଦନ ଉପରେ ବିଚାର କରି ସୋମବାର ସର୍ବୋଚ୍ଚ ଅଦାଲତ ନିର୍ବାଚନ କମିସନ, କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିବା ପରେ ରମେଶ 'ଏକ୍ସ'ରେ ପୋଷ୍ଟ କରି କହିଛନ୍ତି ଯେ, ଯେଉଁ ଭାବେ କାମଚଳା, ବେଆଇନ ଓ ବେପରୁଆ ଉପାୟରେ ଏସ୍ଆଇଆର (ସ୍ୱତନ୍ତ୍ର ସଘନ ସଂଶୋଧନ) ପ୍ରକ୍ରିୟା ପରିଚାଳନା କରାଯାଉଥିଲା, କାର୍ଯ୍ୟରତ ଓ ଅବସରପ୍ରାପ୍ତ ସୁପ୍ରିମକୋର୍ଟ ବିଚାରପତିଙ୍କ ସମାଲୋଚନା ଓ ଯଥେଷ୍ଟ ଉପଯୁକ୍ତ ପ୍ରକ୍ରିୟା ବିନା ବ୍ୟାପକ ଏବଂ ନିର୍ବିରୋଧୀ ଭାବରେ ଭୋଟର ତାଲିକାରୁ ନାମ କଟାଯାଉଥିଲା ସେହି ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟଙ୍କ ପାଖରେ ଏହି ପ୍ରତିଷ୍ଠାନ ପ୍ରତି ଜନସାଧାରଣଙ୍କ ବିଶ୍ୱାସ ଫେରାଇ ଆଣିବା ପାଇଁ ଏକ ଅସାଧାରଣ ସୁଯୋଗ ଅଛି, ଯାହା ଆମ ଗଣତନ୍ତ୍ରର ମୂଳଦୁଆ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସୁପ୍ରିମକୋର୍ଟ ବର୍ତ୍ତମାନ ଏହି ମାମଲାରେ ଜବାବ ମାଗିଛନ୍ତି । ତଥାପି କୋର୍ଟ କୌଣସି ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ଜାରି କରିନାହାନ୍ତି ବୋଲି ରମେଶ କହିଛନ୍ତି । ରମେଶ ଆହୁରି କହିଛନ୍ତି, ସୁପ୍ରିମକୋର୍ଟ ନିର୍ବାଚନ ଆୟୋଗ ଓ ମୁଖ୍ୟ ନିର୍ବାଚନ ଆୟୁକ୍ତ (ସିଇସି)ଙ୍କ ଉପରେ ବିଶ୍ୱାସ ରଖିଥିଲେ କି ସେମାନେ ନିରପେକ୍ଷ ଓ ସଠିକ୍ ସୂଚନା ଦେବେ । ବର୍ଷ ବର୍ଷ ଧରି ନିର୍ବାଚନ ଆୟୋଗ ନିର୍ବାଚନ କିପରି କରାଯାଏ ତାହା ଶୃଙ୍ଖଳିତ, ମର୍ଯ୍ୟାଦାପୂର୍ଣ୍ଣ ଓ ଦକ୍ଷତା ପ୍ରଦର୍ଶନ କରି ପ୍ରତିଷ୍ଠା କରିଥିଲେ । ଜ୍ଞାନେଶ କୁମାର ସେହି ଐତିହ୍ୟ ଉପରେ ନିର୍ମିତ ବିଶ୍ୱସନୀୟତା ଦାବି କରିପାରିବେ ନାହିଁ । ଫର୍ମ ୬ ରେ ହୋଇଥିବା କ୍ଷତିକାରକ ପରିବର୍ତ୍ତନ, ଯାହାକୁ ପ୍ରାରମ୍ଭରେ ସୁପ୍ରିମକୋର୍ଟଙ୍କ ଅନୁମୋଦନ ଥିଲା ବୋଲି କୁହାଯାଇଥିଲା ତାହା ସିଇସିଙ୍କର ପ୍ରତାରଣାପୂର୍ଣ୍ଣ ଆଚରଣର ଏକ ଗମ୍ଭୀର ଉଦାହରଣ । ବାସ୍ତବତା ହେଉଛି ଯେ, ସିଇସି କେବଳ ମିଛ କହିନାହାନ୍ତି ବରଂ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଆଇନ ଉଲ୍ଲଂଘନ କରିଛନ୍ତି, ସମ୍ବିଧାନର ଅକ୍ଷର ଓ ଆତ୍ମା ପ୍ରତି ବିଶ୍ୱାସଘାତକତା କରିଛନ୍ତି ବୋଲି ରମେଶ କହିଛନ୍ତି ।

୧୭୪ ଜଣ ଯାତ୍ରୀଙ୍କ ଜୀବନ ବଂଚାଇଥିବା ପାଇଲଟଙ୍କୁ ମିଳୁଛି କୋଟିକୋଟି ଟଙ୍କାର ପୁରସ୍କାର

ନୂଆଦିଲ୍ଲୀ, ୫/୧୦ (ନ୍ୟୁ.ଏ): ଫ୍ଲାଇଦୁବାଇର ଫ୍ଲାଇଟ୍ ଏଫଜେଡ଼୧୦୭୩ରେ ନିଜ ଜୀବନକୁ ବିପଦରେ ପକାଇ ୧୭୪ ଜଣ ଯାତ୍ରୀଙ୍କ ଜୀବନ ବଂଚାଇଥିବା ଭାରତୀୟ ପାଇଲଟ୍ କ୍ୟାପ୍ଟେନ୍ ସ୍ମିତ ମହଚ୍ଛାରଙ୍କ ସାହସ ଚର୍ଚ୍ଚାର ବିଷୟ ପାଲଟିଛି । କଠିନ ପରିସ୍ଥିତିରେ ବିମାନକୁ ନିୟନ୍ତ୍ରଣରେ ରଖିଥିବା ସ୍ମିତଙ୍କୁ ଏବେ ପ୍ରଶଂସା ଓ ସମ୍ମାନ ସହିତ ଲକ୍ଷ ଲକ୍ଷ ଟଙ୍କାର ପୁରସ୍କାର ମଧ୍ୟ ପ୍ରଦାନ କରାଯାଉଛି ।ସ୍ମିତଙ୍କ ସାହସ, ଧୈର୍ଯ୍ୟ ଏବଂ ବିପଦ ସମୟରେ ନେଇଥିବା ନିଷ୍ପତିକୁ ସାରା ବିଶ୍ୱରେ ପ୍ରଶଂସା କରାଯାଉଛି । ମ୍ୟାନକାଇଣ୍ଡ ଫାର୍ମା ସହିତ ଗୁଜରାଟ ସରକାର ଏବଂ ଜଣେ ରାଜ୍ୟସଭା ସାଂସଦ ମଧ୍ୟ ତାଙ୍କ ପାଇଁ ନଗଦ ପୁରସ୍କାର ଘୋଷଣା କରିଛନ୍ତି । ସ୍ମିତ ମହଚ୍ଛାରଙ୍କୁ ସବୁଠାରୁ ବଡ଼ ନଗଦ ପୁରସ୍କାର ମ୍ୟାନକାଇଣ୍ଡ ଫାର୍ମା ପକ୍ଷରୁ ମିଳିଛି । କମ୍ପାନି ତାଙ୍କ ଏବଂ ତାଙ୍କ ପରିବାର ପାଇଁ ୧ କୋଟି ଟଙ୍କାର ପୁରସ୍କାର ଘୋଷଣା କରିଛି । କମ୍ପାନି କହିଛି ଯେ ସ୍ମିତ ନିଜ ଜୀବନର ଚିନ୍ତା ନକରି କ୍ରୁ ସଦସ୍ୟ ଏବଂ ଯାତ୍ରୀମାନଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇଛନ୍ତି । ଏହା ତାଙ୍କ ଦାୟିତ୍ୱବୋଧର ଏକ ଉଦାହରଣ । ସ୍ମିତ ମହଚ୍ଛାର ମୂଳତଃ ଗୁଜରାଟର ବାସିନ୍ଦା । ତାଙ୍କ ସାହସକୁ ଦୃଷ୍ଟିରେ ରଖି ଗୁଜରାଟ ସରକାର ତାଙ୍କୁ 'ବିଶିଷ୍ଟ ଗୁଜରାଟ ଗରିମା ପୁରସ୍କାର' ଦେବାକୁ ଘୋଷଣା କରିଛନ୍ତି । ଏହା ସହିତ ସରକାର ତାଙ୍କୁ ୨୫ ଲକ୍ଷ ଟଙ୍କାର ନଗଦ ପୁରସ୍କାର ଦେବାକୁ ମଧ୍ୟ ଘୋଷଣା କରିଛି । ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଅକ୍ଟୋବର ୧ ତାରିଖରେ ଏନେଇ ସୂଚନା ଦେଇଛନ୍ତି । ଏହା ବ୍ୟତୀତ ରାଜ୍ୟସଭା ସାଂସଦ ବିକ୍ରମଜିତ ସିଂହ ସାହନୀ (ସନ୍ ଫାଉଣ୍ଡେସନ୍) ମଧ୍ୟ ସ୍ମିତ ମହଚ୍ଛାରଙ୍କ ପାଇଁ ୨୫ ଲକ୍ଷ ଟଙ୍କାର 'ସ୍ମିତ ମହଚ୍ଛାର ଶୌର୍ଯ୍ୟ ପୁରସ୍କାର' ଘୋଷଣା କରିଛନ୍ତି । ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସ୍ମିତଙ୍କୁ ଜାତୀୟ ସ୍ତରର ବୀରତା ପୁରସ୍କାର ଦେବାକୁ ମଧ୍ୟ ଦାବି କରିଛନ୍ତି । ଏହା ସହିତ ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ପାଇଲଟ୍ ଏବଂ ଅନ୍ୟ ଜନପ୍ରତିନିଧିମାନେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ସ୍ମିତଙ୍କୁ ଜାତୀୟ ବୀରତା ପୁରସ୍କାର କିମ୍ବା ଅଶୋକ ଚକ୍ର ପ୍ରଦାନ କରିବାକୁ ଅନୁରୋଧ କରିଛନ୍ତି ।

ଆଗୁଆ ଦୀପ ଜାଳିବାକୁ ନେଇ କଂଗ୍ରେସ ସାଂସଦ ଓ ଟିଭିକେ ବିଧାୟକଙ୍କ ମଧ୍ୟରେ ବିବାଦ

ତ୍ରିଚି, ୫/୧୦ (ନ୍ୟୁ.ଏ): ଥାଲାପଥି ବିଜୟଙ୍କ ଟିଭିକେର ଜଣେ ବିଧାୟକ ଏବଂ କଂଗ୍ରେସ ରାଜ୍ୟସଭା ସାଂସଦଙ୍କ ମଧ୍ୟରେ ବିବାଦ । ଏକ କାର୍ଯ୍ୟକ୍ରମରେ ଆଗୁଆ ମହମବତୀ ଜାଳିବାକୁ ନେଇ ଆରମ୍ଭ ହୋଇଥିଲା ଏହି ବିବାଦ । ପରିସ୍ଥିତି ଏପରି ଖରାପ ହୋଇଗଲା ଯେ ଟିଭିକେ ବିଧାୟକ ନବଲପକ୍କୁ ବିଜୟ କଂଗ୍ରେସ ସାଂସଦ କ୍ରିଷ୍ଟୋଫର ତିଲକଙ୍କ ହାତରୁ ମହମବତୀ ତଳେ ପକାଇ ଦେଇଥିଲେ । ଏହି ଘଟଣା ମଂଚ ଉପରେ କିଛି ସମୟ ପାଇଁ ଉତେଜନା ସୃଷ୍ଟି କରିଥିଲା । ତାମିଲନାଡୁ ସରକାରଙ୍କ ମନ୍ତ୍ରୀ ଏସ. ରମେଶ ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ଏବଂ ଦୁଇ ନେତାଙ୍କୁ ଶାନ୍ତ କରିବାକୁ ଚେଷ୍ଟା କରିଥିଲେ । ତ୍ରିଚିରେ ସମନ୍ୱିତ ଶିଶୁ ବିକାଶ ସେବା ଓଭରଙ୍କ ପକ୍ଷରୁ ଏକ ସାମୁଦାୟିକ ଗୋଦଭରାଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ମଂଚରେ ତାମିଲନାଡୁ ସରକାରଙ୍କ ମନ୍ତ୍ରୀ ଏସ୍. ରମେଶଙ୍କ ସମେତ ଅନେକ ଜନପ୍ରତିନିଧି ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ଦୀପ ପ୍ରଜ୍ୱଳନ କରାଯାଉଥିଲା । ପ୍ରଥମେ ମନ୍ତ୍ରୀ ଏସ୍. ରମେଶ ଏବଂ ପରେ ଜିଲ୍ଲାପାଳ ପ୍ରତୀକ ଦୟାଳ ଦୀପ ଜଳାଇଥିଲେ । ଏହି ସମୟରେ କଂଗ୍ରେସ ସାଂସଦ କ୍ରିଷ୍ଟୋଫରଙ୍କୁ ଦୀପ ଜଳାଇବା ପାଇଁ ମହମବତୀ ଦିଆଯାଇଥିଲା । ଏହାପରେ ଆରମ୍ଭ ହୋଇଥିଲା ବିବାଦ । କୁହାଯାଉଛି ଯେ, ଟିଭିକେ ବିଧାୟକ ଏହି କଥାକୁ ନେଇ ଅସନ୍ତୁଷ୍ଟ ଥିଲେ । ଯେତେବେଳେ କଂଗ୍ରେସ ସାଂସଦ କ୍ରିଷ୍ଟୋଫର ଦୀପ ଜାଳିବାକୁ ଆଗକୁ ଆସିଲେ ଏବଂ ଟିଭିକେ ବିଧାୟକଙ୍କୁ ମହମବତୀ ପ୍ରଦାନ କରାଗଲା, ବିଧାୟକ ଏହାକୁ ନେବା ପରିବର୍ତ୍ତେ ଫୋପାଡ଼ି ଦେଲେ । ପରିସ୍ଥିତି ଉତେଜନାପୂର୍ଣ୍ଣ ହେବାରୁ ମଂଚରେ ଥିବା ମନ୍ତ୍ରୀ ଏସ୍. ରମେଶ ହସ୍ତକ୍ଷେପ କରି ଉଭୟଙ୍କୁ ଶାନ୍ତ କରିଥିଲେ । ପରେ କାର୍ଯ୍ୟକ୍ରମ ପୁଣି ସ୍ୱାଭାବିକ ଭାବେ ଚାଲିଥିଲା । ଘଟଣାର ଭିଡିଓ ସାମ୍ନାକୁ ଆସିବା ପରେ ଏହାକୁ ନେଇ ରାଜନୈତିକ ଚର୍ଚ୍ଚା ଜୋର ଧରିଛି । ବିଶେଷକରି ଡିଏମକେ ଏବଂ କଂଗ୍ରେସ ଏକେ ମେଂଟର ଅଂଶ ହୋଇଥିବା ବେଳେ ସାର୍ବଜନୀନ ମଂଚରେ ଏଭଳି ବିବାଦ ନେଇ ପ୍ରଶ୍ନ ଉଠିଛି । ତେବେ ମନ୍ତ୍ରୀ ଏସ୍. ରମେଶ କହିଛନ୍ତି ଯେଉଭୟ ନେତାଙ୍କ ମଧ୍ୟରେ କୌଣସି ସମସ୍ୟା ନାହିଁ ।ଦୀପ ଜଳାଇବାକୁ ନେଇ ଆରମ୍ଭ ହୋଇଥିବା ଏହି ଛୋଟ ବିବାଦ, ଏବେ ତାମିଲନାଡୁ ରାଜନୀତିରେ ଚର୍ଚ୍ଚାର ବଡ଼ ବିଷୟ ପାଲଟିଛି । ଏହି ଘଟଣାର ଏକ ଭିଡିଓ ସାମ୍ନାକୁ ଆସିଛି, ଏବଂ ସୋସିଆଲ ମିଡିଆରେ ବିଭିନ୍ନ ପ୍ରକାରର କମେଂଟର ସୁଅ ଛୁଟିଛି, ଅନେକ ଲୋକ କହୁଛନ୍ତି ଯେ ମେଂଟ ଭିତରେ ସବୁକିଛି ଠିକ୍ ନାହିଁ ।

ଜମ୍ମୁ କାଶ୍ମୀରରେ ହାଇ ଆଲର୍ଟ

ଶ୍ରୀନଗର, ୫/୧୦ (ନ୍ୟୁ.ଏ): ଜମ୍ମୁ କାଶ୍ମୀରର ବଡ଼ଗାମ ଜିଲ୍ଲାରେ ଏକ ମିଳିତ ଅପରେସନ୍‌ରେ ଶୀର୍ଷ ଏଲଇଟି (ଲସ୍କର ଏ ତଏବା) କମାଣ୍ଡର ହଶିମ ମୁସା ଓରଫ୍ ଅସିଫ୍ ଫୌଜୀ ନିପାତ ହୋଇଥିଲା । ଏଲଇଟି ପାଇଁ ଏହା ଏକ ଶକ୍ତ ଧକ୍କା ଥିଲା । ମୁସା ନିପାତ ହେବା ଜମ୍ମୁ କାଶ୍ମୀରରେ ଏଲଇଟି ଇକୋସିଷ୍ଟମ୍ ପାଇଁ ଏକ ଶକ୍ତ ଧକ୍କା ବୋଲି ଗୃହ ମନ୍ତ୍ରାଳୟ ବର୍ଣ୍ଣନା କରିଥିଲା । ତେବେ ମୁସା ନିପାତ ହେବା ଘଟଣାର ପ୍ରତିଶୋଧ ନେବାପାଇଁ ଏଲଇଟି ଜମ୍ମୁ କାଶ୍ମୀରରେ ଏକ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ ଯୋଜନା କରିପାରେ ବୋଲି ଗୁଇନ୍ଦା ସୂଚନା ମିଳିବାପରେ ଜମ୍ମୁ କାଶ୍ମୀରରେ ହାଇ ଆଲର୍ଟ ଜାରି କରାଯାଇଛି । ପାକିସ୍ତାନ ସମର୍ଥିତ ଏହି ଆତଙ୍କବାଦୀ ଗୋଷ୍ଠୀ ସୁରକ୍ଷା ପ୍ରତିଷ୍ଠାନ, ଧାର୍ମିକ ସ୍ଥଳ, ଭିଭିଆଇପି, ପ୍ରବାସୀ ଶ୍ରମିକ ଏବଂ ମୁଖ୍ୟ ଓ ଗହଳିପୂର୍ଣ୍ଣ ବଜାରକୁ ଟାର୍ଗେଟ୍ କରିପାରେ ବୋଲି ଗୁଇନ୍ଦା ଅଧିକାରୀ କହିଛନ୍ତି । ଏଥିପାଇଁ ଜମ୍ମୁ କାଶ୍ମୀରରେ ସୁରକ୍ଷା କଡ଼ାକଡ଼ି କରାଯାଇଛି । ମୋବାଇଲ୍ ସରପ୍ରାଇଜ୍ ଚେକ୍, ଗାଡ଼ିମୋଟର ସର୍ଚ୍ଚ, ନାଇଟ୍ ପାଟ୍ରୋଲିଂ ଆଦି ବଢ଼ାଯାଇଛି । ସମ୍ବେଦନଶୀଳ ସେକ୍ଟର ଗୁଡ଼ିକରେ ଏଲ୍ଓସି ନିକଟରେ ପାଟ୍ରୋଲିଂ ବୃଦ୍ଧି କରାଯାଇଛି । ସୁରକ୍ଷା ସଂସ୍ଥା ଗୁଡ଼ିକ ମଧ୍ୟ ଜମ୍ମୁ କାଶ୍ମୀରରେ ଏବେ ସକ୍ରିୟ ଥିବା ପ୍ରାୟ ୩୫-୪୦ ବିଦେଶୀ ଆତଙ୍କବାଦୀଙ୍କୁ ଟାର୍ଗେଟ୍ କରିବା ଉପରେ ଫୋକସ୍ କରୁଛନ୍ତି ।

ଭାରତ-ଆମେରିକା ବାଣିଜ୍ୟ ରାଜିନାମାର ଅଗ୍ରଗତି ଅଟକି ଯାଇଛି

ନୂଆଦିଲ୍ଲୀ, ୫/୧୦ (ନ୍ୟୁ.ଏ): ଭାରତ ଓ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ରାଜିନାମାର ଅଗ୍ରଗତି ଅଟକି ଯାଇଛି । ଉଭୟ ପକ୍ଷ ଆଉ ଅଧିକ ରିହାତି ଦେବାକୁ ପ୍ରସ୍ତୁତ ନଥିବାରୁ ଏହା ଆଗକୁ ବଢ଼ିବା କଷ୍ଟକର । ତେବେ ଯଦି ଉଭୟ ପକ୍ଷଙ୍କୁ ସୁଯୋଗ ମିଳେ ତାହେଲେ ସେମାନେ ଏ ନେଇ ପଦକ୍ଷେପ ନେବେ । ନୂଆଦିଲ୍ଲୀରେ ଅନୁଷ୍ଠିତ ମ୍ୟୁନିକ ଲିଡର୍ସ ବୈଠକରେ ଯୋଗଦେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏହା କହିଛନ୍ତି । ଦ୍ୱିପାକ୍ଷିକ ବାଣିଜ୍ୟ ଭାରତ ସପକ୍ଷରେ ରହିଛି । ଅର୍ଥାତ ଭାରତ ଆମେରିକାକୁ ଅଧିକ ରପ୍ତାନି କରୁଛି ଏବଂ କମ୍ ଆମଦାନି କରୁଛି । ତେଣୁ ଏହି ଅସମତୁଲତାକୁ ସମତୁଲ କରିବାକୁ ଆମେରିକା ଚାହିବା ସ୍ୱାଭାବିକ ।

ଜ୍ଞାନେଶ କୁମାରଙ୍କ ନିଲମ୍ବନ ଦାବି ସୁପ୍ରିମକୋର୍ଟରେ ଖାରଜ

ନୂଆଦିଲ୍ଲୀ, ୫/୧୦ (ନ୍ୟୁ.ଏ): ଭାରତୀୟ ମୁଖ୍ୟ ନିର୍ବାଚନ କମିଶନ୍(ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ ଦାଖଲ ଆବେଦନ ଉପରେ ସୁପ୍ରିମକୋର୍ଟରେ ଶୁଣାଣି ହୋଇଛି । ଏହି ମାମଲାରେ ଯୁକ୍ତି ପରେ ସୁପ୍ରିମକୋର୍ଟ ସିଇସି ଜ୍ଞାନେଶ କୁମାରଙ୍କୁ ନିଲମ୍ବନକୁ ଖାରଜ କରିଦେଇଛନ୍ତି । ସୁପ୍ରିମକୋର୍ଟ ଶୁଣାଣି ବେଳେ କହିଛନ୍ତି, ତାଙ୍କୁ ଆଶା ରହିଛି ଯେ, ସମ୍ବିଧାନିକ ସଂସ୍ଥା ଆଇନ ଅନୁସାରେ କାମ କରିବ । ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ବାଗଚୀ ଓ ଜଷ୍ଟିସ୍ ଭି.ମୋହନଙ୍କ ଖଣ୍ଡପୀଠ ଏହି ମାମଲାରେ ନିର୍ବାଚନ କମିଶନଙ୍କୁ ନୋଟିସ୍ ଜାରି କରି ଜବାବ ମାଗିଛନ୍ତି । ଆବେଦନରେ ଅଭିଯୋଗ ରହିଛି ଯେ, ଏସଆଇଆର ଫର୍ମ-୬ ରେ ପରିବର୍ତ୍ତନ ଓ ନିର୍ବାଚନ କମିଶନଙ୍କ ଅନ୍ୟ କୌଣସି ନିଷ୍ପତି ଆଇନରେ ନିର୍ଦ୍ଧାରିତ ପକ୍ରିୟାର ଉଲଂଘନ ନେଇ ଅଭିଯୋଗ ରହିଛି । ନିର୍ବାଚନ କମିଶନଙ୍କୁ ଆଇନ ଅନୁଯାୟୀ ନିଷ୍ପତି ସର୍ବସମ୍ମତିକ୍ରମେ କିମ୍ବା ବହୁମତ ଭୋଟରେ ନିଆଯିବା ଆବଶ୍ୟକ । ଏହି ଆବେଦନ ସାମାଜିକ କର୍ମୀ ରାକେଶ କୁମାର ସିଂହ ଓ ଆଇନଜୀବି ଶୈଳେନ୍ଦ୍ର ମଣି ତ୍ରିପାଠୀ ଦାଖଲ କରିଥିଲେ । ରାକେଶ କୁମାର ସିଂହଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବି ବିକାଶ ସିଂହ ହାଜର ହୋଇଥିଲେ । ସେ ଜନପ୍ରତିନିଧିତ୍ୱ ଆଇନର ମୂଳ ସ୍ୱରୂପ ଓ ଏଥିରେ କରାଯାଇଥିବା ପରିବର୍ତ୍ତନ ସହ ଧାରା ୧୦(୨) ଓ ୧୦(୩)ର କଥା କହିଥିଲେ । ଆବେଦନର ଶୁଣାଣି ସମୟରେ, ସିଜେଆଇ ସୂର୍ଯ୍ୟକାନ୍ତଙ୍କ ଖଣ୍ଡପୀଠ ସ୍ପଷ୍ଟ ସୂଚାଇ ଦେଇଥିଲେ ଯେ ଯଦି ନିର୍ବାଚନ କମିଶନଙ୍କ ଉତର ଦେଖିବା ପରେ ଏହା ପ୍ରମାଣିତ ହୁଏ ଯେ ନିୟମ ଏବଂ ସହମତିକୁ ଅଣଦେଖା କରି ନିଷ୍ପତି ନିଆଯାଇଛି, ତେବେ କୋର୍ଟ ସେହି ନିଷ୍ପତିଗୁଡ଼ିକୁ ପ୍ରତ୍ୟାହାର କରିବାକୁ ସଂକୋଚ କରିବେ ନାହିଁ । ବରିଷ୍ଠ ଆଇନଜୀବି ବିକାଶ ସିଂହ ଯୁକ୍ତି ଦେଇଥିଲେ ଯେ ନୂତନ ଆଇନ ମୁଖ୍ୟ ନିର୍ବାଚନ କମିଶନରଙ୍କୁ ଅତ୍ୟନ୍ତ ଶକ୍ତିଶାଳୀ କରିଛି । ସେ କହିଥିଲେ ଯେ ଅବସର ପରେ ମଧ୍ୟ ସିଇସି ତଦନ୍ତରୁ ସୁରକ୍ଷିତ । ସିଂହ କହିଥିଲେ, 'ପ୍ରଧାନମନ୍ତ୍ରୀଙ୍କ ପାଖରେ କିମ୍ବା ବିଚାରପତିଙ୍କ ପାଖରେ ମଧ୍ୟ ଏପରି ସୁରକ୍ଷା ନାହିଁ ।' ଏହା ଉପରେ ଜଷ୍ଟିସ ବାଗଚୀ କହିଥିଲେ ପଦରେ ରହି ସଂରକ୍ଷଣ ପୂର୍ବରୁ ବି ଆଇନ ତିଆରି ହୋଇଥିଲା । ସିଂହ ଜବାବ୍ ଦେଇଛନ୍ତି ଯେ, ଏବେ ଆଇନ ଅବସର ପରେ ବି ସୁରକ୍ଷା ଦେଉଛି । ସିଜେଆଇ କହିଥିଲେ, ସମ୍ପର୍କିତ ଆଇନକୁ ଚ୍ୟାଲେଞ୍ଜ ଦେଉଥିବା ମାମଲା ପୂର୍ବରୁ ପଡି ରହିଛି । ବିକାଶ ସିଂହ କହିଛନ୍ତି, ସେ ଏହି ମାମଲାରେ ଆଇନକୁ ଚ୍ୟାଲେଞ୍ଜ ଦେବାକୁ ଚାହାନ୍ତି ନାହିଁ, ବରଂ ଏହା ଦେଖିବାକୁ ଚାହାନ୍ତି ନିର୍ବାଚନ କମିଶନରେ ଆଗକୁ କ'ଣ ହେବ । ଆବେଦନକାରୀ ଜ୍ଞାନେଶ କୁମାରଙ୍କୁ ସିଇସି ପଦରୁ ନିଲମ୍ବନ କରିବାକୁ ମଧ୍ୟ ଦାବି କରିଥିଲେ । ବିକାଶ ସିଂହ କହିଛନ୍ତି ଯେ ଅନ୍ୟ ଦୁଇ ନିର୍ବାଚନ କମିଶନରଙ୍କୁ ନିର୍ବାଚନ କମିଶନ ଚଳାଇବାକୁ ଅନୁମତି ଦିଆଯିବା ଉଚିତ । ସେ ଅନୁପ ବର୍ଣ୍ଣୱାଲ ମାମଲା ପରି ବ୍ୟବସ୍ଥାର ପୁନରୁଦ୍ଧାର ପାଇଁ ମଧ୍ୟ ଦାବି କରିଥିଲେ, ଯେଉଁଥିରେ ସିଜେଆଇଙ୍କୁ ନିଯୁକ୍ତି କମିଟିରେ ସାମିଲ କରାଯାଇଥିଲା । ସିଂହ ଅଭିଯୋଗ କରିଥିଲେ ଯେ ସିଇସି ଏକପାଖିଆ ନିଷ୍ପତି ନେଉଛନ୍ତି । ଆଇନ ଅନୁଯାୟୀ, ନିର୍ବାଚନ କମିଶନଙ୍କ ନିଷ୍ପତି ଯଥାସମ୍ଭବ ସର୍ବସମ୍ମତିକ୍ରମେ ନିଆଯିବା ଉଚିତ ଏବଂ ଯଦି ତାହା ସମ୍ଭବ ନୁହେଁ, ତେବେ ସଂଖ୍ୟାଗରିଷ୍ଠତା ଦ୍ୱାରା ନିଆଯିବା ଉଚିତ । ସେ କହିଛନ୍ତି ଯେ ନିର୍ବାଚନ କମିଶନଙ୍କ ଦ୍ୱାରା ଗ୍ରହଣ କରାଯାଉଥିବା ପକ୍ରିୟା ଉପରେ ନିଷ୍ପତି ସର୍ବସମ୍ମତିରେ ନେଇ ହେବ ।

ଜ୍ଞାନେଶ କୁମାର ଫର୍ମ୬ ବେଆଇନ ଭାବେ ବଦଳାଇଛନ୍ତି: ରାହୁଲ

ନୂଆଦିଲ୍ଲୀ, ୫/୧୦ (ନ୍ୟୁ.ଏ): ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସୋମବାର ଅଭିଯୋଗ କରିଛନ୍ତି ଯେ, ମୁଖ୍ୟ ନିର୍ବାଚନ କମିସନର (ସିଇସି) ଜ୍ଞାନେଶ କୁମାର ବେଆଇନ ଓ ଏକପାଖିଆ ଭାବରେ ଫର୍ମ ୬ରେ ପରିବର୍ତ୍ତନ କରିଛନ୍ତି । ସୋମବାର ରାହୁଲ ଆହୁରି ଅଭିଯୋଗ କରିଛନ୍ତି ଯେ, ବିଜେପିକୁ ସାହାଯ୍ୟ କରିବା ପାଇଁ ଜ୍ଞାନେଶ କୁମାର ତାଙ୍କ ପଦବୀର ଅପବ୍ୟବହାର କରିଛନ୍ତି । ଏହି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଉତରଦାୟୀ ହେବାକୁ ପଡ଼ିବ । କଂଗ୍ରେସ ପାର୍ଟି ପକ୍ଷରୁ 'ଏକ୍ସ'ରେ ଏକ ପୋଷ୍ଟ କରଯାଇ ସିଇସି ଜ୍ଞାନେଶ କୁମାର ଜଣେ ଠକ ବୋଲି କୁହାଯାଇଛି । ପୋଷ୍ଟରେ କୁହାଯାଇଛି, ସେପ୍ଟେମ୍ବର ୨୬ ତାରିଖରେ ଜ୍ଞାନେଶ କୁମାର ଏକ ପ୍ରେସ୍ ନୋଟ୍ ଜାରି କରି କହିଥିଲେ ଯେ, ଫର୍ମ ୬ରେ ପରିବର୍ତ୍ତନ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ କରାଯାଉଥିଲା । କିନ୍ତୁ ଏବେ ସୁପ୍ରିମକୋର୍ଟ ସ୍ପଷ୍ଟ ଭାବରେ ମନାକରିଦେଇଛନ୍ତି । ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଭୋଟରଙ୍କ ନାମ କାଟିବା ସମ୍ବିଧାନ ଓ ଭାରତର ନିର୍ବାଚନ ପ୍ରକ୍ରିୟା ବିରୋଧରେ ବୋଲି ଅଭିଯୋଗ କରିଛନ୍ତି । କଂଗ୍ରେସ ସାଂସଦ କହିଛନ୍ତି ଯେ, ଜନସାଧାରଣ ଜାଣିପାରିଛନ୍ତି ଯେ, ନିର୍ବାଚନକୁ ହାସଲ କରାଯାଉଛି ଓ ତାଙ୍କ ଦଳ ଏହାର ପ୍ରତିବାଦ ଜାରି ରଖିବ ।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସମ୍ପାଦକ : ଶୁଭେନ୍ଦୁ ଦାସ
Editor : Subhendu Das